ପ୍ରଥମ ବର୍ଷ ● ତୃତୀୟ ସଂଖ୍ୟା
ମାର୍ଚ୍ଚ - ଅପ୍ରେଲ,୨୦୧୬



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)



ଆର୍ଯ୍ୟ ପ୍ରତିନିଧି ସଭା, ଆନ୍ଧ୍ରପ୍ରଦେଶ ଓ ତେଲାଙ୍ଗାନା ପକ୍ଷରୁ ଆୟୋଜିତ ବୈଦିକ ପରିବାର ପ୍ରଶିକ୍ଷଣ ଶିବିରରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କୁ ସମ୍ବର୍ଦ୍ଧନା



ମଞ୍ଚରେ ପ୍ରଫେସର୍ ବିଟ୍ଠଲ ରାଓ, ସ୍ୱାମୀ ସୁଧାନନ୍ଦ ସରସ୍ୱତୀ , କୈଳାସ କର୍ମଠ, ଡଃ. ସୋମଦେବ ଶାସ୍ତ୍ରୀ, ଡଃ. ପବିତ୍ରା ବେଦାଲଙ୍କାର ଓ ଧର୍ମପାଳ ଶାସ୍ତ୍ରୀ ପ୍ରମୁଖ





ସମ୍ବଲପୁର ସାଲିହା ବଗିଚାସ୍ଥିତ ଲାୟନ୍ସ କ୍ଲବ୍‌ଠାରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ବେଦ ପ୍ରବଚନ । ସଂଯୋଜନା କରୁଛନ୍ତି ସୁରଭି ସାହୁ । ଉପସ୍ଥିତ ଶ୍ରୋତୃବୃନ୍ଦ





ସମ୍ବଲପୁରର ସରକାରୀ ମହିଳା ମହାବିଦ୍ୟାଳୟରେ ଉଦ୍‌ବୋଧନ ଦେଉଛନ୍ତି ସ୍ୱାମୀ ସୁଧାନନ୍ଦ





ସମ୍ବଲପୁରର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ସୁଧାନନ୍ଦଙ୍କ ଉଦ୍‌ବୋଧନ




ବରଗଡ଼ରେ ସ୍ୱାମୀ ସୁଧାନନ୍ଦଙ୍କ ବେଦ ପ୍ରବଚନ



କେନ୍ଦ୍ରାପଡ଼ାରେ ସନ୍ଥ ସମ୍ମିଳନୀରେ ସ୍ୱାମୀ ସୁଧାନନ୍ଦ

**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ଦାସ**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଶୈଳଶ୍ରୀ ବିହାର**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧**
ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**
Spiritual Social Vedic Magazine
Bimonthly
Vol-1, Issue-3, Mar-Apr 2016


## ସୂଚୀପତ୍ର


| | | |
|---|---|---|
| ୦୧. | ସମ୍ପାଦକୀୟ | ୦୨ |
| ୦୨. | ବୈଦିକ ଧର୍ମ ଓ ଅନ୍ୟ ମତ-ମତାନ୍ତର | ୦୪ |
| ୦୩. | ଭଗବାନଙ୍କୁ ଭଲପାଇବା ନା ଭୟକରିବା ? | ୧୧ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୪ |


ପ୍ରତ୍ୟେକ ଧର୍ମମତରେ ଅନେକ ବିଦ୍ୱାନ୍ ଅଛନ୍ତି । ସେମାନେ ଯଦି ପକ୍ଷପାତ ତ୍ୟାଗ କରି ସର୍ବତନ୍ତ୍ର-ସିଦ୍ଧାନ୍ତ ଅର୍ଥାତ୍ ଯେଉଁ ସବୁ କଥା ସମସ୍ତଙ୍କ ଅନୁକୂଳ, ସବୁ ମତରେ ସତ୍ୟ ନିହିତ ଅଛି, ସେ ସବୁର ଗ୍ରହଣ ଏବଂ ଯାହା ସବୁ ପରସ୍ପର-ବିରୋଧୀ କଥା ଅଛି, ସେସବୁର ପରିତ୍ୟାଗ କରି ପରସ୍ପର ପ୍ରୀତିପୂର୍ବକ ବ୍ୟବହାର କରିବେ-କରାଇବେ, ତେବେ ଜଗତର ପୂର୍ଣ୍ଣ କଲ୍ୟାଣ ସାଧିତ ହେବ । କାରଣ ବିଦ୍ୱାନଙ୍କ ମଧ୍ୟରେ ବିରୋଧ ଦ୍ୱାରା ଅବିଦ୍ୱାନଙ୍କ ମଧ୍ୟରେ ବିରୋଧ ବୃଦ୍ଧି ପାଇ ଜଗତରେ ଅନେକ ପ୍ରକାର ଦୁଃଖର ଅଭିବୃଦ୍ଧି ଓ ସୁଖର ହାନି ହୋଇଥାଏ ।

**- ମହର୍ଷି ଦୟାନନ୍ଦ ସରସ୍ୱତୀ**


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

ସମ୍ପାଦକୀୟ:

# ଭାରତୀୟ ନବବର୍ଷ

## ଚୈତ୍ର ଶୁକ୍ଳ ପ୍ରତିପଦା ଓ ମହାବିଷୁବ ସଂକ୍ରାନ୍ତି (ଅପ୍ରେଲ ୮ ଓ ୧୩ ଶୁକ୍ରବାର)ଉପଲକ୍ଷ୍ୟେ

ପ୍ରତ୍ୟେକ ସଭ୍ୟ ରାଷ୍ଟ୍ରରେ ନବବର୍ଷ ପାଳନ କରାଯାଇଥାଏ । ଏହାକୁ ବିଭିନ୍ନ ରାଷ୍ଟ୍ରରେ ଭିନ୍ନଭିନ୍ନ ଶୈଳୀରେ ପାଳନ ହୁଏ । ଏହି ଆର୍ଯ୍ୟାବର୍ତ୍ତର ମନ୍ତ୍ରଦ୍ରଷ୍ଟା ଋଷିଗଣ ସୃଷ୍ଟି ଆରମ୍ଭରୁ ସୃଷ୍ଟିଉତ୍ପତ୍ତି ଦିବସ ବା ନୂତନ ସମ୍ବତ୍ସର ଆରମ୍ଭକୁ ପର୍ବ ରୂପେ ପାଳନ କରିଆସୁଥିଲେ ଯାହା ଆଜି ବି ପ୍ରାଚୀନ ପରମ୍ପରାନୁସାରେ ପାଳିତ ହେଉଛି । ତେବେ ସମଗ୍ର ବିଶ୍ୱରେ ଭାରତ ହିଁ ଏଭଳି ଏକ ରାଷ୍ଟ୍ର ଯେଉଠି ସର୍ବ ପୁରାତନ ତଥା ସର୍ବାଧିକ କାଳଗଣନା ପଦ୍ଧତି ପ୍ରଚଳିତ । ଏଠାରେ ସୃଷ୍ଟ୍ୟାବ୍ଦ, ଯୁଗାବ୍ଦ ତଥା ବିକ୍ରମାବ୍ଦ, ଦିଲ୍ଲୀଶ୍ୱରାବ୍ଦ, ଶକାବ୍ଦ, ଖ୍ରୀଷ୍ଟାବ୍ଦ, ହିଜିରୀସାଲ, ଶ୍ରୀଶ୍ରୀ ଦିବ୍ୟସିଂହ ଦେବଙ୍କ ନାମରେ ପ୍ରଚଳିତ ଅଙ୍କ ପରି ଅନେକ ମହାପୁରୁଷଙ୍କ ନାମରେ ଅନେକ ଅଙ୍କ ବା ଅବ୍ଦ ପ୍ରାନ୍ତୀୟ ତଥା ସର୍ବଭାରତୀୟ ସ୍ତରରେ ପ୍ରଚଳିତ ।

ବାସ୍ତବରେ ଆମର କାଳଗଣନା ପଦ୍ଧତି ବା ନବ ବର୍ଷର ପରିକଳ୍ପନା ହେଉଛି ଅତି ପୁରାତନ । ଏହା ବୈଦିକ ଜ୍ୟୋତିଷ ଶାସ୍ତ୍ରାନୁସାରେ ହୋଇଥାଏ । ଏହି ପ୍ରାଚୀନ ପଦ୍ଧତି ଦ୍ୱାରା ଆମର ପୂର୍ବଜ ମୁନି-ଋଷିଗଣ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ତଥା ପ୍ରଳୟର ଅବଧିକୁ ଜାଣିବାରେ ସମର୍ଥ ହୋଇଛନ୍ତି । ଏହି ପଦ୍ଧତିରେ ପ୍ରତ୍ୟେକ ସୃଷ୍ଟିକାଳକୁ ବ୍ରହ୍ମଦିନ ଏବଂ ପ୍ରଳୟ କାଳକୁ ବ୍ରହ୍ମରାତ୍ରି କୁହାଯାଏ । ପ୍ରତ୍ୟେକ ସୃଷ୍ଟି ଓ ପ୍ରଳୟର ଅବଧି ଏକ ହଜାର (୧୦୦୦) ଚତୁର୍ଯୁଗୀ ଲେଖାଏଁ ହୋଇଥାଏ । ଏହି ସୃଷ୍ଟି ଓ ପ୍ରଳୟର ଚକ୍ର ଦିବା-ରାତ୍ରି ପରି ଅନାଦି କାଳରୁ ନିରନ୍ତର ଚାଲିଛି । ସୃଷ୍ଟି ଉତ୍ପତ୍ତି ସମ୍ବନ୍ଧରେ "ହିମାଦ୍ରୀ" ଜ୍ୟୋତିଷ ଗ୍ରନ୍ଥରେ କୁହାଯାଇଛି —

**ଚୈତ୍ରେ ମାସି ଜଗଦ୍ ବ୍ରହ୍ମା ସସର୍ଜ ପ୍ରଥମେଽହନି ।**
**ଶୁକ୍ଳପକ୍ଷେ ସମଗ୍ରନ୍ତୁ, ତଦା ସୂର୍ଯୋଦୟେ ସତି ॥**

ଚୈତ୍ର ମାସ ଶୁକ୍ଳପକ୍ଷର ପ୍ରଥମ ଦିନରେ ନୂତନ ସୂର୍ଯ୍ୟୋଦୟ ସହିତ ପରମାତ୍ମା ଏହି ସୃଷ୍ଟିକୁ ରଚନା କଲେ । ତେଣୁ ଏହି ତିଥିରେ ହିଁ ବ୍ରହ୍ମଦିନ, ସୃଷ୍ଟିସମ୍ବତ, ବୈବସ୍ୱତାଦି ମନ୍ୱନ୍ତର, ସତ୍ୟ-ତ୍ରେତୟାଦି ଯୁଗ, ବର୍ଷ, ମାସ ଓ ଦିନ ଏକତ୍ର ଆରମ୍ଭ ହୋଇଥାଏ । ବିଭିନ୍ନ ପ୍ରାଚୀନ ଜ୍ୟୋତିଷ ଶାସ୍ତ୍ରରୁ ଜଣାଯାଏ କି ସୃଷ୍ଟିର ଉତ୍ପତ୍ତି ଚୈତ୍ର ଶୁକ୍ଳ ପ୍ରତିପଦାରେ ହୋଇଥିଲା ଏବଂ ସେହିଦିନ ହିଁ ବିଷୁବ ସଂକ୍ରାନ୍ତିରେ ପ୍ରଥମ ସୂର୍ଯ୍ୟୋଦୟ ହୋଇଥିଲା । ଅର୍ଥାତ୍ ଚାନ୍ଦ୍ରବର୍ଷ ଓ ସୌରବର୍ଷର ଆରମ୍ଭ ଏକ ସମୟରେ ହୋଇଥିଲା । ପରବର୍ତ୍ତୀ ସମୟରେ ସୌରବର୍ଷ ଓ ଚନ୍ଦ୍ରବର୍ଷ ମଧ୍ୟରେ ରହିଥିବା ତାରତମ୍ୟ ହେତୁ ଉଭୟ ବିଷୁବ ସଂକ୍ରାନ୍ତି ଓ ଚୈତ୍ର ଶୁକ୍ଳ ପ୍ରତିପଦା ପ୍ରାୟ ଗୋଟିଏ ଦିନରେ ପଡୁନାହିଁ । ତେବେ କିଛି ଲୋକ ଚୈତ୍ରଶୁକ୍ଳ ପ୍ରତିପଦା ତିଥିକୁ ନୂତନ ବର୍ଷ ଆରମ୍ଭ ଦିବସ ରୂପେ ପାଳନ କରୁଥିବା ବେଳେ ଆମ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ମେଷ ସଂକ୍ରାନ୍ତିକୁ ନବବର୍ଷ ରୂପେ ପାଳନ କରିବା ଦେଖାଯାଏ । ହେଲେ ଉଭୟ (ଚାନ୍ଦ୍ର ଓ ସୌର) ବର୍ଷର ଗଣନା ପ୍ରାଚୀନ ଜ୍ୟୋତିଷଶାସ୍ତ୍ର ସମ୍ମତ ।

ପାଶ୍ଚାତ୍ୟ ବୈଜ୍ଞାନିକମାନେ ଅନେକ ଗବେଷଣା କରି ରେଡିୟମ୍‌ର ଆବିଷ୍କାର ପରେ ଏହି ସୃଷ୍ଟିର ଆୟୁ ପ୍ରାୟ ଦୁଇଶହ (୨୦୦) କୋଟି ବର୍ଷ ହେବ ବୋଲି ଅନୁମାନ କରୁଥିବା ବେଳେ ପ୍ରାଚୀନ ଭାରତୀୟ ଜ୍ୟୋତିର୍ବିଦ୍‌ଙ୍କ ଅଭୂତପୂର୍ବ ସଫଳତା ଯୋଗୁ ଆମେ ଏକ ନିର୍ଭୁଲ ସ୍ପଷ୍ଟ ଚିତ୍ର ପାଇପାରିଛେ । ବୈଦିକ ସଂସ୍କୃତିରେ ଦୈନିକ ଅଗ୍ନିହୋତ୍ର ବା ସଂସ୍କାର ସମୟରେ ଯେଉଁ ସଂକଳ୍ପ ପାଠ କରାଯାଏ; ଯଥା— **ଓ୩ମ୍ ତତ୍‌ସତ୍ ଶ୍ରୀ ବ୍ରହ୍ମଣୋ ଦ୍ୱିତୀୟେ ପ୍ରହରୋତ୍ତରାର୍ଦ୍ଧେ ବୈବସ୍ୱତେ ମନ୍ୱନ୍ତରେଽଷ୍ଟାବିଂଶତିତମେ କଳିଯୁଗେ....** ଆଦିରୁ ସୃଷ୍ଟିର ଆୟୁ ସମ୍ବନ୍ଧରେ ନିମ୍ନଲିଖିତ ତଥ୍ୟ ମିଳିଥାଏ ।

| | | | |
|---|---|---|---|
| ୧. ବିଭିନ୍ନ ଯୁଗର ଅବଧି – ସତ୍ୟ | – | ୧୭,୨୮,୦୦୦ | (ସତର ଲକ୍ଷ ଅଠାଇଶି ହଜାର ବର୍ଷ) |
| ତ୍ରେତୟା | – | ୧୨,୯୬,୦୦୦ | (ବାରଲକ୍ଷ ଛୟାନବେ ହଜାର ବର୍ଷ) |
| ଦ୍ୱାପର | – | ୦୮,୬୪,୦୦୦ | (ଆଠଲକ୍ଷ ଚଉଷଠି ହଜାର ବର୍ଷ) |
| କଳି | – | ୦୪,୩୨,୦୦୦ | (ଚାରିଲକ୍ଷ ବତିଶି ହଜାର ବର୍ଷ) |
| ଏକ ଚତୁର୍ଯୁଗୀର ଅବଧି | – | ୪୩,୨୦,୦୦୦ | (ତେୟାଳିଶି ଲକ୍ଷ କୋଡିଏ ହଜାର ବର୍ଷ) |

ଏକ ମନୁ ବା ମନ୍ୱନ୍ତର = ୭୧ ଚତୁର୍ଯୁଗୀ =୭୧X୪୩,୨୦,୦୦୦ ) = ୩୦,୬୭,୨୦,୦୦୦ ବର୍ଷ
(ତିରିଶି କୋଟି ସତଷଠି ଲକ୍ଷ କୋଡିଏ ହଜାର ବର୍ଷ)

୨. ବର୍ତ୍ତମାନ ଏହି ସୃଷ୍ଟିର ଆୟୁ ହେଲା –

| | | | |
|---|---|---|---|
| ୬ ମନୁ =୬X(୩୦,୬୭,୨୦,୦୦୦) | = | ୧୮୪,୦୩,୨୦,୦୦୦ | ବର୍ଷ |
| ୭ମ ମନୁର ୨୭ ଚତୁର୍ଯୁଗୀ =୨୭X(୪୩,୨୦,୦୦୦) | = | ୧୧,୬୬,୪୦,୦୦୦ | ବର୍ଷ |
| ୨୮ତମ ଚତୁର୍ଯୁଗୀର ସତ୍ୟ + ତ୍ରେତୟା + ଦ୍ୱାପର | = | ୩୮,୮୮,୦୦୦ | ବର୍ଷ |
| ଅପ୍ରେଲ ୮ରେ କଳିଯୁଗର ଆୟୁ ଆରମ୍ଭ ହେଉଛି | = | ୦୫,୧୧୭ | ବର୍ଷ |
| ସର୍ବ ମୋଟ | = | ୧୯୬,୦୮,୫୩,୧୧୭ | ବର୍ଷ |

ଚଳିତ ୨୦୧୬ ଅପ୍ରେଲ ୮ ତାରିଖ (ଚୈତ୍ର ଶୁକ୍ଳ ପ୍ରତିପଦା) ରେ ଏହି ବିଶ୍ୱର ଆୟୁ ୧୯୬,୦୮,୫୩,୧୧୭ (ଏକଶତ ଛୟାନବେ କୋଟି ଆଠଲକ୍ଷ ତେପନ ହଜାର ଏକଶତ ସତର) ବର୍ଷରେ ପଦାର୍ପଣ କରୁଛି । ତେଣୁ ଏହି ସୁନ୍ଦର ସୃଷ୍ଟିକୁ ଭଲପାଇବା ଏବଂ ସ୍ରଷ୍ଟାଙ୍କ ପ୍ରତି କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ଏହି ଆର୍ଯ୍ୟାବର୍ତ୍ତର ମହାନ୍ ପରମ୍ପରାକୁ ସମ୍ମାନ ଜଣାଇ ଦେଶର ଅଗଣିତ ସଚେତନ, ସ୍ୱାଭିମାନୀ, ସଂସ୍କୃତି ପ୍ରେମୀ ଆଜି ଚୈତ୍ର ଶୁକ୍ଳ ପ୍ରତିପଦା ଶୁକ୍ରବାର(ଅପ୍ରେଲ ୮)କୁ ନବବର୍ଷ ରୂପେ ପାଳନ କରୁଛନ୍ତି । ଆଜିର ଏହି ନବବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ ଏହା ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

**ପଦ୍ମନାଭ ସ୍ୱାଇଁ**

❖❖❖

*(ଶେଷ ପୃଷ୍ଠାରୁ...)*

**ବରଗଡ଼ରେ ବେଦ ପ୍ରବଚନ**

ବେଦ ପ୍ରଚାର ସମିତି, ବରଗଡ଼ ଶାଖା ପକ୍ଷରୁ ବରଗଡ଼ରେ ଫେବ୍ରୁଆରୀ ୯ ରୁ ୧୧ ପର୍ଯ୍ୟନ୍ତ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ବେଦ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀଜୀ ପ୍ରବଚନରେ କହିଲେ ଯେ, ଈଶ୍ୱର ସୃଷ୍ଟ ପାଣି, ପବନ, ସୂର୍ଯ୍ୟାଲୋକ, ପୃଥିବୀ ଆଦିରେ ଯେପରି ମନୁଷ୍ୟମାତ୍ରକେ ପ୍ରତ୍ୟେକଙ୍କର ଅଧିକାର ଅଛି, ସେହିପରି ଈଶ୍ୱରଙ୍କ ସୃଷ୍ଟ ବେଦ ଜ୍ଞାନରେ ମଧ୍ୟ ମଣିଷ ମାତ୍ରକେ ପ୍ରତ୍ୟେକଙ୍କର ଅଧିକାର ଅଛି । ରଙ୍ଗ-ଲିଙ୍ଗ-ବର୍ଗ ଆଧାରରେ କାହାରିକୁ ଏଥିରୁ ବଞ୍ଚିତ କରାଯାଇପାରିବ ନାହିଁ । କିନ୍ତୁ ଅତୀବ ଦୁଃଖର ବିଷୟ ଯେ, ଧର୍ମର ଠିକାଦାର ସାଜିଥିବା ମୁଷ୍ଟିମେୟ ଲୋକ ସମାଜର ଅଧିକ ସଂଖ୍ୟକ ଲୋକଙ୍କୁ ସେମାନଙ୍କର ଏହି ମୌଳିକ ଅଧିକାରରୁ ବଞ୍ଚିତ କରି ରଖିଛନ୍ତି । ସୂର୍ଯ୍ୟଙ୍କ ପ୍ରକାଶର ଅବର୍ତ୍ତମାନରେ ଯେପରି ଅନ୍ଧକାର ଯୋଗୁଁ ରାସ୍ତା ଦେଖାନଯାଇ ପଦେ-ପଦେ ଝୁଣ୍ଟି ହେବାକୁ ପଡ଼େ, ସେହିପରି ବେଦର ଜ୍ଞାନ ପ୍ରକାଶରୁ ଦୂରେଇ ରହିବା ଦ୍ୱାରା ଆମେ ଜୀବନ ଯାତ୍ରାର ସମସ୍ୟାରେ ବାଟବଣା ହୋଇ ପ୍ରତି ପଦେ-ପଦେ ଝୁଣ୍ଟି ହେଉଛୁ, କ୍ଷତ-ବିକ୍ଷତ ହେଉଛୁ । ଏଣୁ ଆଜି ଆମ ସମସ୍ତଙ୍କର ଧ୍ୟେୟ ହେଉ- 'ବେଦଂ ଶରଣଂ ଗଚ୍ଛାମି' । ଇତ୍ୟବସରରେ ବରଗଡ଼ର କେନ୍ଦ୍ରୀୟ ବିଦ୍ୟାଳୟ ଓ କଟାପାଲିର ମହାବିଦ୍ୟାଳୟ ମଧ୍ୟ ସ୍ୱାମୀଜୀଙ୍କ ଉଦ୍‌ବୋଧନ ହୋଇଥିଲା । ❖

**ସିଦ୍ଧାନ୍ତ ଚର୍ଚ୍ଚା :**

# ବୈଦିକ ଧର୍ମ ଓ ଅନ୍ୟ ମତ-ମତାନ୍ତର

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

ଯେତେବେଳେ ପଶୁବଧର ପ୍ରାବଲ୍ୟ ହେଲା ସେତେବେଳେ ତାହାର ସୁଧାର ଆବଶ୍ୟକ ହେଲା, କାରଣ ଦୟା ହେଉଛି ମନୁଷ୍ୟର ସର୍ବଶ୍ରେଷ୍ଠ ଗୁଣ । ଏପରି କିଛି ନା କିଛି ଲୋକ ଥାଆନ୍ତି ଯେଉଁମାନଙ୍କଠାରେ ଏହି ଗୁଣର ଜାଗୃତି ପ୍ରଚଳିତ ପ୍ରଥାଗୁଡ଼ିକ ବିରୋଧରେ ବି ଖୁବ୍ ତୀବ୍ରତାର ସହ ପ୍ରଚଣ୍ଡ ରୂପେ ହୋଇଯାଇଥାଏ । ଭାରତବର୍ଷରେ ଜୈନମତ ଓ ବୌଦ୍ଧମତ ଏହିଭଳି ହିଁ ଦୁଇଟି ମୁଖ୍ୟ ସୁଧାର ଆନ୍ଦୋଳନ ଥିଲା । ଏ ଉଭୟ ମତର ପ୍ରବର୍ତ୍ତକମାନେ ଯଜ୍ଞ ଓ ଯଜ୍ଞର ଦେବତାମାନଙ୍କ ବିରୋଧରେ ନିଜର ସ୍ୱରୋତ୍ତୋଳନ କରିଥିଲେ ।

## ଈଶ୍ୱରଙ୍କ ଦ୍ୱାରା ଲାଭ କ'ଣ ?

ଏହି ବିରୋଧ ହିଁ ସଂସାରରୁ ଦେବତାମାନଙ୍କୁ ଶେଷ କରିଦେଲା । ଦେବତାମାନଙ୍କ କାରଣରୁ ସେମାନଙ୍କର ମହାପ୍ରଭୁ ଈଶ୍ୱରଙ୍କର ବାସ୍ତବିକ ବା ବ୍ୟାବହାରିକ ଅନ୍ତ ପୂର୍ବରୁ ହିଁ ହୋଇସାରିଥିଲା । ସେ ନାମକୁ ମାତ୍ର ପ୍ରଭୁ ହୋଇ ରହିଥିଲେ । ଯଜ୍ଞର ଆହୁତିଗୁଡ଼ିକୁ ସମସ୍ତ ଦେବତାମାନଙ୍କ ମଧ୍ୟରେ ବାଣ୍ଟିଦିଆଯାଉଥିଲା । ଲୋକେ ବି ସେମାନଙ୍କର ଉପାସକ ଥିଲେ । ବ୍ରହ୍ମଙ୍କର ଅନେକ ରୂପ ଗଢ଼ି ରଖିଥିଲେ ; ଯଥା–ଶ୍ୟାମ ବ୍ରହ୍ମ ଓ ଶୁକ୍ଳ ବ୍ରହ୍ମ । ସମ୍ରାଟଙ୍କ ନିକଟରେ ପହଞ୍ଚିବା କଷ୍ଟକର, ଏଣୁ ଯେଉଁ କାର୍ଯ୍ୟ କରାଇବାକୁ ହେବ ତାଙ୍କର କର୍ମଚାରୀମାନଙ୍କ ଦ୍ୱାରା କରାଇନିଅ । ଶୁଦ୍ଧ, ନିର୍ବିକାର ଓ ନିର୍ଲେପ ବ୍ରହ୍ମଙ୍କଠାରେ ଆମର କ'ଣ ଆବଶ୍ୟକତା? ଯଦି ସେ ଥିବେ, ତ ଥାଆନ୍ତୁ । ଆମେ ତାଙ୍କୁ ନା ଦେଖିଛୁ, ନା ଦେଖିପାରିବୁ । ଆମେ ତାଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ହିଁ କାହିଁକି କରିବା ? ସମ୍ପ୍ରଜ୍ଞାତ ସମାଧି ପ୍ରାପ୍ତ ସାଧକମାନେ ବି ତ ଏଠାରେ ହିଁ ରହିଯାଆନ୍ତି । ପୁଣି ସାଧାରଣ ଲୋକଙ୍କ କଥା କ'ଣ କହିବା ! ଏହିପରି ଭାବେ ଦେବତାମାନଙ୍କର ଏବଂ ପରଂବ୍ରହ୍ମଙ୍କ ଉଭୟଙ୍କର ସମାପ୍ତି ବୌଦ୍ଧ ଓ ଜୈନମାନଙ୍କ କାଳରେ ହୋଇଗଲା ।

କିନ୍ତୁ ବୌଦ୍ଧ ଓ ଜୈନ ଉଭୟେ ଧର୍ମମତ ଥିଲେ, କୌଣସି ଲୌକିକ ସମିତି ନଥିଲେ । ଧର୍ମର ସମ୍ବନ୍ଧ ପୂଜାପାଠ ସହ ଥାଏ । ଉପାସନାର ପ୍ରବୃତ୍ତି ମନୁଷ୍ୟଠାରେ ନୈସର୍ଗିକ ପ୍ରତୀତ ହୋଇଥାଏ । ଯେତେବେଳେ ତାକୁ ଅଳ୍ପଜ୍ଞତା, ଅଳ୍ପସାମର୍ଥ୍ୟ ତଥା ଦୁଃଖର ଅନୁଭବ ହୁଏ ସେତେବେଳେ ସେ କୌଣସି ଆଲମ୍ବନ ବା ଆଶ୍ରୟର ଅନ୍ୱେଷଣ କରିଥାଏ । ବୌଦ୍ଧ ଓ ଜୈନମତ ବି ଉପାସନାର ବିଚାରରୁ ମୁକ୍ତ ହୋଇ ପାରି ନାହାନ୍ତି । ଏ ଉଭୟ ମତ ଈଶ୍ୱରଙ୍କ କର୍ତ୍ତୃତ୍ୱକୁ ନିଷେଧ କରନ୍ତି । କିନ୍ତୁ ବର୍ତ୍ତମାନର ନାସ୍ତିକମାନଙ୍କ ଭଳି ଉପାସନାର ତିରସ୍କାର କରନ୍ତି ନାହିଁ ।

## ମନୁଷ୍ୟର ଈଶ୍ୱରୀକରଣ ହୋଇଗଲା

ବର୍ତ୍ତମାନ ଏଠାରେ ପ୍ରଶ୍ନ ଉଠେ ଯେ ଯଦି ସର୍ବକର୍ତ୍ତା, ସର୍ବାନ୍ତର୍ଯ୍ୟାମୀ, ସର୍ବବ୍ୟାପକ ଈଶ୍ୱର ବୋଲି କୌଣସି ସତ୍ତା ହିଁ ସଂସାରରେ ନାହିଁ ତେବେ ଉପାସନା କାହାର କରାଯିବ ? ଏହା ଆବଶ୍ୟକ ପ୍ରଶ୍ନ ଥିଲା ଏବଂ ଏହାର ସମାଧାନ ବି ଚିନ୍ତା କରାଗଲା । ବର୍ତ୍ତମାନ ପର୍ଯ୍ୟନ୍ତ ଈଶ୍ୱରଙ୍କର 'ମାନୁଷୀକରଣ' (Anthropomophisation or Personification of God ) କରାଯାଉଥିଲା । କିନ୍ତୁ ବର୍ତ୍ତମାନ ମନୁଷ୍ୟର 'ଈଶ୍ୱରୀକରଣ' (Deification of man )

କରାଯିବାକୁ ଲାଗିଲା ଅର୍ଥାତ୍ ଈଶ୍ୱରଙ୍କୁ ମନୁଷ୍ୟର ଉପମା ଦେବା ପରିବର୍ତ୍ତେ ମନୁଷ୍ୟଙ୍କ ମଧ୍ୟରେ ଯିଏ ଆଦର୍ଶ ପ୍ରତୀତ ହେଲେ ତାଙ୍କୁ ଈଶ୍ୱର ବୋଲି ମାନିବା ଆରମ୍ଭ ହେଲା । ଏହା ବୈଚାରିକ ସ୍ତରରେ ବହୁତ ବଡ଼ ପାର୍ଥକ୍ୟ ଥିଲା ଯାହା କି ମନୁଷ୍ୟର ମସ୍ତିଷ୍କରେ ସଂଘଟିତ ହେଲା ଏବଂ ଆଜିକାଲିର ପ୍ରଚଳିତ ଧର୍ମମତଗୁଡ଼ିକ ଏହି ବୈଚାରିକ ଅଧଃପତନର ବ୍ୟାଖ୍ୟା ରୂପ ଅଟନ୍ତି ।

## ତଥା ଉପାସ୍ୟ ବଦଳି ଗଲେ

ବୌଦ୍ଧ ଓ ଜୈନମାନଙ୍କର ମସ୍ତିଷ୍କରେ ଈଶ୍ୱର ତ ନଥିଲେ ଯିଏ କି ସୂର୍ଯ୍ୟ-ଚନ୍ଦ୍ର ଆଦି ସୃଷ୍ଟିକୁ ରଚନା କରିବେ । ସେମାନେ ଏହି ବିଷୟରେ ଚାର୍ବାକ୍ ଆଦି ନାସ୍ତିକମାନଙ୍କ ତୁଲ୍ୟ ଥିଲେ । ଭିନ୍ନ-ଭିନ୍ନ ତତ୍ତ୍ୱର ସଂଯୋଗରୁ ଆପେଆପେ ସୃଷ୍ଟି ରଚନା ହେବା ବିଚାରକୁ ଚାର୍ବାକ୍ ବି ମାନୁଥିଲେ ଏବଂ ବୌଦ୍ଧ-ଜୈନ ମାନେ ମଧ୍ୟ, କିନ୍ତୁ ଏମାନଙ୍କୁ କେବଳ ପ୍ରକୃତିବାଦୀ କହିବା ଠିକ୍ ହେବ ନାହିଁ । ନିଜର ଶରୀରରେ ତ ଏମାନଙ୍କୁ ଭୌତିକ ତତ୍ତ୍ୱର ସଂଘାତ ବ୍ୟତୀତ ଏକ ଚେତନ ଆତ୍ମାର ଅନୁଭବ ବି ହେଉଥିଲା, ଯାହାର ନୈସର୍ଗିକ ରୂପ ଯାହା ବି ହେଉ ଏବଂ ଲକ୍ଷଣ ଯାହା ବି କରାଯାଉ, ଅନ୍ୟୂନ ପକ୍ଷେ ଏତିକି ତ ଅବଶ୍ୟ ଥିଲା ଯେ ଏହି ଆତ୍ମାର ଅନ୍ତ ଶରୀରର ସମାପ୍ତି ସହିତ ହେଉନଥିଲା ଏବଂ ମୃତ୍ୟୁ ପରେ ପୁନର୍ଜନ୍ମ ଓ ମୁକ୍ତି ଆଦି ପାଇଁ ବି କିଛି ନା କିଛି ସ୍ଥାନ ଅବଶ୍ୟ ଥିଲା । ଏହି ବିଚାର ହିଁ ସେମାନଙ୍କଠାରୁ ଉପାସନାକୁ ହଟାଇପାରିଲା ନାହିଁ । ଉପାସ୍ୟମାନଙ୍କୁ ବଦଳାଇ ଦେଲା । ଅର୍ହନ୍ତ, ତୀର୍ଥଙ୍କର, ବୁଦ୍ଧ ଏବଂ ଆଦର୍ଶ ମନୁଷ୍ୟଙ୍କୁ ହିଁ ଉପାସ୍ୟ ରୂପେ ମାନିନିଆଗଲା । ସେମାନେ ଈଶ୍ୱର ହୋଇଗଲେ । ଏହା ଥିଲା 'ମନୁଷ୍ୟର ଈଶ୍ୱରୀକରଣ' (Deification of man) ।

## ମହାତ୍ମା ବୁଦ୍ଧଙ୍କର ତ୍ରୁଟି

ଈଶ୍ୱରଙ୍କର ମାନୁଷୀକରଣରେ ମନୁଷ୍ୟ ଗୌଣ ଥିଲା ଏବଂ ଈଶ୍ୱର ଥିଲେ ମୁଖ୍ୟ । ମନୁଷ୍ୟର ଈଶ୍ୱରୀକରଣରେ ଈଶ୍ୱର ଗୌଣ ହୋଇଗଲେ ଓ ମନୁଷ୍ୟ ମୁଖ୍ୟ ହେଲା । ଜଣେ ବିଶେଷ ମନୁଷ୍ୟ, ଯାହାକୁ ଈଶ୍ୱରଙ୍କ ପଦବୀ ଦିଆଗଲା ସେ, ଆମ ସମସ୍ତଙ୍କର ଉପାସନାର ପାତ୍ର ହୋଇଗଲେ । ତାଙ୍କର ମୂର୍ତ୍ତି ବା ତାଙ୍କର ଅଙ୍ଗର ପ୍ରତିକୃତି ପୂଜା ହେବାରେ ଲାଗିଲା । ଋଷି ଦୟାନନ୍ଦ ଲେଖିଛନ୍ତି ଯେ ମୂର୍ତ୍ତିପୂଜା ଜୈନମାନଙ୍କଠାରୁ ଆରମ୍ଭ ହୋଇଛି । ଏହା ଉଚିତ ପ୍ରତୀତ ହେଉଛି । ଯଦିବା ଜୈନମାନଙ୍କର ଏଥିରେ ମୁଖ୍ୟ ଭୂମିକା ନଥିବ, ତେବେ ବି ଜୈନ-ସଦୃଶ ମନୋବୃତ୍ତିର ଭୂମିକା ଅବଶ୍ୟ ଥିବ । ବୌଦ୍ଧମତ ବି ମନୁଷ୍ୟ-ପୂଜାକୁ ପ୍ରାଧାନ୍ୟ ଦେଲା । ମହାତ୍ମା ବୁଦ୍ଧଙ୍କର ସବୁଠାରୁ ବଡ଼ ତ୍ରୁଟି ଏହା ଥିଲା କି ସେ ଶରଣ-ତ୍ରୟୀରେ ନିଜକୁ ବି ସାମିଲ କରିଦେଲେ । ଧର୍ମର ଶରଣକୁ ଆସ, ସଂଘର ଶରଣ ଗ୍ରହଣ କର ଏବଂ ବୁଦ୍ଧଙ୍କ ଶରଣାପନ୍ନ ହୁଅ । ଏହି ତିନୋଟି ଉପଦେଶ ବୌଦ୍ଧମତର ପ୍ରାଣ ଥିଲା ।

ଏଥିମଧ୍ୟରୁ ପ୍ରଥମ ଦୁଇଟି ଉପଦେଶ ତ ସୁଧାର-ରୂପ ଥିଲା । କାରଣ ସେତେବେଳେ ସମାଜରେ ଈଶ୍ୱରଙ୍କର ପ୍ରଚଳିତ ସ୍ୱରୂପ ସେହି ପ୍ରାଚୀନ ବୈଦିକ ସ୍ୱରୂପ ତ ହୋଇ ରହି ନଥିଲା, ଯେଉଁଥିରେ କି ଈଶ୍ୱରଙ୍କର ଅଟଳ ନିୟମକୁ ହିଁ ସତ୍ୟ ସନାତନ ଧର୍ମ ବୋଲି କୁହାଯାଇଥିଲା ; ଯେଉଁଠାରେ କି 'ନିୟମ' ଓ 'ଧର୍ମ' ପର୍ଯ୍ୟାୟବାଚୀ ଥିଲେ । ନିୟମ ହିଁ ଧର୍ମ ଥିଲା, ଯେପରିକି ଏହି ମନ୍ତ୍ରରୁ ପ୍ରତୀତ ହୁଏ—

**ଯୋ ବିଦ୍ୟାତ୍ ସୂତ୍ରଂ ବିତତଂ ଯସ୍ମିନ୍ନୋତାଃ ପ୍ରଜାଃ ଇମାଃ ।**

**ସୂତ୍ରଂ ସୂତ୍ରସ୍ୟ ଯୋ ବିଦ୍ୟାତ୍ ସ ବିଦ୍ୟାତ୍ ସ ବିଦ୍ୟାତ୍ ବ୍ରାହ୍ମଣଂ ମହତ୍ ॥**

(ଅଥର୍ବ. ୧୦:୮:୩୭)

ସୃଷ୍ଟିରେ ଓତପ୍ରୋତ ନିୟମ ଓ ସେହି ନିୟମର ବି ନିୟମ ଅର୍ଥାତ୍ ନିୟନ୍ତାଙ୍କୁ ଯିଏ ଜାଣନ୍ତି ସେ ହିଁ ବାସ୍ତବରେ ବ୍ରହ୍ମଜ୍ଞାନୀ ।

ଈଶ୍ୱର ସମ୍ବନ୍ଧୀୟ ଏହି ବିଚାରରେ କୌଣସି ଦୋଷ

ନଥିଲା । କିନ୍ତୁଯେତେବେଳେ ଚକ୍ରବର୍ତ୍ତୀ, ନିରଙ୍କୁଶ, ଯାହା ଚାହିଁବେ ତାହା କରିବା ରାଜାଙ୍କର ଉପମା ଈଶ୍ୱରଙ୍କ ସହ ଦିଆଯିବାରେ ଲାଗିଲା ସେତେବେଳେ ଏହି ଭାବନାରେ ନିୟମର କୌଣସି ସ୍ଥାନ ରହିଲା ନାହିଁ । ଯଦି ନିରଙ୍କୁଶ ରାଜାଙ୍କର ଇଚ୍ଛାକୁ ହିଁ ଆଇନ୍ ବୋଲି ଧରାଯାଏ ଏବଂ ଯେହେତୁ ଇଚ୍ଛା ସବୁବେଳେ ବଦଳିଥାଏ, ଏଣୁ ରାଜାଙ୍କର ଆଇନ୍ ବି ସର୍ବଦା ବଦଳିବାରେ ଲାଗିଥାଏ । ଏହି ମନୋବୃତ୍ତି ମନୁଷ୍ୟ ଜୀବନରେ ଅନେକ ଉପଦ୍ରବ ଉତ୍ପନ୍ନ କରିଦେଇଥିଲା । ପ୍ରତିଦିନ ଦେବତାମାନଙ୍କୁ ତୋଷାମଦ କରିବା ଏବଂ ତାଙ୍କୁ ନୂଆ-ନୂଆ ଢଙ୍ଗରେ ଉତ୍ପନ୍ନ କରିବାକୁ ଚେଷ୍ଟା କରିବା ହିଁ ଧର୍ମର ଅଙ୍ଗ ହୋଇ ରହିଥିଲା । ଯେ କେହି ଦେବତାମାନଙ୍କୁ ପ୍ରସନ୍ନ କରିବାର ଯେଉଁ ପ୍ରଣାଳୀ ବା ପଦ୍ଧତି କହିଦେଲା ତାକୁ ମାନି ନିଆଯାଉଥିଲା ।

**ଅନ୍ନକାମନ୍ନାଦ୍ୟକାମଃ** (ଅନ୍ନ ଆଦିର କାମନା ହେଲେ ଛେଳିମାଂସ),

**ତୈତ୍ତିରଂ ବ୍ରହ୍ମବର୍ଚସକାମଃ** (ବ୍ରହ୍ମବର୍ଚସ୍‌ର କାମନା ହେଲେ ତିତିରି ମାଂସ)

ଆଦି ଗୃହ୍ୟ-ସୂତ୍ର ଆଦେଶ ଏହି ମନୋବୃତ୍ତିର ଫଳସ୍ୱରୂପ ଥିଲା । ଏପରି ବିକୃତାବସ୍ଥାର ସଂଶୋଧନ ଆବଶ୍ୟକ ଥିଲା ଏବଂ ଏଥିପାଇଁ ବୁଦ୍ଧ କହିଲେ, 'ଧର୍ମର ଶରଣକୁ ଆସ' (Obey the eternal Law) ସେହିପରି ସଂଘର ବି ଆବଶ୍ୟକତା ଥିଲା, କାରଣ ଦେବତାମାନଙ୍କ ପ୍ରାଧାନ୍ୟରେ ମନୁଷ୍ୟ ବୈୟକ୍ତିକ ହୋଇଗଲା (became individualistic) । ସମାଜ-ସଂଗଠନ ନଷ୍ଟ ହୋଇଗଲା । ସିଧା ଆହୁତି ଦେଇ ଦେବତାମାନଙ୍କୁ ପ୍ରସନ୍ନ କରାଯାଇ ପାରୁଥିଲା । ପୂଜାରୀମାନଙ୍କ ମନ୍ତ୍ର ଏବଂ ପୂଜାରୀଗଣ ହିଁ ଏଥିପାଇଁ ଯଥେଷ୍ଟ ଥିଲେ । ସମାଜର ଆବଶ୍ୟକତା କ'ଣ ? ଅତଃ ସାମାଜିକ ବନ୍ଧନ ଶିଥିଳ ହୋଇଗଲା । ଏଣୁ ବୁଦ୍ଧ କହିଲେ, 'ସଂଘ ଗଢ଼ ଓ ସଂଘର ଶରଣ ନିଅ ।' କିନ୍ତୁ ଏହି ଦୁଇ ଶରଣରେ ଭଗବାନ ବୁଦ୍ଧ ମାନବୀୟ ଉନ୍ନତି ପାଇଁ ପର୍ଯ୍ୟାପ୍ତ ସାଧନ ପାଇଲେ ନାହିଁ । ତାଙ୍କଠାରେ ବିଚିତ୍ର ଆକର୍ଷକ ବ୍ୟକ୍ତିତ୍ୱ ରହିଥିଲା । କୁହାଯାଏ କି ଲକ୍ଷଲକ୍ଷ ଲୋକ ତାଙ୍କ ଚାରିପଟେ ଘେରି ଯାଉଥିଲେ । ତାଙ୍କୁ ଏପରି ଆଭାସ ହୋଇଥିବ ଯେ ଯଦି ତାଙ୍କ ର ବ୍ୟକ୍ତିତ୍ୱକୁ ଅଲଗା କରିଦିଆଯାଏ ତେବେ ଧର୍ମ ଓ ସଂଘରେ ବି ଆକର୍ଷଣ ରହିବ ନାହିଁ, କାରଣ ଧର୍ମ ତ ଏକ ଗୂଢ଼ ଓ ଅଦୃଷ୍ଟ ବସ୍ତୁ, ଯାହାକୁ ସ୍ଥୂଳ ଚକ୍ଷୁରେ ଦେଖାଯାଇପାରେ ନାହିଁ ଏବଂ ସଂଘ ଉତ୍ତରଦାୟିତ୍ୱ ଶୂନ୍ୟ ଲୋକଙ୍କର ଏକ ସଂଗଠନ ବି ହୋଇପାରେ । ସମ୍ଭବତଃ ଦେବଦତ୍ତଙ୍କର ଅନିଷ୍ଟ ଆଚରଣ ବି ବୁଦ୍ଧଙ୍କର ମନୋବୃତ୍ତି ବଦଳାଇବାରେ କିଛି କାର୍ଯ୍ୟ କରିଥିବ । ଯାହା କିଛି ବି ହେଉ, ତୃତୀୟ ଶରଣ ଅର୍ଥାତ୍ 'ବୁଦ୍ଧଙ୍କ ଶରଣକୁ ଆସ'ର ବି ଆବଶ୍ୟକତା ହୋଇଗଲା । ଏହିପରି ଭାବେ ମନୁଷ୍ୟର ଈଶ୍ୱରୀକରଣ ଚରମସୀମାରେ ପହଞ୍ଚିଗଲା । ବୁଦ୍ଧଙ୍କ ଜୀବନରେ ଏହାର ଦୋଷ ପ୍ରତୀତ ହୋଇନଥାଇ ପାରେ କାରଣ ତାଙ୍କର ସାଧନା ଓ ନିଷ୍କାମ ସେବା ଏହି ଦୋଷର ପ୍ରତୀକାର କରିଥିବ । କିନ୍ତୁ ତାଙ୍କର ମୃତ୍ୟୁ ପରେପରେ ଏହି ବୀଜ ତା'ର ପ୍ରଭାବ ବିସ୍ତାର କରିବାରେ ଲାଗିଲା । ତାଙ୍କର ମୃତ୍ୟୁ ପରେ ତାଙ୍କର ମୃତ ଶରୀରକୁ ନେଇଯିବା ପାଇଁ କ୍ଷତ୍ରିୟ ଶାସକମାନଙ୍କର ଦୁଇ ଗୋଷ୍ଠୀ ଭିତରେ ଯେଉଁ ଲଢ଼େଇ ହେଲା ତାହା ଏହି ବିଚାରର ଦ୍ୟୋତକ । ପରବର୍ତ୍ତୀ ସମୟରେ ତାଙ୍କର ଦାନ୍ତ, ତାଙ୍କ ଶରୀରର ଅନ୍ୟାନ୍ୟ ଅଙ୍ଗ ଏବଂ କେତେକ ସ୍ଥାନରେ ତାଙ୍କର ମୂର୍ତ୍ତିମାନଙ୍କର ଯେଉଁ ପୂଜା ଆରମ୍ଭ ହୋଇଗଲା ତାହା ବିଶାଳ ରୂପ ଧାରଣ କରିନେଲା । କେହି ଏହା ପଚାରିଲେ ନାହିଁ ଯେ ଭଗବାନ ବୁଦ୍ଧ ବର୍ତ୍ତମାନ କେଉଁଠି ଅଛନ୍ତି, ତାଙ୍କର ଉପଦେଶ କ'ଣ ଥିଲା ବା କ'ଣ ଅଛି ? ସମସ୍ତେ ବୁଦ୍ଧଙ୍କର କୌଣସି ନା କୌଣସି ଅଙ୍ଗକୁ ପୂଜା କରିବା ହିଁ ଧର୍ମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବୁଝିବାରେ ଲାଗିଲେ ।

ଏହାଥିଲା ଭାରତବର୍ଷର ଅବସ୍ଥା । ଅନ୍ୟ ଦେଶମାନଙ୍କରେ ବି ଏହିଭଳି ଅବସ୍ଥା ହିଁ ରହିଥିବ । କିଛି ଐତିହାସିକ ଏବଂ ଭୌଗଳିକଙ୍କ ମତ ହେଉଛି କି ବୌଦ୍ଧ ମତର ପ୍ରଚାରକମାନେ ସାରା ସଂସାରରେ ବ୍ୟାପୀ

ଯାଇଥିଲେ । ଆମେରିକାରେ ବି ତାଙ୍କର ସଂସ୍କୃତିର ଚିହ୍ନ ମିଳୁଛି ଏବଂ ପାଲେଷ୍ଟାଇନ୍‌ରେ ଯୀଶୁଙ୍କ ସମୟରେ ଯେଉଁ ସୁଧାର ହେଲା ତାହା ବି ବୌଦ୍ଧ ଧର୍ମର ହିଁ ଏକ ରୂପ ଥିଲା । ଆମକୁ ଏଠାରେ ଏହି ବିଷୟରେ ମୀମାଂସା କରିବାର ଅବକାଶ ନାହିଁ । ଆମେ ଉଭୟ ପକ୍ଷକୁ ମାନି ନେଉଛୁ, କାରଣ ମନୋବୃତ୍ତିର ମୌଳିକ ରୂପ ଏକା ପ୍ରକାର । ବର୍ତ୍ତମାନ ଆମେ ମନୁଷ୍ୟର ଈଶ୍ୱରୀକରଣର ଦୁଇଟି ମୁଖ୍ୟ ରୂପ ଏକା ପ୍ରକାର ଅଟେ । ବର୍ତ୍ତମାନ ଆମେ ମନୁଷ୍ୟର ଈଶ୍ୱରୀକରଣର ଦୁଇଟି ମୁଖ୍ୟ ରୂପ ଦେଖୁ ; ଯଥା– ପ୍ରଥମଟି ଅବତାରବାଦ ଓ ଅନ୍ୟଟି ପୈଗମ୍ବରବାଦ ! ଅବତାରବାଦର ଭିନ୍ନ-ଭିନ୍ନ ରୂପ ରାମାବତାର, କୃଷ୍ଣାବତାର ଆଦି ରୂପରେ ମିଳିଥାଏ ଏବଂ ପୈଗମ୍ବରବାଦର ରୂପ ଜୋରାଷ୍ଟର ପୈଗମ୍ବରଙ୍କଠାରୁ ପ୍ରଚଳିତ ପାର୍ସୀମତ, ମୋସାଙ୍କ ଦ୍ୱାରା ପ୍ରଚଳିତ ଇହୁଦୀମତ, ଯୀଶୁଙ୍କଠାରୁ ଆରମ୍ଭ ହୋଇଥିବା ଖ୍ରୀଷ୍ଟମତ ଏବଂ ମହମ୍ମଦଙ୍କଠାରୁ ଚାଲିଥିବା ଇସଲାମ୍ ମତ ରୂପରେ ଦେଖିବାକୁ ମିଳେ । ଏହି ଉଭୟ ବାଦର ଆଧାର ଏକ ଅର୍ଥାତ୍ ମନୁଷ୍ୟର ଈଶ୍ୱରୀକରଣ । ମନୁଷ୍ୟ ଈଶ୍ୱରଙ୍କ ସହ ସିଧା-ସଳଖ ସଂପର୍କ ସ୍ଥାପନ କରିପାରେ ନାହିଁ । ଏଥିପାଇଁ କୌଣସ ମଧ୍ୟସ୍ଥି ଆବଶ୍ୟକ । ଯେତେବେଳ ଯାଏ ଈଶ୍ୱର କେବଳ ଈଶ୍ୱରୀୟ ଲୀଳା କରନ୍ତି ସେ ପର୍ଯ୍ୟନ୍ତ ତାଙ୍କ ନିକଟକୁ ମନୁଷ୍ୟର ଗତି ଦୁଷ୍କର । ଅତଃ ଈଶ୍ୱର ହିଁ ନରଲୀଳା କରିବା ପାଇଁ ନରରୂପ ଧାରଣ କରନ୍ତୁ ଅଥବା ସେ କିଛି ଚୟନିତ ଲୋକଙ୍କୁ ନିଜର ପ୍ରତିନିଧି ରୂପେ ପଠାନ୍ତୁ ଯେଉଁମାନେ କି ମନୁଷ୍ୟର ଆବଶ୍ୟକତାକୁ ଈଶ୍ୱରଙ୍କ ନିକଟରେ ଉପସ୍ଥାପନ କରିପାରିବେ । ଗୋଟିଏ ବିଶ୍ୱାସ ଅନୁଯାୟୀ ଈଶ୍ୱର ସ୍ୱୟଂ ଅବତରଣ କରନ୍ତି । ଅବତାରର ଅର୍ଥ ହେଉଛି ଅବତରଣ କରିବା ବା ତଳକୁ ଓହ୍ଲାଇବା । ଦ୍ୱିତୀୟ ବିଶ୍ୱାସ ଅନୁସାରେ ପୈଗମ୍ବର ନାଜିଲ୍ ହୋଇଥାନ୍ତି । ନାଜିଲ୍ ହେବାର ଅର୍ଥ ବି ତଳକୁ ଓହ୍ଲାଇବା । ପ୍ରଥମ ବିଶ୍ୱାସର ସପକ୍ଷବାଦୀମାନେ ଏହା ବିଚାରିଲେ ଯେ ଈଶ୍ୱର ତ ସର୍ବଶକ୍ତିମାନ୍ , ସେ ଯାହା ଚାହିଁବେ ତାହା କରିପାରିବେ, ସେ ସ୍ୱୟଂ ଆସି ଆମକୁ କହୁଥିବେ କି ଏପରି ଆଚରଣ କରିବା ଉଚିତ । ଦ୍ୱିତୀୟ ପକ୍ଷର ଲୋକେ ବିଚାରିଥିବେ କି ଈଶ୍ୱର ତ ନିଜର ସିଂହାସନରେ ହିଁ ଶୋଭାୟମାନ ଦିଶନ୍ତି । ତାଙ୍କର ତଳକୁ ଅବତରଣ କରି ଆସିବା ବିଷୟ ସୁନ୍ଦର ଦିଶେ ନାହିଁ । ସେ ନିଜର ଭାଇସ୍‌ରାୟଙ୍କୁ କାହିଁକି ନ ପଠାଇବେ ! ଖ୍ରୀଷ୍ଟିଆନମାନେ ତାଙ୍କ ମତରେ ଉଭୟ ପକ୍ଷର ସମାବେଶ କଲେ । ଯୀଶୁ ଈଶ୍ୱରଙ୍କ ଅବତାର ବି ଅଟନ୍ତି, ଈଶ୍ୱରଙ୍କ ପୁତ୍ର ବି ଏବଂ ପୈଗମ୍ବର ମଧ୍ୟ ଅଟନ୍ତି ।

ଏଠାରେ ଗୋଟିଏ କଥା ବିଚାରଣୀୟ, ଯାହା ଉଭୟ ପକ୍ଷର ନଜରକୁ ଆସିନାହିଁ । ଧରିନିଅନ୍ତୁ ଯେ ଅବତାର ବି ଜନ୍ମଗ୍ରହଣ କଲେ ଏବଂ ଦୂତ ମଧ୍ୟ ଆସିଲେ ; କିନ୍ତୁ ସେମାନେ ଥିଲେ ତ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ! ମନେକରନ୍ତୁ କି ଈଶ୍ୱର ରାମ ଶରୀରରେ ଅବତାର ନେଲେ । ତେବେ ରାମ ମାତୃଗର୍ଭକୁ ଆସିବା ପୂର୍ବରୁ ଈଶ୍ୱରଙ୍କର ସେହି ଅବତାର ନଥିଲା ଏବଂ ରାମଙ୍କର ମୃତ୍ୟୁ ପରେ ବି ରହିଲା ନାହିଁ । ଯଦି ରାମଙ୍କର ଶରୀରକୁ ଈଶ୍ୱରଙ୍କର ଅବତାର ବୋଲି ନ ମାନି ସାଧାରଣ ଜୀବର ଅବତାର ବୋଲି ମାନି ନିଆଯାଏ, ତେବେ ରାମଙ୍କର ଅସ୍ତିତ୍ୱ ଦଶରଥଙ୍କର ପୁତ୍ର ହେବା ପୂର୍ବରୁ ବି ଈଶ୍ୱରଙ୍କଠାରୁ ଭିନ୍ନ ଅନ୍ୟ କୌଣସି ଅବସ୍ଥାରେ ଥିଲା ଏବଂ ମୃତ୍ୟୁ ପରେ ବି ଅନ୍ୟ କୌଣସି ଅବସ୍ଥାରେ ରହିଲା । କିନ୍ତୁ ତାଙ୍କୁ ଈଶ୍ୱରଙ୍କ ଅବତାର ବୋଲି ମାନିନେଲେ ତ ଜନ୍ମ ପୂର୍ବରୁ ଓ ମୃତ୍ୟୁ ପରେ ତାଙ୍କର ଆଉ କୌଣସି ଅବସ୍ଥା ହିଁ ରହେ ନାହିଁ ଅଥବା ଏହା କହିବା ଉଚିତ କି ଅବତାରର ଜୀବନ କାଳରେ ହିଁ ଈଶ୍ୱରଙ୍କ ସେହି ପ୍ରକାଶ ଉକ୍ତ ଅବତାର ରୂପେ ହୋଇଥାଏ ଏବଂ ପରେ ତାହା ଈଶ୍ୱରଙ୍କଠାରେ ବିଲୀନ ହୋଇଯାଏ । ଅତଃ ଅବତାରଙ୍କ ଜୀବନର ସମାପ୍ତି ପରେ ଅବତାର ପୂଜନର କୌଣସି ମୂଲ୍ୟ ରହେ ନାହିଁ । ତେଣୁ ବର୍ତ୍ତମାନ 'ରାମ ରାମ ହରେ ହରେ' ଏବଂ 'କୃଷ୍ଣ କୃଷ୍ଣ ହରେ ହରେ' କରିବାର କୌଣସି ଅର୍ଥ ନାହିଁ । ମନେକରନ୍ତୁ ଯେ ମୁଁ କଲିକତା ଗଲି ଏବଂ ୧୦ ଦିନ ରହି ଚାଲିଆସିଲି । ଯେତେବେଳ ପର୍ଯ୍ୟନ୍ତ ମୁଁ କଲିକତାରେ ଥିଲି,

ସେତେବେଳ ଯାଏ କଲିକତାର ନିବାସୀ ଥିଲି । ବର୍ତ୍ତମାନ ତା'ର ପୂର୍ବ ସ୍ଥିତିରେ ଅଛି । ଅତଃ କଲିକତାର ନିବାସୀ ହେବା ଅଧିକାରରେ ମୋର ଏବଂ ମୋ ସହିତ ଅନ୍ୟମାନଙ୍କର ଯେଉଁ ବ୍ୟବହାର ହୋଇଥାନ୍ତା ତାହା ବର୍ତ୍ତମାନ ନିରର୍ଥକ । ବର୍ତ୍ତମାନ ତ ରାମଙ୍କ ଅବତାର ବା କୃଷ୍ଣଙ୍କ ଅବତାରର କୌଣସି ଅବଶିଷ୍ଟାଂଶ ନାହିଁ, ସବୁ ଈଶ୍ୱରଙ୍କଠାରେ ଲୀନ ହୋଇଯାଇଛି, କେବଳ ପରମେଶ୍ୱରଙ୍କ ସ୍ୱରୂପ ହିଁ ଅଛି । ତେଣୁ ରାମ କି କୃଷ୍ଣଙ୍କର ଉପାସନାର ମୂଲ୍ୟ କ'ଣ ? ଏହିଭଳି ଭାବେ ପୈଗମ୍ବରମାନେ ଆସିଲେ ଓ ଚାଲିଗଲେ । ସେମାନେ ଯେଉଁ ଶିକ୍ଷା ଦେଇଗଲେ ସେସବୁର ଉପଯୋଗ କରାଯାଇପାରେ, କିନ୍ତୁ ବର୍ତ୍ତମାନ ସେମାନଙ୍କର ନାମ ଓ ବ୍ୟକ୍ତିତ୍ୱର କ'ଣ ଉପଯୋଗିତା ଅଛି ? ଉଦାହରଣ ସ୍ୱରୂପ ମହମ୍ମଦଙ୍କ ପ୍ରଦର୍ଶିତ 'ଲା ଇଲାହ ଇଲ୍ଲିଲା'ର ଉପଯୋଗିତା ତ ରହିଛି, କିନ୍ତୁ 'ମହମ୍ମଦ ରସୂଲଲ୍ଲା'ର ଉପଯୋଗିତା କ'ଣ ? ମହମ୍ମଦଙ୍କ ଜୀବିତାବସ୍ଥାରେ ତ କୁହାଯାଇପାରେ କି ଏହି ବାକ୍ୟ କହିବା ଦ୍ୱାରା ଲୋକଙ୍କୁ ମହମ୍ମଦଙ୍କ ନିକଟକୁ ଆକର୍ଷିତ କରାଯାଏ ; କିନ୍ତୁ ତାଙ୍କର ଦେହାନ୍ତ ପରେ ତାହାର କୌଣସି ଉପଯୋଗିତା ରହେ ନାହିଁ । ବାସ୍, ଏହା ହିଁ ଏକ ସ୍ଥଳ ଯେଉଁଠି ପୂଜାରୀ ଓ ପୁରୋହିତଙ୍କ କଥନ ଉଚିତ ପ୍ରତୀତ ହୁଏ ନାହିଁ । ସେମାନେ ରାମଙ୍କର ଆଦର୍ଶ ଚରିତ୍ର ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ କି ମହମ୍ମଦଙ୍କର ଶିକ୍ଷା ଉପରେ ସେପରି ବିଶେଷ ଧ୍ୟାନ ଦିଅନ୍ତି ନାହିଁ । ସେମାନଙ୍କର ବିଚାରରେ ପଦାର୍ଥ (ରାମ ଓ ମହମ୍ମଦ) ତ ଅତ୍ୟନ୍ତ ଗୌଣ, ଟଙ୍କାରେ ପଇସାକର ବି ନୁହନ୍ତି । ପ୍ରାଧାନ୍ୟ ରହିଛି କି ରାମ ଓ ମହମ୍ମଦଙ୍କ ନାମର । ନାମର ମହିମା ଉପରେ ପୁସ୍ତକ ଉପରେ ପୁସ୍ତକ ଲେଖାଯାଇଛି ଏବଂ ଉପାସକମାନଙ୍କର ଜୀବନର ମୁଖ୍ୟ ଭାଗ ତ କେବଳ ନାମ ଜପରେ ଲାଗିଥାଏ, କାରଣ ଏପରି ବିଶ୍ୱାସ ରହିଛି କି ରାମ ଓ ମହମ୍ମଦ କେବଳ ଶିକ୍ଷକ ନଥିଲେ ବରଂ ତ୍ରାଣକର୍ତ୍ତା ବି ଥିଲେ । ସେମାନେ ପୈଗମ୍ବର ହେବା ତ ଆପତ୍ତିଜନକ ନୁହେଁ । ଡାକବାଲା ଆମର ଚିଠି ଆଣେ ଓ ଦେଇଚାଲିଯାଏ । ସେହି ଚିଠି ଆମର ଉପଯୋଗୀ ବସ୍ତୁ, ଡାକବାଲାର ନାମ ନୁହେଁ । ଡାକବାଲାର ବ୍ୟକ୍ତିତ୍ୱ ଚିଠି ପହଞ୍ଚାଇବାଠାରୁ ଅଧିକ କିଛି ବି ନୁହେଁ । ଯଦି ଏହା ମାନି ନିଆଯାଏ କି ଡାକବାଲାର ନାମରେ କିଛି ମାହାତ୍ମ୍ୟ ଅଛି ଏବଂ ତା'ର ଉପାସନାରେ ଆମେ ତରିଯାଇ ପାରିବା ତେବେ ଏହା ଅନର୍ଗଳ ପ୍ରଳାପ ହିଁ ଅଟେ । ସେହିପରି ଯଦି ପୈଗମ୍ବର, ରସୁଲ୍, ପ୍ରୋଫେଟ୍ ବା ଋଷି-ମହର୍ଷିଙ୍କର ଅର୍ଥ ଶିକ୍ଷକ ମାତ୍ର ଅଟେ ତେବେ ଏଥିରେ କୌଣସି କ୍ଷତି ନାହିଁ । କିନ୍ତୁ କେବଳ ଏତିକିରେ ନା ସମ୍ପ୍ରଦାୟ ସୃଷ୍ଟି ହୁଏ ନା ପୁରୋହିତଙ୍କୁ କୌଣସି ପ୍ରକାର ପ୍ରତିନିଧିତ୍ୱ ପ୍ରାପ୍ତ ହୁଏ । ମତମତାନ୍ତର କାରଣରୁ ଯେଉଁ ସବୁ ପାରସ୍ପରିକ କଳହ ହେଉଛି ତାହା ବି ହୁଅନ୍ତା ନାହିଁ । ମନେକରନ୍ତୁ କି ଗଣିତର ହଜାର-ହଜାର ଶିକ୍ଷକ ହଜାର-ହଜାର ଶିକ୍ଷାନୁଷ୍ଠାନରେ କେବଳ ଗୋଟିଏ ବିଷୟ ଗଣିତ ସମ୍ପର୍କରେ ହିଁ ଶିକ୍ଷାଦାନ କରୁଛନ୍ତି । ବେଳେବେଳେ ଜଣେ ମୁଖ୍ୟ ଆବିଷ୍କାରକ ହୋଇଯାନ୍ତି, ଯେପରି ନ୍ୟୁଟନ୍ ଆଦି । ହେଲେ ତାଙ୍କର ଆବିଷ୍କାରର ଉପଯୋଗ ତ ସବୁବେଳ ପାଇଁ ରହିଛି, କିନ୍ତୁ ତାଙ୍କ ନାମର ନାହିଁ ଏବଂ ନା ତ ଏଥିରେ ପାରସ୍ପରିକ କଳହର ସମ୍ଭାବନା ଅଛି । ସେହି ନିୟମ ସହ ଯଦି ନାମର ଅତୁଟ ସମ୍ପର୍କ ଥାଆନ୍ତା, ତେବେ ତାହା ଅନ୍ୟ ପ୍ରକାର ହୋଇଥାନ୍ତା । ଏଠାରେ ମହମ୍ମଦ ଆଦି କେବଳ ଶିକ୍ଷକ ନୁହନ୍ତି । ସେମାନେ ଈଶ୍ୱରଙ୍କ ପ୍ରତିନିଧି ଓ ସୁପାରିଶକାରୀ ବି ଅଟନ୍ତି । ସେମାନଙ୍କ ସୁପାରିଶରେ ମୁକ୍ତି ବି ମିଳିପାରେ । ସେମାନଙ୍କ ସୁପାରିଶ ଆଜି ବି ଚାଲୁଛି । ଜଣେ ମୁସଲମାନ ତ ଏକଥା ପର୍ଯ୍ୟନ୍ତ କହନ୍ତି କି—

**ଅଲ୍ଲାହ୍ କେ ପଲ୍ଲେ ମେଁ ବହଦତ୍ କେ ସିୱା କ୍ୟା ହୈ ?**

**ଲେନା ହୈ ସୋ ଲେ ଲେଁଗେ ହମ୍ ଅପ୍‌ନେ ମୁହମ୍ମଦ୍ ସେ ।**

ଜଣେ ମୁସଲମାନ ଭକ୍ତର ବିଶ୍ୱାସ ରହିଛି କି ମହମ୍ମଦ ସାହେବ ନିଜର ଜୀବନ କାଳରେ ଇହଲୋକରେ ଥିଲେ,

ଆଜି ସ୍ୱର୍ଗରେ ଈଶ୍ୱରଙ୍କ ପାଖରେ ଅଛନ୍ତି । ସେ ସେତେବେଳେ ବି ସୁପାରିଶ କରିପାରୁଥିଲେ, ଆଜି ବି କରିପାରୁଛନ୍ତି । ଏଭଳି କଥନ ଯୀଶୁ, ମୋସା, ରାମ ଓ କୃଷ୍ଣଙ୍କ ବିଷୟରେ ବି କୁହାଯାଏ । ବିଭିନ୍ନ ମତମତାନ୍ତର ଏବଂ ସେମାନଙ୍କ ପାରସ୍ପରିକ କଳହର ଏହା ମୂଳଭିତ୍ତି । ଏ ବିଷୟରେ ଏକ ରୋଚକ କାହାଣୀ ରହିଛି କି— କେହି ଜଣେ ବ୍ୟକ୍ତି ସ୍ୱର୍ଗକୁ ଯାଇ ଭ୍ରମଣ କରିବାକୁ ଚାହିଁଲେ । ସେ ସେଠାକୁ ଚାଲିଗଲେ ଏବଂ ଗୋଟିଏ ରାସ୍ତାରେ ଛିଡ଼ା ହୋଇ ଚାରିଆଡ଼କୁ ଦେଖୁଛନ୍ତି । ଦେଖିଲେ ଏକ ବିରାଟ ଶୋଭାଯାତ୍ରା ଆସୁଛି ଯେଉଁଥିରେ ପ୍ରାୟ ୪୦ କୋଟି ଲୋକ ଅଛନ୍ତି ଏବଂ ତା'ର ଜଣେ ନେତା ଅଛନ୍ତି । ପଚାରିବା ପରେ ଜଣାଗଲା ଯେ ସେମାନେ ସବୁ ଭଗବାନ ବୁଦ୍ଧଙ୍କର ଭକ୍ତ । ତା'ପରେ ସେହିପରି ତାଠୁଁ ସାମାନ୍ୟ ଛୋଟ ଶୋଭାଯାତ୍ରାଟିଏ ଆସିଲା, ଯାହାର ନେତା ଥିଲେ ଯୀଶୁ । ସେହିପରି ହିଁ ମୁସଲମାନ ଭାଇମାନଙ୍କର ଏକ ଶୋଭାଯାତ୍ରା ମହମ୍ମଦ ସାହେବଙ୍କ ନେତୃତ୍ୱରେ ବାହାରିଲା । ସେହିପରି ହିଁ ଶ୍ରୀରାମଚନ୍ଦ୍ରଙ୍କ, ଶ୍ରୀକୃଷ୍ଣଙ୍କର ମଧ୍ୟ । ଯେତେବେଳେ ଏହି ବଡ଼ବଡ଼ ଶୋଭାଯାତ୍ରା ବିରାଟ ସମାରୋହ ଓ ଆଡ଼ମ୍ବର ସହ ବାହାରିଗଲା ତା'ପରେ ସେ ଦେଖିଲେ ଯେ, ଏକ ଛୋଟ ଶୋଭାଯାତ୍ରା ଆସୁଥିଲା ଯାହାର ସମ୍ମୁଖରେ ଗୋଟିଏ ବୁଢ଼ା ଘୋଡ଼ା ଉପରେ ଜଣେ ବୃଦ୍ଧ ବ୍ୟକ୍ତି ବସିଥିଲେ ଏବଂ ତାଙ୍କ ପଛରେ ୫-୧୦ ଜଣ ଅତ୍ୟନ୍ତ ଦୁର୍ବଳ ବ୍ୟକ୍ତି ଚାଲିଥିଲେ । ସ୍ୱର୍ଗ ଭ୍ରମଣରେ ଯାଇଥିବା ବ୍ୟକ୍ତିଜଣକ ସେମାନଙ୍କୁ ପଚାରିଲେ କି ଭାଇ ଏହା କେଉଁ ଅଭାଗାଙ୍କର ଶୋଭାଯାତ୍ରା ଯାହା ସାଥିରେ ୨୦-୨୫ ଜଣ ଲୋକ ବି ନାହାନ୍ତି ? କୁହାଗଲା କି ସେ ଆଲ୍ଲାମିଆଁ ଅଟନ୍ତି ଯାହାଙ୍କର ଉପାସକଙ୍କ ସଂଖ୍ୟା ଖୁବ୍ କମ୍ । ରାମଙ୍କ ଉପାସକ, କୃଷ୍ଣଙ୍କ ଉପାସକ, କବୀରଙ୍କ ଉପାସକ, ନାନକଙ୍କ ଉପାସକ, ମହମ୍ମଦଙ୍କ ଉପାସକ, ଯୀଶୁଙ୍କ ଉପାସକ, ଜୋରାଷ୍ଟରଙ୍କ ଉପାସକ, ଭଗବାନ ବୁଦ୍ଧଙ୍କର ଉପାସକ ଏବଂ ମହାବୀରଙ୍କ ଉପାସକ ଲକ୍ଷ-ଲକ୍ଷ, କୋଟି-କୋଟି ସଂଖ୍ୟାରେ ଅଛନ୍ତି ; କିନ୍ତୁ ପୃଥିବୀର ପ୍ରାୟ ୭ ଶହ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରୁ ଈଶ୍ୱରଙ୍କ ଉପାସକ କେତେ ଜଣ ? ଏହା ହେଉଛି ପ୍ରଶ୍ନ । ଏପରି କାହିଁକି ହେଲା ? ଏଇଥିପାଇଁ ଯେ ଈଶ୍ୱରଙ୍କ ସାଥିରେ ମନୁଷ୍ୟର ସିଧା ସମ୍ପର୍କ ତ ନାହିଁ, ପ୍ରତିନିଧିଙ୍କ ମାଧ୍ୟମରେ ରହିଛି । ପ୍ରତ୍ୟେକେ ପ୍ରତିନିଧି ହେବାକୁ ଚାହାନ୍ତି । ପୈଗମ୍ବର ଓ ଅବତାରମାନଙ୍କର ସମ୍ପ୍ରଦାୟ ରହିଛି । ତାଙ୍କର ଗାଦି (ଆସନ) ରହିଛି, ସେମାନଙ୍କ ଖଲିଫାଙ୍କ ଖଲିଫା ଅଛନ୍ତି । ଯୀଶୁ ସ୍ୱର୍ଗରେ ଅଛନ୍ତି ଏବଂ ପୋପ୍ ରୋମ୍‌ରେ ତାଙ୍କର ପ୍ରତିନିଧି ଅଟନ୍ତି । ଏହି ପୋପ୍ ନିଜର ଅଧିକାରକୁ ଅନ୍ୟ ପ୍ରତିନିଧିଙ୍କୁ ପ୍ରଦାନ (Deligate) କରିପାରନ୍ତି ବା ପ୍ରତିନିଧିତ୍ୱ ଦେଇପାରନ୍ତି । ଏହା ହିଁ ଧର୍ମକୁ ଏକ ସମସ୍ୟାରେ ଛନ୍ଦି ଦେଇଛି । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟସମାଜ ସ୍ଥାପନା କରିବା ସମୟରେ ଏହା ତ କହିଥିଲେ ଯେ ଈଶ୍ୱରଙ୍କ ଶରଣାପନ୍ନ ହୁଅ, ବେଦର ଶରଣ ନିଅ ଏବଂ ସମାଜ ଅର୍ଥାତ୍ ସଂଘର ଶରଣ ଗ୍ରହଣ କର ; କିନ୍ତୁ ଏହା କହିନାହାନ୍ତି କି ଦୟାନନ୍ଦଙ୍କ ଶରଣାପନ୍ନ ହୁଅ । ଏହା ଥିଲା ଦୟାନନ୍ଦଙ୍କର ଏହି ଯୁଗରେ ସବୁଠାରୁ ବଡ଼ ବିଶେଷତ୍ୱ । ଯଦି ସେ ଚାହିଥାନ୍ତେ, ତେବେ 'ଓମ୍ ଦୟାନନ୍ଦାୟ ନମଃ'କୁ ଗାୟତ୍ରୀ ମନ୍ତ୍ରରେ ଯୋଡ଼ିଦେଇ ପାରିଥାନ୍ତେ ଅଥବା ଆଜିକାଲିର ତଥାକଥିତ ରାମଗାୟତ୍ରୀ, କୃଷ୍ଣଗାୟତ୍ରୀ ଭଳି ଦୟାନନ୍ଦ ଗାୟତ୍ରୀ ତିଆରି କରିପାରିଥାନ୍ତେ । ବର୍ତ୍ତମାନର ଆର୍ଯ୍ୟସମାଜୀ ଅନ୍ୟମାନଙ୍କର ଦେଖାଦେଖି ତା'ର ଜପ କରିପାରିଥାନ୍ତେ । କିନ୍ତୁ ଋଷି-ପରମ୍ପରା ଏପରି ନଥିଲା କି ବେଦର ଶିକ୍ଷା ଏପରି ନଥିଲା । ଯେଉଁ ବିଶ୍ୱାମିତ୍ରଙ୍କୁ ଗାୟତ୍ରୀମନ୍ତ୍ରର ଦ୍ରଷ୍ଟା ବୋଲି କୁହାଯାଏ, ସେ ଗାୟତ୍ରୀ ମନ୍ତ୍ରରେ ନିଜର ନାମ ଯୋଡ଼ି ନାହାନ୍ତି । ରାମ, କୃଷ୍ଣ ଓ ଯୀଶୁଙ୍କର ଶିକ୍ଷା ବି ତ ଏପରି ନଥିଲା ; କିନ୍ତୁ ସେମାନଙ୍କର ଅନୁଗାମୀମାନେ ଏହା କରି ଦେଖାଇଲେ ଯାହା ସେହି ମହାନପୁରୁଷମାନଙ୍କର ଅଭିଳାଷ ନଥିଲା । ସୃଷ୍ଟିର ସ୍ରଷ୍ଟା ଈଶ୍ୱରଙ୍କ ବିଷୟରେ ସିଦ୍ଧାନ୍ତ ଯାହାବି ହେଉନା କାହିଁକି ଏବଂ ସଂସାରର ନିୟମ ବିଷୟରେ ବି ସିଦ୍ଧାନ୍ତ ଯାହା କିଛି ହେଉ ପଛକେ, ସେସବୁ କାରଣରୁ

ଲୋକଙ୍କ ମଧ୍ୟରେ ଗୋଷ୍ଠୀବାଦ ହୋଇପାରେ ନାହିଁ । ପ୍ରକୃତ ଗୋଷ୍ଠୀବାଦର କାରଣ ପୈଗମ୍ବର, ଅବତାର, ପୂଜାରୀ ଓ ପୁରୋହିତ ଅଟନ୍ତି ଯେଉଁମାନେ ଇଶ୍ୱର ଓ ମନୁଷ୍ୟ ମଧ୍ୟରେ ମଧ୍ୟସ୍ଥ ହୋଇ ଉଭା ହୋଇଛନ୍ତି ଏବଂ ଯାହାଙ୍କ ନାମରେ ସମ୍ପ୍ରଦାୟ ସ୍ଥାପନ କରାଯାଏ । ଯେତେବେଳେ ଗୋଟିଏ ମତ ସହିତ ଅନ୍ୟ ଏକ ମତର କଳହ ହୁଏ ସେତେବେଳେ ତାହା ଏହି ଅବତାର ବା ଦୂତମାନଙ୍କର ବ୍ୟକ୍ତିଗତ ଜୀବନୀ ଉପରେ ବା ତାଙ୍କର ଇଶ୍ୱରୀକରଣ ଉପରେ ହୋଇଥାଏ, ତାଙ୍କର ଶିକ୍ଷା ବା ମାର୍ଗଦର୍ଶନ ଉପରେ ଖୁବ୍ କମ୍ ହୁଏ ।

ମତମତାନ୍ତରମାନଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ଏଠାରେ ଥାଏ । ସେସବୁ ଗୌଣ ବିଷୟରେ ନଥାଏ ଯାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ । ଯଦି ଦୂତ ବା ଅବତାରଗୁଡ଼ିକୁ ଇଶ୍ୱରଙ୍କ ପ୍ରତିନିଧି ବା ଇଶ୍ୱର ବୋଲି ସ୍ୱୀକାର କରାନଯାଏ ଏବଂ ତାଙ୍କର ପ୍ରତିନିଧିତ୍ୱ ପୂଜାରୀ ଓ ପୁରୋହିତଙ୍କ ହାତରେ ନଦିଆଯାଏ, ତେବେ ଏ ସମସ୍ତଙ୍କୁ ଶିକ୍ଷକ ରୂପେ ମାନିଲେ ବି କୌଣସି କଳହ ହୁଅନ୍ତା ନାହିଁ । କିନ୍ତୁ ଏହା ଅତି କଷ୍ଟକର ବ୍ୟାପାର !

ଭାଷାନ୍ତର

**ପଦ୍ମନାଭ ସ୍ୱାଇଁ**

❖❖❖

## ସଦସ୍ୟଙ୍କୁ ନିବେଦନ

ଏହା ଅତ୍ୟନ୍ତ ଆନନ୍ଦର ବିଷୟ ଯେ, ଆପଣମାନଙ୍କ ଅକୁଣ୍ଠ ସହଯୋଗରେ 'ଶ୍ରୁତିସୌରଭ' ନିରନ୍ତର ପ୍ରଗତି ପଥରେ ଅଗ୍ରସର ହୋଇଚାଲିଛି । କିନ୍ତୁ କେତେକ ଗ୍ରାହକଙ୍କ ଅସମ୍ପୂର୍ଣ୍ଣ ଓ ତ୍ରୁଟିଯୁକ୍ତ ଠିକଣା ଯୋଗୁଁ ପତ୍ରିକା ପହଞ୍ଚିବାରେ ଅସୁବିଧା ହେଉଛି। ପ୍ରଥମେ ଆମେ ଓଡ଼ିଆରେ ସଦସ୍ୟତା ପତ୍ର ଛାପିଥିଲୁ। କମ୍ପ୍ୟୁଟରରେ ତାଲିକା ଆଦି କରିବା, ସମସ୍ତ ତଥ୍ୟ ଏକତ୍ର ରଖିବା ଓ ତୁରନ୍ତ ଅପେକ୍ଷିତ ପରିବର୍ତ୍ତନ କରିବା ଆଦିରେ ଅସୁବିଧା ବଶତଃ ତାକୁ ଇଂରାଜୀରେ ପରିବର୍ତ୍ତନ କରିବାକୁ ବାଧ ହେଲୁ। ଏଣୁ ଗ୍ରାହକବନ୍ଧୁ ଓ ସହଯୋଗୀମାନଙ୍କୁ ବିନମ୍ର ଅନୁରୋଧ ଯେ ଏଣିକି ସେମାନେ ନିମ୍ନରେ ଦିଆଯାଇଥିବା ନମୁନା ଅନୁସାରେ ସଦସ୍ୟତା-ପତ୍ର ପୂରଣ କରି ପଠାଇବେ। ଯେଉଁମାନେ ଅସମ୍ପୂର୍ଣ୍ଣ ଓ ତ୍ରୁଟିଯୁକ୍ତ ଠିକଣା ଦେଇଛନ୍ତି ସେମାନେ ବି ଦୟାକରି ପୁଣିଥରେ ଏହା ପଠାଇବେ।

– ସମ୍ପାଦକ

# SHRUTI SOURABHA

**SHRUTINYASA, HIG-152, Sailashree Vihar, PO-Chandrasekharpur, BBSR-21**

## MEMBERSHIP FORM

**(ALL SHOULD BE FILLED IN CAPITAL LETTER)**

NAME -
ADDRESS-

PO-
VIA- Dist - PIN-
Mob. No- Email -
Annual(₹100) ☐ Life (₹1000) ☐ Amount ____________
Place :
Date : *Signature*

**ସର୍ବେ ଭବନ୍ତୁ ସୁଖିନଃ :**

# ଭଗବାନଙ୍କୁ ଭଲପାଇବା ନା ଭୟକରିବା ?

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ପ୍ର.କ.** — ଆଜିକାଲି ସମାଜରେ ଦେଖାଯାଉଛି ଯେ ଚାରିଆଡ଼େ ବହୁତ ମଠ-ମନ୍ଦିର ତିଆରି ହେଉଛି, ବହୁତ ପୂଜା-ପାଠ ହେଉଛି, ବହୁତ ବ୍ରତ-ଉପବାସ ହେଉଛି, ବହୁତ ହୋମ-ଯଜ୍ଞ ଚାଲିଛି, ବହୁତ ଦାନ-ଧର୍ମ କରାଯାଉଛି । ଏ ସବୁକଥା ଯେଉଁ ଘଟୁଛି, ଏସବୁ ଭଗବାନଙ୍କୁ ଭଲପାଇ ହେଉଛି ନା ଭଗବାନଙ୍କୁ ଡରି ଆମେ କରୁଛେ ?

**ସ୍ୱାମୀଜୀ** — ଗୋଟିଏ ହିନ୍ଦୀ ଭଜନ ଶୁଣିଥିଲି । ସେଥିରେ ବହୁତ ସୁନ୍ଦର ଭାବରେ କୁହାଯାଇଛି ଯେ ମଣିଷ କାହିଁକି ଭଗବାନଙ୍କୁ ଡାକେ ।

**ପ୍ର.କ.** — କୁହନ୍ତୁ ! କୁହନ୍ତୁ ! ଆମେ ବି ଶୁଣିବା ।

**ସ୍ୱାମୀଜୀ** — ଲେ କେ ଦିଲ୍ ମେ ଫରିଆଦ୍ ତୁମ୍ କୋ କର୍‌ତେ ହମ୍ ୟାଦ୍ ।

ଜବ୍ ହୋ ମୁସ୍କିଲ୍ କୀ ଘଡ଼ିୟାଁ ତୁମ୍ ସେ ମାଁଗେ ଇମ୍‌ଦାଦ୍ ।

ମନ୍ଦିରକୁ ଲୋକେ ଯେଉଁ ଯାଉଛନ୍ତି, ପୂଜାପାଠରେ ବସୁଛନ୍ତି, ତା' ପଛରେ ଗୋଟିଏ ବଡ଼ କାରଣ ହେଲା — **'ଲେକେ ଦିଲ୍ ମେଁ ଫରିଆଦ୍'**—ହୃଦୟରେ ଅଭିଯୋଗ, ଗୁହାରି ନେଇ । ଆପଣ 'ମୋ ପୁଅ ପାଇଁ ଏଇଆ କଲେନି', 'ମୋର ଅମୁକ ହେଲାନି', 'ମୋର ସେଇଆ କରି ଦେଲେନି ଆଜି ଯାଏ', 'ମୋ ଝିଅର ବୟସ ହୋଇଗଲାଣି ବର ଖୋଜି ଦେଲେନି' ଇତ୍ୟାଦି । ଲୋକଙ୍କର ଖାଲି ଅଭିଯୋଗ ଭଗବାନଙ୍କ ପାଖରେ । ଅନ୍ୟ ବିରୁଦ୍ଧରେ ବି ଏବଂ ଭଗବାନଙ୍କ ବିରୁଦ୍ଧରେ ବି । ଆଉ ଇଏ ଯେଉଁ ଅଭିଯୋଗ ଲୋକଙ୍କ ଭିତରେ ତା'ର ବଡ଼ କାରଣ ହେଲା ଈଶ୍ୱରଙ୍କ ସମ୍ବନ୍ଧୀୟ ଭୁଲ୍ ଜ୍ଞାନ । ଈଶ୍ୱରଙ୍କ ଯେଉଁ ସ୍ୱରୂପ ଆମ ଆଗରେ ଉପସ୍ଥାପନ କରାଯାଇଛି, ତାହା ହେଲା— ଈଶ୍ୱର ଜଣେ ତୋଷାମଦପ୍ରିୟ, ଲାଞ୍ଚଖୋର, ବଡ଼ ଈର୍ଷାଳୁ, ପ୍ରତିହିଂସା-ପରାୟଣ, ଅସହିଷ୍ଣୁ ବ୍ୟକ୍ତି । ଏଭଳି ଏକ ଚରିତ୍ର, ଈଶ୍ୱରଙ୍କ ବ୍ୟକ୍ତିତ୍ୱ ଆମ ମନରେ ତିଆରି ହୋଇଛି । ଏମିତି କାହିଁକି ହୋଇଛି ? ତା'ର କାରଣ ହେଲା ଆଜି ଆମେ ଧର୍ମପୁସ୍ତକ ନାମରେ ଉପଲବ୍ଧ ଯେଉଁ ବିଚିତ୍ର-ବିଚିତ୍ର ପୁରାଣ, କଥା-କାହାଣୀ, ଗାଲୁ ଗପରେ ପରିପୂର୍ଣ୍ଣ ପୁସ୍ତକଗୁଡ଼ିକ ପଢୁଛୁ ଏବଂ ଯେଉଁ ଧାର୍ମିକ, ପୌରାଣିକ ଧାରାବାହିକଗୁଡ଼ିକ ଓ ଯେଉଁ ସିନେମାଗୁଡ଼ିକ ଦେଖୁଛୁ, ସେଇଠି ଈଶ୍ୱରଙ୍କୁ ବଡ଼ କଦାକାର ଭାବରେ ଚିତ୍ରିତ କରାଯାଇଛି । ଅର୍ଥାତ୍ ଈଶ୍ୱର ଜଣେ ପ୍ରତିହିଂସାପରାୟଣ ବ୍ୟକ୍ତି, ଈଶ୍ୱର ଜଣେ ତୋଷାମଦକୁ ଭଲ ପାଉଥିବା ବ୍ୟକ୍ତି, ଈଶ୍ୱର ଯେ କୌଣସି ଉପାୟରେ ନିଜ ପୂଜା କରାଇବାକୁ ଚାହୁଁଥିବା ବ୍ୟକ୍ତି, ଈଶ୍ୱର ଈର୍ଷାଳୁ ବ୍ୟକ୍ତି, ଅଭିମାନ-ଅଭିଯୋଗ କଲେ କି ପୂଜା-ପାଠରେ ତାଙ୍କୁ ଖୁସ୍ କରିଦେଲେ ଯାହା ଚାହିଁଲେ ତାହା ଦେଇଦେବା ବ୍ୟକ୍ତି ଇତ୍ୟାଦି । ଏଥିରେ ଈଶ୍ୱରଙ୍କ କିଛି ଭୁଲ୍ ନାହିଁ । କିଛି ସ୍ୱାର୍ଥୀ ଲୋକମାନେ ଈଶ୍ୱରଙ୍କ ନାମ ଆଢୁଆଳରେ ରହି ଈଶ୍ୱରଙ୍କ ନାମ ମାଧ୍ୟମରେ ଲୋକଙ୍କୁ ଧାର୍ମିକ ଶୋଷଣ କରିବାକୁ ଈଶ୍ୱରଙ୍କ ଏମିତି ଏକ କିମ୍ଭୂତ-କିମାକାର ଚରିତ୍ର ଆମ ଆଗରେ ଉପସ୍ଥାପନ କରିଛନ୍ତି । ୟା' ପଛରେ ପୂରା ର୍ୟାକେଟ୍ କାମ କରୁଛି ।

ଆପଣଙ୍କ ପାଖକୁ ଗୋଟିଏ ଚିଠି ଆସିବ । ସେଥିରେ ଲେଖାଥିବ ଯେ, ଆପଣ ଯଦି ଏହି ଭଳି ୧୦୦ଟି ଚିଠି ଲେଖି ଅନ୍ୟ ପାଖକୁ ନ ପଠାଇବେ ତେବେ ଆପଣଙ୍କର ସତ୍ୟାନାଶ ହୋଇଯିବ ।

ମୋର ଗୋଟିଏ କଥା ମନେପଡୁଛି । ପ୍ରଚାର ପାଇଁ ଭ୍ରମଣ କରୁଥିବା ସମୟରେ ଆଜିକୁ ପ୍ରାୟ ୨୦ ବର୍ଷ ତଳେ ମୁଁ ଗୋଟିଏ ସ୍ଥାନରେ ବସ୍‌ଷ୍ଟାଣ୍ଡରେ ବସ୍‌ରେ ବସିଥାଏ ।

ସିଟ୍ ପାଇବା ପାଇଁ ଆଗରୁ ଆସିଯାଇଥାଏ । ଅନ୍ୟ କେହି ଆହୁରି ଆସିନଥାନ୍ତି । ଏତିକି ବେଳେ ଜଣେ ଭଦ୍ରବ୍ୟକ୍ତି ଆସିଲେ । ସିଟ୍ ଉପରେ, ଯେଉଁଠି କି ଲୋକଙ୍କ ଜିନିଷ-ପତ୍ର ରଖିବା ପାଇଁ ବ୍ୟବସ୍ଥା ଥାଏ ସେଇଠି, ସେ ହଳଦିଆ ଓ ଲାଲ ରଙ୍ଗର ପେଣ୍ଡାଏ କାଗଜ ରଖି ଓହ୍ଲାଉଥାନ୍ତି । ସେ କାଗଜଗୁଡ଼ିକ ପ୍ରଚାର-ପତ୍ର ଭଳି ଦେଖାଯାଉଥାଏ । ମୁଁ ତାଙ୍କୁ ପଚାରିଲି –'ଏସବୁ କ'ଣ ?' ସେ ମୋ ହାତକୁ ଖଣ୍ଡେ ବଢ଼ାଇଦେଲେ । ପଢ଼ିଲି, ଜଣେ ନୂଆ ଦେବୀଙ୍କ ବଜାର ପ୍ରବେଶ (Market Entry) ଯୋଗୁଁ ସେ ଦେବୀ 'ବ୍ରାଣ୍ଡ'ର ବହୁଳ ପ୍ରସାର ପାଇଁ ସେଥିରେ ଧମକମିଶ୍ରିତ ଲୋଭ ପ୍ରଦର୍ଶନ କରାଯାଇଥାଏ । ଲେଖାଥାଏ ଯେ ଯିଏ ଏ କାଗଜ ପାଇବ ତାକୁ ନିଶ୍ଚିତ ରୂପେ ୫୦୦-୧୦୦୦ ଏଭଳି ପ୍ରଚାର-ପତ୍ର ଛାପି ବାଣ୍ଟିବାକୁ ପଡ଼ିବ । ଯେଉଁମାନେ ବାଣ୍ଟିଛନ୍ତି ସେମାନଙ୍କ ମଧ୍ୟରୁ କିଏ ପୋତା ସୁନାହାଣ୍ଡି ପାଇଛି, କେହି ନିଃସନ୍ତାନ ସନ୍ତାନ ଲାଭ କରିଛି, କୌଣସି ବେକାରର ମୋଟା ଅଙ୍କ ଦରମାର ଚାକିରୀ ହୋଇଯାଇଛି ଏବଂ ଯେଉଁମାନେ ଏ କାଗଜ ପାଇ ମଧ୍ୟ ଛାପିନାହାନ୍ତି କି ବାଣ୍ଟିନାହାନ୍ତି ସେମାନଙ୍କ ମଧ୍ୟରୁ କାହାର ଗୋଟିଏ ବୋଲି ପୁଅ ମରିଯାଇଛି, କାହାର ଝିଅ ବିଧବା ହୋଇଯାଇଛି, କାହାର ଭଲ ଚାଲୁଥିବା ବ୍ୟବସାୟ ବୁଡ଼ିଯାଇଛି, କାହାର ସର୍ବନାଶ ହୋଇଯାଇଛି, କିଏ ଅଚାନକ ରୋଗବ୍ୟାଧିରେ ଘାଣ୍ଟି ହେଉଛି ଇତ୍ୟାଦି ।

ମୁଁ ତାଙ୍କୁ ପଚାରିଲି, 'ଆପଣ ଏ ଗାଡ଼ିରେ ଯିବେ କି ?' ସେ ମନାକଲେ । ମୁଁ ପୁଣି ପଚାରିଲି, 'ତେବେ ଏସବୁ ଏଇଠି କାହିଁକି ରଖୁଛନ୍ତି ?' ସେ କହିଲେ, 'ମୁଁ ଏଇ ଭଳି କାଗଜଟିଏ ପାଇଥିଲି । ଉତ୍ସୁକତାବଶତଃ ତାକୁ ପଢ଼ିଲି । ଆପଣ ବି ତ ଏ କାଗଜ ପଢ଼ିଲେ । ଲେଖାହୋଇଛି ଯେ ଏଇ ଭଳି କାଗଜ ଛାପି ନ ବାଣ୍ଟିଲେ ଅନେକ ପ୍ରକାର ହାନି । ଆମେ ତ ଛୁଆ-ପିଲା ଧରି ସଂସାର କରିଛୁ । ତେଣୁ ସ୍ୱାଭାବିକ ଭୟ ରହୁଛି । ନ ବାଣ୍ଟିଲେ ଦେବୀ ରାଗି ଯାଇ ଅନେକ ଅନିଷ୍ଟ କରିପାରନ୍ତି । କିନ୍ତୁ ଏଣେ ବାଣ୍ଟିବାକୁ ଲାଜ-ସଂକୋଚ ଲାଗୁଛି । ଏଣୁ ଏଇଠି କିଛି ରଖିଦେଇ ଯାଉଛି । ଆଉ ୩-୪ଟି ବସ୍‌ରେ କିଛି-କିଛି ରଖିଦେବି । ଯିଏ ପଢ଼ିବ, ପଢ଼ିବ ।' ମୁଁ କହିଲି, 'ମୋତେ ସବୁଯାକ ଦେଇ ଦେଉନାହାନ୍ତି । ମୁଁ ତା'ର ସଦୁପଯୋଗ କରିଦେବି ।' ସେତିକି କାଗଜ ସହ ତାଙ୍କ ବ୍ୟାଗ୍‌ରେ ଥିବା ଅନ୍ୟ ସବୁତକ ପ୍ରଚାର-ପତ୍ର ସେ ମୋତେ ଦେଇଦେଲେ । ଗୋଟିଏ ଦୀର୍ଘଶ୍ୱାସ ପକାଇ ସେ କହିଲେ, 'ଆପଣ ମୋ କାମ ହାଲୁକା କରି ଦେଲେ । ମୋତେ ଆଉ ବୁଲିବାକୁ ପଡ଼ିବ ନାହିଁ ।' ମୁଁ ସବୁ ନେଲି ଓ କହିଲି, 'ମୁଁ ତ ସମସ୍ତଙ୍କୁ ଏସବୁରୁ ହାଲୁକା ହେବାର ରାସ୍ତା ବତଉଛି । କିନ୍ତୁ କିଏ ଶୁଣୁଛି ମୋ କଥା ?' ସେ ସମ୍ଭବତଃ ମୋ କଥାର ମର୍ମ ବୁଝିପାରିଲେ ନାହିଁ । ମୁଁ ତାଙ୍କୁ ପଚାରିଲି, 'ଯେଉଁମାନେ ଏସବୁ କାଗଜ ନେଇଥାନ୍ତେ ସେମାନେ କ'ଣ କରିଥାନ୍ତେ ?' ସେ ଉତ୍ତର ଦେଲେ, 'ସେମାନେ କ'ଣ କରିଥାନ୍ତେ ସେ ବିଷୟ ସେମାନେ ବୁଝିଥାନ୍ତେ । ମୁଁ ବାଣ୍ଟିଦେଲି, ମୋ କାମ ଶେଷ ।' ମୁଁ ତାଙ୍କ ଆଖି ଆଗରେ ହିଁ ସେ ସବୁଯାକ ପ୍ରଚାର-ପତ୍ର ଚିରି ଟୁକୁରା-ଟୁକୁରା କରିଦେଲି । ସିଏ ଆଶ୍ଚର୍ଯ୍ୟରେ ପଚାରିଲେ, ' ଏ କ'ଣ କଲେ ?' ମୁଁ କହିଲି, 'ଏହା ହିଁ ଏଭଳି ବସ୍ତୁର ସଦୁପଯୋଗ । ନଚେତ୍ ଆପଣ ଏ ଯେଉଁ ଭୂତାଣୁ(Virus) ଛାଡ଼ି ଯାଉଥିଲେ ଏହା ଯେ କେତେ ଲୋକଙ୍କ ମସ୍ତିଷ୍କକୁ ଆକ୍ରାନ୍ତ କରି ବିକୃତ କରିଥାନ୍ତା ତା'ର ଠିକଣା ନାହିଁ । ଯିଏ ପଢ଼ିଥାନ୍ତା, ସିଏ ବି ଅଯଥା ମନସ୍ତାପ ପାଇଥାନ୍ତା ଓ ଭୟଗ୍ରସ୍ତ ହୋଇ ଛାପି ବାଣ୍ଟିଥାନ୍ତା । ଏଇମିତି ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥାନ୍ତା । ଅନ୍ୟକୁ ଅଯଥା ଦୁଃଖ ପହଞ୍ଚାଉଥିବା କାରଣରୁ ଆପଣଙ୍କ ପାପ ବି ବଢ଼ି ଚାଲିଥାନ୍ତା । ପରିଣାମରେ ଆପଣଙ୍କୁ ଈଶ୍ୱରୀୟ ବ୍ୟବସ୍ଥା ଅନୁସାରେ ଦଣ୍ଡ ମିଳିଥାନ୍ତା । ଆପଣ ସିନା ଭାବୁଛନ୍ତି ନ ବାଣ୍ଟିଲେ ଦେବୀଙ୍କ ପ୍ରକୋପରୁ ଦୁଃଖ ମିଳିବ ଓ ବାଣ୍ଟିଲେ ସୁଖ ମିଳିବ ବୋଲି; କିନ୍ତୁ ବାସ୍ତବିକ କଥା ହେଲା ଏଭଳି ନିରର୍ଥକ କାଗଜ ବାଣ୍ଟି ଅନ୍ୟର ଅଯଥା ମନସ୍ତାପ ବଢ଼ାଇଲେ ଓ ଅନ୍ୟକୁ ଖର୍ଚ୍ଚାନ୍ତ କଲେ ପରିଣାମରେ ନ୍ୟାୟକାରୀ ପରମାତ୍ମାଙ୍କ ନ୍ୟାୟ-ବ୍ୟବସ୍ଥାରୁ ଦୁଃଖ ମିଳେ । ଏସବୁ ଦ୍ୱାରା କାହାକୁ ବି ସୁଖ ମିଳିନି କି ମିଳିପାରିବ ନାହିଁ । ଏଇଆ ମିଳିଲା- ସେଇଆ ମିଳିଲା ବୋଲି ଏ ଯେଉଁ କୁହାଯାଉଛି

ସେ ସବୁ ଖାଣ୍ଟି ମିଛ । କେବଳ ଅନ୍ୟକୁ ପ୍ରଲୁବ୍ଧ କରି ଜାଲରେ ପକାଇବା ପାଇଁ ଏ ସବୁ ପ୍ରଚାର । ମୁଁ ଏସବୁ ଚିରିଦେଲି । ଅନ୍ୟମାନେ ଅଯଥା ଦୁଃଖରୁ ରକ୍ଷା ପାଇଗଲେ ଓ ଆପଣ ବି ଦୁଃଖ ଭୋଗିବାରୁ ରକ୍ଷା ପାଇଗଲେ ।' ସେ କହିଲେ, 'ଦେବୀ ଯଦି କୋପଦୃଷ୍ଟି ପକାଇବେ ତେବେ ଆପଣଙ୍କ କ୍ଷତି ହୋଇପାରେ ।' ମୁଁ କହିଲି, 'ଯିଏ ଲୋକଙ୍କୁ ଧମକ ଦେଇ, ଅନ୍ୟାୟପୂର୍ଣ୍ଣ ପ୍ରଲୋଭନ ଦେଇ ନିଜ ପ୍ରଚାର କରାଏ ସିଏ ଦେବୀ ନା ରାକ୍ଷସୀ ? ଏସବୁ କ'ଣ କେବେ କୌଣସି ଦିବ୍ୟଗୁଣସଂପନ୍ନ ସତ୍ତାର କାର୍ଯ୍ୟ ହୋଇପାରେ ? ଧମକ ନ ମାନିଲେ, ଅନ୍ୟାୟ ପ୍ରଚାରରେ ସାମିଲ ନ ହେଲେ, ଅନ୍ୟାୟକୁ ପ୍ରତିହତ କଲେ ସେ ବ୍ୟକ୍ତି ପ୍ରତି ପ୍ରତିହିଂସାପରାୟଣ ହୋଇ ତା'ର ବିନାଶ କରିବା କ'ଣ ଦେବତ୍ୱ ? ତା' ଛଡ଼ା ଆପଣ ଯେଉଁ କହିଲେ ଯେ ଦେବୀଙ୍କ କୋପଦୃଷ୍ଟି ପଡ଼ିବ ବୋଲି ସେ ବିଷୟରେ ମୋର କହିବାର କଥା ହେଲା ଆମେ ଖବରକାଗଜରେ ପଢୁଛେ ଯେ ଅମୁକ ଦେବୀଙ୍କ ଆଖି ଖୋଲି ଚୋରମାନେ ନେଇଗଲେ । ଏସବୁ ଦେବୀଙ୍କ ପାଖରେ ଯଦି ସତରେ କିଛି ବି ଶକ୍ତି ଅଛି, ତାଙ୍କର କୋପଦୃଷ୍ଟି ପକାଇବାର କ୍ଷମତା ଅଛି, ତେବେ ସେ ଚୋରମାନେ ତ ସେଇଠି ଭସ୍ମ ହୋଇଯିବା କଥା, ସେମାନେ ଆରାମରେ ପଳେଇଲେ କେମିତି ? ଏତେ ଶକ୍ତିଶାଳୀନୀ ବୋଲି ପ୍ରଚାରିତ ହେଉଥିବା ଦେବୀ ଅନ୍ଧୁଣୀ ପାଲଟିଗଲେ କିପରି ? ଅତଏବ ଏସବୁ ଅଯଥା ଭୟରୁ ଦୂରେଇ ରହନ୍ତୁ ଓ ଶାନ୍ତିରେ ରହନ୍ତୁ ।'

ଏଭଳି ଭାବରେ କିଛି ସ୍ୱାର୍ଥୀ ଲୋକମାନେ ଏସବୁ ଧନ୍ଦା ଚଳାଇଛନ୍ତି । ଆପଣ ପଚାରିପାରନ୍ତି ଯେ ସ୍ୱାର୍ଥୀ ଲୋକମାନେ ଏଭଳି କାହିଁକି କରୁଛନ୍ତି ? ତା'ର ଉତ୍ତର ହେଲା – ଭଗବାନଙ୍କର ଗୋଟିଏ ନୂଆ ବ୍ରାଣ୍ଡ୍ ବାହାରିଲେ ତା'ର ପ୍ରଚାର-ପ୍ରସାର ପାଇଁ ।

**ପ୍ର.କ.** — ତା'ମାନେ ପୂରା ର୍‍ୟାକେଟ୍ ଅଛି ଯା' ପଛରେ ।

**ସ୍ୱାମୀଜୀ** — ହଁ, ପୂରା ର୍‍ୟାକେଟ୍ । ଲୋକଙ୍କ ଗାଡ଼ି ଚୋରି କରିବା, ମହିଳାମାନଙ୍କ ସୁନା ଚେନ୍ ଛିଣ୍ଡାଇ ନେବା ଓ ଅନ୍ୟ ଅନେକ ଅସାମାଜିକ ଉପାୟରେ ଧନ ଅପହରଣ କରିବା ପାଇଁ ଯେମିତି ର୍‍ୟାକେଟ୍ ସବୁ ସକ୍ରିୟ, ସେହିପରି ଈଶ୍ୱରଙ୍କ ନାମରେ ସରଳ-ତରଳ-ନିରୀହ ଜନତାଙ୍କୁ ଧମକ-ଚମକ-ଭୟ ଦେଖାଇ ଧନ ଅପହରଣ କରିବାକୁ ବହୁ ର୍‍ୟାକେଟ୍ ସକ୍ରିୟ । କୌଣସି ନିର୍ଦ୍ଦିଷ୍ଟ ଧର୍ମରେ ହିଁ ଏହା ଅଛି, ତା' ନୁହେଁ ।

ସ୍ୱାର୍ଥୀ, ଧାର୍ମିକ-ଶୋଷଣ (Religious Exploitation) କରୁଥିବା ଲୋକମାନଙ୍କର ଏସବୁ ଗୋଟିଏ ଯୋଜନାବଦ୍ଧ ବ୍ୟବସ୍ଥା । ଆଜିକାଲି ତ ଲୋକେ ଆଉ ଚିଠି ଲେଖୁନାହାନ୍ତି । ସମୟ ଲାଗୁଛି । ତେଣୁ SMS କରୁଛନ୍ତି । ୧୦୦୦ SMS ଯଦି ନ ପଠାଇବେ, ୧୦୦୦ ଲୋକଙ୍କ ପାଖକୁ ଯଦି SMS ନ ପଠାଇବେ, ତେବେ ଆପଣଙ୍କର ୧୦୦୦ ପ୍ରକାର ଅସୁବିଧା ହେବ ବୋଲି ଧମକ ଦିଆଯାଇଥିବ ସେଥିରେ ।

ସେମାନେ କାହିଁକି କରୁଛନ୍ତି ? ଭଗବାନଙ୍କର ନୂଆ ବ୍ରାଣ୍ଡର ମାର୍କେଟ୍ ଭଲ ହେଲେ ନୂଆ ମନ୍ଦିର ତିଆରି ହେବ । ନୂଆ ମନ୍ଦିର ହେଲେ ଯା'ଙ୍କର ଛୁଆ-ପିଲା ମନ୍ଦିର ବାହାନାରେ ଚଳିବେ – ସେଇଠି ଭୋଗ ଦୋକାନ ହେବ , ପୂଜା-ସାମଗ୍ରୀ ବିକ୍ରି ହେବ ଇତ୍ୟାଦି । ଆଜିକାଲି ତ ପ୍ରାୟ ମନ୍ଦିରଗୁଡ଼ିକ ଗୋଟିଏ-ଗୋଟିଏ ହୋଟେଲ, ବ୍ୟବସାୟ ପ୍ରତିଷ୍ଠାନରେ ପରିଣତ ହୋଇଗଲାଣି । ମନ୍ଦିରରେ ଶାନ୍ତି, ପବିତ୍ରତା, ଧର୍ମଚର୍ଚ୍ଚା, ଜନସାଧାରଣଙ୍କ ଜୀବନର ସମସ୍ୟାର ସମାଧାନ, ଆଧ୍ୟାତ୍ମିକତା ଆଦି ଆଉ କାହିଁ ? କାଁ-ଭାଁ ଯଦି କୋଉଠି ଏସବୁ ଥିବ, ଥିବ ।

**ପ୍ର.କ.** — ଏ କଥାକୁ ପରେ ଆସିବା । କିନ୍ତୁ ଆପଣ ଯେଉଁ କହିଲେ – 'ସମସ୍ତେ ଗୋଟିଏ ସ୍ୱାର୍ଥ ନେଇ, ତାଙ୍କର ଅଳି-ଅଭିଯୋଗ ନେଇ ଭଗବାନଙ୍କ ପାଖକୁ ଯାଆନ୍ତି ।' ମୋର କହିବାର ହେଲା, ଭଗବାନଙ୍କୁ ଆମେ ଏତେ ଭଲ ପାଉ, ଯେମିତିକି ଆମେ ଆମ ମା'-ବାପାଙ୍କୁ ଭଲ ପାଉ । କିଛି ଗୋଟାଏ ଦରକାର ହେଲେ ଯେମିତିକି ଆମେ ଆମ ମା' ପାଖକୁ ଯାଉ, କହୁ – 'ମା' ଟିକେ ସାହାଯ୍ୟ କରିଦେବୁ କି ? ଟିକିଏ କରିଦେ ଲୋ... ।' ସେମିତି ଭଗବାନଙ୍କୁ

ଭଲ ପାଇ ଯେତେବେଳେ ଯାହା ଦରକାର ପଡ଼େ ମାଗୁ, ହାରି-ଗୁହାରି କରୁ । ଆମେ ସାଧାରଣ ଲୋକ, ଆପଣମାନଙ୍କ ପରି ତ ସାଧୁ-ସନ୍ନ୍ୟାସୀ ନୋହୁଁ । ଆମେ ସାଧାରଣ ଲୋକ ଭଗବାନଙ୍କ ପାଖକୁ ଯାଉ- 'ମୋ ପିଲା ଭଲ ନମ୍ବର ରଖନ୍ତା ନି ? ଭାରି ଦୁଷ୍ଟ ହେଉଛି, ଭଲ ହୋଇଯାଆନ୍ତା ନି ?' ଏଇଟା ତାଙ୍କୁ ଅନୁରୋଧ କରିବା ପାଇଁ । 'ମୋ ବେପାର ଚାଲୁନି, ବେପାର ଭଲ ଚାଲନ୍ତା ନି ?' ଏମିତି କହୁ । ଭଗବାନଙ୍କୁ ଡାକୁ ମନ ଭିତରେ 'ଏଇଟା ଟିକିଏ ଆମର କରାଇଦିଅ ।' ଏଇଟା କ'ଣ ଗୋଟେ ଭୁଲ୍ କଥା ?

**ସ୍ୱାମୀଜୀ** — ଭଗବାନଙ୍କୁ ଆମେ ସହାୟତାର ଯାଚନା କରିବା ଭୁଲ୍ କଥା ନୁହେଁ । କିନ୍ତୁ ତା' ପାଇଁ ଗୋଟିଏ ଦିଆ-ନିଆ(Exchange Offer)ରେ ନୁହେଁ । ଆମେ ଏ ଯେଉଁ Exchange Offer କରୁଛୁ ଯେ ଅମୁକ କାମ କରିଦେଲେ ୫ଟା ନଡ଼ିଆ ଦେବି, ସମୁକ କାମ କରିଦେଲେ ଲିଆ-ମୁଆଁ, ଖଣ୍ଡୁଆ ପାଟ ଦେବି, ଅମୁକ ଲାଭ କରାଇଦେଲେ ରୁପା ଆଖି ଦେବି, ସୁନା ଚିତା ପିନ୍ଧାଇବି, ସୁନା ମୁକୁଟ ଦେବି, ଦେଉଳରେ ବାନା ବାନ୍ଧିବି ଇତ୍ୟାଦି । ଆମେ ବିଚାର କରିପାରୁନୁ ଯେ ଏ ସାରା ସଂସାରର ମାଲିକ କିଏ ? ମୁଁ ଆପଣଙ୍କୁ ପଚାରୁଛି ଯେ, ଏ ସଂସାର କାହାର ? **ପ୍ର.କ.**— ଭଗବାନଙ୍କର ।

**ସ୍ୱାମୀଜୀ** — ସଂସାର ଯଦି ଭଗବାନଙ୍କର, ତେବେ ପୃଥିବୀ ? **ପ୍ର.କ.**— ଭଗବାନଙ୍କର ।

**ସ୍ୱାମୀଜୀ** — ଓଡ଼ିଶା ? **ପ୍ର.କ.**— ଭଗବାନଙ୍କର ।

**ସ୍ୱାମୀଜୀ** — ଓଡ଼ିଶାର ସବୁ ନଡ଼ିଆଗଛ ? **ପ୍ର.କ.**— ସବୁ ତାଙ୍କର ।

**ସ୍ୱାମୀଜୀ** — ଆପଣଙ୍କ ଘରେ ଥିବା ନଡ଼ିଆ ଯଦି ଫଳିବା ସମୟରୁ ହିଁ ଭଗବାନଙ୍କର, ତେବେ ଆପଣ ପୁଣି ତାହା ଭଗବାନଙ୍କୁ ଦେବେ କ'ଣ ? **ପ୍ର.କ.**— ସେଇଟା ତ ଠିକ୍ କଥା ।

**ସ୍ୱାମୀଜୀ** — କିନ୍ତୁ ବଡ଼ ଭ୍ରମ ରହିଛି ଆମ ଭିତରେ । ଆମେ ଆମର ଅସାମର୍ଥ୍ୟ ଯୋଗୁଁ ଈଶ୍ୱରଙ୍କୁ ସହାୟତା ମାଗୁଛେ । ଏଣେ ଏଇଟା କଲେ ସେଇଟା ଦେବି ଆଦି କହି ଛୋଟିଆ-ଛୋଟିଆ ପ୍ରଲୋଭନ ଦେଖାଉଛେ ।

**ପ୍ର.କ.**— ଏ ଭ୍ରମ ଆମ ମନ ଭିତରେ କିଏ ସୃଷ୍ଟି କରିଛନ୍ତି ? ବାବା-ମାତା-ଗୁରୁ ଏମାନେ ସବୁ ସୃଷ୍ଟି କରିଛନ୍ତି । 'ଏଇଟା ହେବ, ଏତିକି ଦାନ ଦେବୁ । ଏଇଟା ମିଳିବ, ଘଣ୍ଟ ଦେବୁ । ଏମିତି ହେଲେ ଗୋଟିଏ ନାଗ ସାପ ଦେବୁ ଶିବଙ୍କୁ ।' ଏମିତି ସବୁ ଶିଖାଇଛନ୍ତି । **ସ୍ୱାମୀଜୀ** — ସତ ସାପ ? **ପ୍ର.କ.**— ନା, ନା । ତମ୍ବା କି ପିତଳ ଆଦିର । ସତ ନାଗ ସାପ ଶିବ ମନ୍ଦିରରେ ରହିଲେ କେହି ପଶିବେ ନାହିଁ ସେ ମନ୍ଦିର ଭିତରକୁ । ପାଖକୁ ଯାଇ ମୁଣ୍ଡିଆ ମାରିବେ ନା ଛିର ଡାଳି ଆଉଁଶିବେ ।

**ସ୍ୱାମୀଜୀ** — ଖବରକାଗଜରେ କେବେ-କେବେ ପଢ଼ିବାକୁ ମିଳେ ଯେ ଅମୁକ ସ୍ଥାନରେ ଶିବ ମନ୍ଦିରରେ ଶିବଲିଙ୍ଗ ପାଖରେ ସତ ନାଗ ସାପ ଥିବା ଦେଖି ଭକ୍ତମାନଙ୍କ ଗହଳି ଲାଗିଗଲା । ଅତି ଭକ୍ତିରେ ଜଣେ-ଦୁଇଜଣ ସାପ ନିକଟକୁ ଯାଇ ଭକ୍ତି ପ୍ରଦର୍ଶନ କରିବାରୁ ସାପ ଗେଲ(ଦଂଶନ) କଲା । ଚିକିତ୍ସାଳୟରେ ପହଞ୍ଚାଇବା ପୂର୍ବରୁ ହିଁ ସେମାନେ ଶିବଲୋକ ଗମନ କଲେ ।

**ପ୍ର.କ.**— ଭକ୍ତି ଅତ୍ୟଧିକ ହେଲେ ସବୁ ହୁଏ ।

**ସ୍ୱାମୀଜୀ** — ଆପଣ ଯେଉଁ କଥାଟି କହିଲେ ଯେ, 'ବାବା-ମାତା-ଗୁରୁମାନେ ଏସବୁ ଭ୍ରମ ସୃଷ୍ଟି କରିଛନ୍ତି ।' ଆମେ ଗୋଟିଏ କଥା ଶୁଣିଛେ—'ଯାହା ଚକମକ୍ ଦେଖାଯାଏ, ସବୁ ସୁନା ନୁହେଁ ।' ସେହିପରି ଯେତେ ସବୁ ଲୋକ କଳା ବସ୍ତ୍ର ପିନ୍ଧନ୍ତି କି ଧଳା ଘୋଡ଼ି ହୁଅନ୍ତି, ନାଲି ପିନ୍ଧନ୍ତି କି ହଳଦିଆ, ଗେରୁଆ ପିନ୍ଧନ୍ତି କି ଅରୁଆ ଖାଆନ୍ତି, ଦାଢ଼ି ଛାଡ଼ନ୍ତି କି ଜଟ ବଢ଼ାନ୍ତି, ଚିତା କାଟନ୍ତି କି ପାଉଁଶ ବୋଳି ହୁଅନ୍ତି, ମାଳି ଲମ୍ବାନ୍ତି କି କଣ୍ଠି ବାନ୍ଧନ୍ତି, ସମସ୍ତେ ଆଧ୍ୟାତ୍ମିକ ବ୍ୟକ୍ତି ନୁହଁନ୍ତି । ଏଇଠି ଆମେ ଧୋକା ଖାଇଯିବା କାରଣରୁ ଭୁଲ୍ ଲୋକଙ୍କ କଥା ମାନୁଛେ । ଭୁଲ୍ କାହାର ? କ'ଣ କେବଳ ବାବାମାନଙ୍କର ? ଲୋକେ କ'ଣ ଭାବୁଛନ୍ତି ? ଲୋକମାନେ ଭାବୁଛନ୍ତି, ସିଏ ବଡ଼ ବାବା ଯିଏ କି ଆପଣ

ଯାହା ଚାହିଁଲେ ତାହା ଆପଣଙ୍କୁ ଦେଇପାରିବେ ବୋଲି ଅଭୟ ବାଣୀ ଦେଇପାରିବେ । ବାସ୍ତବରେ ଏମିତି କିଛି ହେବାର ନାହିଁ । କିନ୍ତୁ ଲୋକେ ତ ଏଭଳି ଏକ ମିଥ୍ୟା ପ୍ରତିଶ୍ରୁତି ଚାହୁଁଛନ୍ତି ନା !

ଦେଖନ୍ତୁ ! ସଂସାରରେ ଗୋଟିଏ କଥା ଦେଖାଯାଏ । ସଂସାରରେ ଧୂର୍ତ୍ତ ଓ ମୂର୍ଖଙ୍କ ଭିତରେ ଗୋଟିଏ ବିଚିତ୍ର ସଂପର୍କ ଅଛି । ଧୂର୍ତ୍ତ ଲୋକମାନେ ମୂର୍ଖ ଲୋକମାନଙ୍କର ଆଧାରରେ ବଞ୍ଚନ୍ତି । ଧୂର୍ତ୍ତମାନେ ପରଜୀବୀ (Parasite) ହେଲେ ମୂର୍ଖମାନେ ପୋଷକ (Host) ଅଟନ୍ତି । **ପ୍ର.କ.**— ଏକଦମ୍ ଠିକ୍ ।

**ସ୍ୱାମୀଜୀ** — ଆପଣ ସେ ଭିତରେ ସତ କହିବାକୁ ଗଲେ- ଯାହାକୁ ଫାଇଦା ମିଳୁଛି ନା ସିଏ ଶୁଣିବାକୁ ରାଜି ଅଛି, ନା ଯିଏ ଦେବାକୁ ଅନାଇ ବସିଛି ସିଏ ଆପଣଙ୍କ କଥା ଶୁଣିବାକୁ ରାଜି ଅଛି । ଆପଣ କହିବେ କାହାକୁ ? **'ଶ୍ରୋତା-ବକତା କେହି ନାହିଁ, ରୋଦନ କରୁ କାହିଁ ପାଇଁ ?'**

ଜଣେ ଯେତେବେଳେ ଲୁଣ୍ଠିତ ହେବା ପାଇଁ ଚାହୁଁଛି ଏବଂ ଆଉ ଜଣେ ତାକୁ ଲୁଣ୍ଠନ କରିବାକୁ ଚାହୁଁଛି, ଆମେ ବୁଝାଇବା କାହାକୁ ? କିଏ ଶୁଣୁଛି ଆମ କଥା ? ସମସ୍ୟା ସେଇଠି । ଲୋକେ ଆମ କଥା ମାନିଲେ ଏ ସବୁ ଭ୍ରମ ଦିନ କେଇଟାରେ ସମାପ୍ତ ହୋଇଯାଆନ୍ତା । ଲୋକେ ଭୁଲ ଲୋକଙ୍କୁ ଗୁରୁ ମାନିବାରୁ ଭୁଲ୍ ଶିକ୍ଷା ପାଇ ଭୁଲ୍ କାମ କରୁଛନ୍ତି ଓ ଦୁଃଖ ପାଉଛନ୍ତି । ଭୁଲ୍ ଗୁରୁଙ୍କୁ ଛାଡ଼ି ଭଲ ଗୁରୁଙ୍କୁ ଗ୍ରହଣ କଲେ ଭଲ ଶିକ୍ଷା ପାଇବେ ଓ ଭଲ କାମ କରି ଭଲରେ ରହିବେ ।

ଗୋଟିଏ ଛୋଟ କଥା । ମନେକରନ୍ତୁ ଆପଣଙ୍କ ପାଖକୁ ଗୋଟିଏ SMS ଆସିଲା ଯେ ଆପଣ ଆଜି ରାତି ଭିତରେ ଅମୁକ ମନ୍ଦିରରେ ଯଦି ଗୋଟିଏ ନଡ଼ିଆ ନ ବାଢ଼େଇବେ ତେବେ ଆପଣଙ୍କର ପୁଅ କି ଭାଇ ଯିଏ ଥିବ ତା'ର ତୁରନ୍ତ ଦେହାନ୍ତ ହୋଇଯିବ । ମେସେଜ୍ ଆସିଗଲା ମୋବାଇଲ୍‌କୁ । କିଛି କଥା ନାହିଁ । ଭଗବାନ ଆମକୁ ବୁଦ୍ଧି ଦେଇଛନ୍ତି । କ'ଣ ପାଇଁ ଦେଇଛନ୍ତି ? ପରୀକ୍ଷା କରିବା ପାଇଁ ଦେଇଛନ୍ତି ନା ? **ପ୍ର.କ.**— ହଁ । **ସ୍ୱାମୀଜୀ** — ବୁଦ୍ଧି ଈଶ୍ୱର ପ୍ରଦତ୍ତ ବସ୍ତୁ । ତାକୁ ସମ୍ମାନ ଦେବା ଉଚିତ ନା ନାହିଁ ? ତା'ର ଉଚିତ ବ୍ୟବହାର କରିବା ଉଚିତ କି ନାହିଁ ?

**ପ୍ର.କ.**— ସମ୍ମାନ ଦେବା ଉଚିତ । ଉଚିତ ବ୍ୟବହାର କରିବା ଉଚିତ ।

**ସ୍ୱାମୀଜୀ** — ଆପଣଙ୍କ ସ୍ୱାମୀ ଗୋଟିଏ Lactometer ଆଣି ଘରେ ରଖିଛନ୍ତି । ସେଥିରେ କ୍ଷୀର ପରୀକ୍ଷା କରାଯାଏ । ଅଥଚ ଆପଣ ପାଣି ମିଶା ପତଳା କ୍ଷିର କିଣିଲେ । ଘରକୁ ସ୍ୱାମୀ ଫେରିଲେ ବିରକ୍ତ ହେବେ ନା ନାହିଁ ? ସେ କହିବେ ଏ Lactometer କ'ଣ ପାଇଁ ଆଣି ରଖିଲି ? ତୁମେ ତ ଏମିତି ପାଣି ମିଶା କ୍ଷିର କିଣୁଥିବ । **ପ୍ର.କ.**— ନିଶ୍ଚୟ କହିବେ ।

**ସ୍ୱାମୀଜୀ** — ସେମିତି ଭଗବାନ ଆମକୁ ବୁଦ୍ଧି ଦେଇଛନ୍ତି । ଆମେ ଯଦି ଆଖି ବୁଜି ଯାହା-ତାହା କଥା ମାନିବା, ତେବେ ଈଶ୍ୱର ଆମକୁ ଦଣ୍ଡ ଦେବେ ନା ନାହିଁ ?

**ପ୍ର.କ.**— ନିଶ୍ଚୟ ଦଣ୍ଡ ଦେବେ । **ସ୍ୱାମୀଜୀ** — ଆପଣଙ୍କ ପାଖକୁ SMS ଆସିଲା ଯେ, ଯଦି ଆପଣ ନଡ଼ିଆ ନ ବାଢ଼େଇବେ, ତେବେ ଆପଣଙ୍କର ଭାଇ କି ଆପଣଙ୍କ ପୁଅ ମରିବ । ଆପଣ ଯା ଉପରେ ବିଚାର କରନ୍ତୁ । ନଡ଼ିଆଟିଏ ନ ଦେଲେ ଯିଏ ମଣିଷ ମାରୁଥିବ ତାକୁ ଭଗବାନ କୁହାଯିବା ଉଚିତ ନା 'ସଇତାନ' କୁହାଯିବା ଉଚିତ ?

**ପ୍ର.କ.**— ଏମିତିରେ ମଣିଷ ମାରିଲେ ତାକୁ ସଇତାନ କୁହାଯିବ ।

**ସ୍ୱାମୀଜୀ** — ଭଗବାନ କେବେ ଏ କାମ କରିପାରିବେ କି ? **ପ୍ର.କ.**— ନା, ନା ।

**ସ୍ୱାମୀଜୀ** — ଗୋଟିଏ ନଡ଼ିଆ ବା ୧୦ ଟଙ୍କା କି ୫୦ ଟଙ୍କା ନ ଦେଲେ ଆପଣ ମଣିଷ ମାରିଦେବେ କି ? **ପ୍ର.କ.**— ନା, ନା ।

**ସ୍ୱାମୀଜୀ** — ଆମ ସମ୍ବିଧାନରେ ୧୦ ଟଙ୍କା ନ ଦେଲେ ମଣିଷ ମାରିବାର ବ୍ୟବସ୍ଥା ଅଛି କି ?

**ପ୍ର.କ.**— ନା, ନା ।

**ସ୍ୱାମୀଜୀ** — ଆମେ ମଣିଷମାନେ ଅଳ୍ପ ବୁଦ୍ଧି ସମ୍ପନ୍ନ ହୋଇ ମଧ୍ୟ ଆମ ସମ୍ବିଧାନରେ ଯଦି ଏଭଳି ବ୍ୟବସ୍ଥା ନାହିଁ, ତେବେ ୧୦-୫୦ ଟଙ୍କା ନ ଦେଲେ ମଣିଷଟିକୁ ମାରିଦେବାର ବ୍ୟବସ୍ଥା ସର୍ବଜ୍ଞାନସମ୍ପନ୍ନ ଈଶ୍ୱରଙ୍କ ନ୍ୟାୟ-ବ୍ୟବସ୍ଥାରେ ଥିବ କି ? **ପ୍ର.କ.**— ଆଦୌ ସମ୍ଭବ ନୁହେଁ ।

**ସ୍ୱାମୀଜୀ** — ନଡ଼ିଆଟିଏ ନ ବାଡ଼େଇଲେ, ଦୀପଟିଏ ନ ଜାଳିଲେ, ଅମୁକ ପୂଜା ନ କଲେ ଭଗବାନ ଯଦି ସତରେ ମଣିଷ ମାରିଦେଉଥିବେ ତେବେ ସେ ଗୋଟିଏ Superkiller ହେବେ । କିନ୍ତୁ ଭଗବାନ ତ କେବେ ବି ଏଭଳି ନୁହଁନ୍ତି । ସେ ତ ପରମ ଦୟାଳୁ ।

ତା’ ଛଡ଼ା ଯେଉଁ ଲୋକେ ଏଭଳି SMS ଆପଣଙ୍କ ପାଖକୁ ପଠାଉଛନ୍ତି, ଚିଠି ଦେଉଛନ୍ତି, ପ୍ରଚାରପତ୍ର ବାଣ୍ଟୁଛନ୍ତି, ଆପଣ ଭାବନ୍ତୁନି ସେମାନେ ସବୁ ଦେବଦୂତ, ଈଶ୍ୱରଙ୍କ ଦୂତ କି ଈଶ୍ୱରଙ୍କ ଅନୁଚର । ଏମାନେ ସବୁ ସଇତାନ୍‌ର ଗୋଟିଏ-ଗୋଟିଏ ଅନୁଚର । ସଇତାନ୍ ଓ ଭଗବାନଙ୍କ ଅନୁଚର ଭିତରେ ଥିବା ପାର୍ଥକ୍ୟ ବୁଝିବାରେ ଆମେ ଯେଉଁ ଭୁଲ୍ କରୁ ସେଇଥିପାଇଁ ଆମେ ଭୁଲ୍ କାମଗୁଡ଼ିକ କରିଚାଲୁ ।

**ପ୍ର.କ.**— ଏମିତି ବି କିଛି କଥା ଅଛି - ଯେମିତିକି ‘ଶନିଦେବ’ । ସେ ଭାରି ରାଗୀ ଏବଂ ବହୁତ ଦୟାଳୁ ବି । ଯେତେବେଳେ ରାଗନ୍ତି, ସେତେବେଳେ ସବୁ ନାଶ କରି ଦିଅନ୍ତି । ଆଉ ଦେଲେ, ବହୁତ କିଛି ଦିଅନ୍ତି । କିନ୍ତୁ ତାଙ୍କ ପାଖକୁ ଯିବା ପାଇଁ ନାରୀମାନଙ୍କୁ ମନା । ଶନିଙ୍କୁ ସେମାନେ ପୂଜା କରିପାରିବେ ନାହିଁ, ଛୁଇଁ ପାରିବେ ନାହିଁ । ଏସବୁ କାହିଁକି ?

**ସ୍ୱାମୀଜୀ** — ଶନିଦେବ ବୋଲି କୌଣସି ଚେତନ ଦେବତା ଅଛନ୍ତି କି ?- ଇଏ ହେଲା ପ୍ରଥମ ପ୍ରଶ୍ନ । ତା’ ପରେ ସେ ରାଗୀ ନା ଶାନ୍ତ, ସେ ଶନିଦେବଙ୍କୁ ନାରୀମାନେ ପୂଜା କରିପାରିବେ କି ନାହିଁ, ଛୁଇଁପାରିବେ କି ନାହିଁ ସେ କଥା ଆସିବ । ଶନି କ’ଣ ଏ କଥା ତ ଆମେ ସମସ୍ତେ ଜାଣିଛେ । ଆମେ ପଢ଼ିଛେ ଯେ, ଶନି ଗୋଟିଏ ଗ୍ରହ । ଏହା ସୂର୍ଯ୍ୟ ଚାରିପଟେ ଘୂରୁଥାଏ । ଶନି ଗୋଟିଏ ଜଡ଼ ପଦାର୍ଥ । ଶନି କୌଣସି ଚେତନ ବ୍ୟକ୍ତି ବିଶେଷ ନୁହଁନ୍ତି । ତା’ ବ୍ୟତୀତ ଶନିଦେବ ବୋଲି କୌଣସି ଦେବ ନା ଅତୀତରେ ଥିଲେ, ନା ବର୍ତ୍ତମାନ ଅଛନ୍ତି, ନା ଭବିଷ୍ୟତରେ ରହିବେ । ବେଦ ନ ପଢ଼ିବା କାରଣରୁ ଏ ‘ଦେବ’ ଶବ୍ଦର ଅର୍ଥ ବିଷୟରେ ଆମ ମନରେ ଭ୍ରାନ୍ତି ଜାତ ହୋଇଛି । ‘ଦେବ’ର ଅର୍ଥ – ଯେ କୌଣସି ପଦାର୍ଥ, ଯାହା ପାଖରେ କି ଦେବାର ଗୁଣ ଥାଏ । ସେ ଚେତନ ହେବା ଜରୁରୀ ନୁହେଁ । ବିଜୁଳି ଗୋଟିଏ ଦେବ, ସେ ଆଲୋକ ଦିଏ । ଅଗ୍ନି ମଧ୍ୟ ଗୋଟିଏ ଦେବ, ସେ ବି ଆଲୋକ ଓ ଉତ୍ତାପ ଦିଏ ।

**ପ୍ର.କ.**— କିନ୍ତୁ ରାଶି ତେଲ ଘଷା ହୋଇ ଶନି ମନ୍ଦିରରେ ଯିଏ ବିରାଜମାନ କରିଥାନ୍ତି, ସିଏ କିଏ ?

**ସ୍ୱାମୀଜୀ** — ପଥର ଖଣ୍ଡେ । ମନ୍ଦିରରେ ପଥର ମୂର୍ତ୍ତି ଉପରେ ଯେଉଁ ରାଶି ତେଲ ଢଳା ଚାଲିଥାଏ- ଇଏ ଧୂର୍ତ୍ତମାନଙ୍କର ଲୀଳା । ବୁଦ୍ଧିପୂର୍ବକ ବିଚାର ନ କରିବା ଲୋକେ ଯା’ ପଛରେ ପଡ଼ିଯାନ୍ତି ।

**ପ୍ର.କ.**— ମୁଁ ବୁଝିପାରୁନି ଯେ ଏତେ ପଢ଼ା-ଲେଖା ଲୋକେ କେମିତି ଯା’ ପଛରେ ପଡ଼ିଯାଉଛନ୍ତି ? ଏତେ ପଢ଼ା-ଲେଖା ଲୋକେ ଏମିତି ଭୁଲ୍ କେମିତି କରିପାରୁଛନ୍ତି ?

**ସ୍ୱାମୀଜୀ** — ଦେଖନ୍ତୁ ! ଜଣେ ଗଣିତ ଠିକ୍ ଭାବେ ପଢ଼ିଛି, ସେ ଗଣିତରେ ବିଦ୍ୱାନ । ସିଏ ଗଣିତ ବିଷୟରେ ଠିକ୍ କାମ କରିପାରିବ । ଆମେ ତ କହିପାରିବା ନାହିଁ ଯେ ସିଏ ଇତିହାସରେ ବି ବିଦ୍ୱାନ୍, ସିଏ ଇତିହାସ ବିଷୟରେ ବି ଠିକ୍ କାମ କରିପାରିବ ବୋଲି । **ପ୍ର.କ.**— ନା, ନା ।

**ସ୍ୱାମୀଜୀ** — ସେହିପରି ଧର୍ମ ବିଷୟରେ ସେ ବ୍ୟକ୍ତିର କର୍ମ ଠିକ୍ ହୋଇପାରିବ ଯା’ର ସେ ବିଷୟରେ ଠିକ୍ ଜ୍ଞାନ ଥିବ । ସେଥିପାଇଁ ଉଚିତ ପୁସ୍ତକ ପଢ଼ିଥିବ । ଧର୍ମ ବିଷୟରେ ଲୌକିକ ଜ୍ଞାନ ତର୍କପୂର୍ବକ ପ୍ରୟୋଗ କରୁଥିବ । ଯେଉଁମାନେ ଲୌକିକ ସଂସାରର ପାଠ-ଶାଠ ତ ପଢ଼ନ୍ତି, ଦଶ ଟଙ୍କାର ବାଇଗଣ କିଣିବା ବେଳକୁ ମଧ୍ୟ କେତେ ଭଲ ଅଛି କେତେ

ପୋକରା ଅଛି, ସଜ ଅଛି ନା ବାସି ଅଛି ତାହା ଭଲ ଭାବେ ଦେଖି କିଣନ୍ତି । କିନ୍ତୁ ସେହି ଲୋକମାନେ ଯେତେବେଳେ ଶନିବାର ଦିନ ଶନି ବୋଲି ଗଢ଼ାଯାଇଥିବା ମୂର୍ତ୍ତିଟିଏ ଉପରେ ଲିଟର-ଲିଟର ତେଲ ଢାଳି ଦିଅନ୍ତି, ତେଲ ଲିଟର ଦାମ୍ କେତେ ହୋଇଥିବ ? - ୮୦ କି ୯୦ କି ୧୦୦ ଟଙ୍କା, ସେତେବେଳେ ପଇସାକର ବୁଦ୍ଧି ବି ପ୍ରୟୋଗ କରନ୍ତିନି । ବିଜ୍ଞାନ ପଢ଼ିଲା ବେଳେ ଶନି ଗୋଟିଏ ଗ୍ରହ, ଅଜ୍ଞାନ ପୂର୍ବକ (ଅ)ଧର୍ମ କାର୍ଯ୍ୟ କଲା ବେଳକୁ ଶନି ଗୋଟିଏ ମଣିଷ ଶରୀରଧାରୀ ଦେବତା । ଆମେ ବିଜ୍ଞାନ ପୁସ୍ତକ ପଢ଼ିଲା ବେଳେ ଶନି ଆକାଶରେ ସୂର୍ଯ୍ୟଙ୍କ ଚାରିପଟେ ବୁଲୁଥାନ୍ତି ଏବଂ ଆମେ ଶନି ମନ୍ଦିରରେ ପହଞ୍ଚିଲା ବେଳକୁ ସେ ନିଜ କକ୍ଷରୁ ଆସି ମଣିଷ ମୂର୍ତ୍ତି ହୋଇ ମନ୍ଦିରରେ ଠିଆ ହୋଇଯାନ୍ତି ରାଶି ତେଲରେ ଗାଧୋଇବା ପାଇଁ । କି ବିଚିତ୍ର ବୁଦ୍ଧି ! ଚାଲିଛି ଇଏ ଗୋଟିଏ ଭ୍ରାନ୍ତି, ମେଷାନୁସରଣ । ପାଠ-ଶାଠ ପଢ଼ି ବି, ବଡ଼-ବଡ଼ ଉପାଧି ଧରି ବି ଲୋକେ ଯେତେବେଳେ ଏ ସବୁ କରନ୍ତି ସେତେବେଳେ ସେ ଶିକ୍ଷା ଉପରେ ହିଁ ଆମର ସନ୍ଦେହ ଜାତ ହୁଏ । ଧର୍ମ ବିଷୟକ କୌଣସି କାର୍ଯ୍ୟ କରିବା ବେଳେ ବୁଦ୍ଧିର ପ୍ରୟୋଗ କ'ଣ ଅନୁଚିତ କର୍ମ ? ଆମେ ଯେଉଁ ଶିକ୍ଷା ପାଇଲେ ତା'ର ଉଦ୍ଦେଶ୍ୟ କ'ଣ ? ଲୌକିକ ବିଦ୍ୟାରେ ପାରଙ୍ଗତ ଥାଇ ସୁଦ୍ଧା ଧର୍ମ-ଅଧ୍ୟାତ୍ମ କ୍ଷେତ୍ରରେ ପ୍ରାମାଣିକ ପୁସ୍ତକ ବେଦ-ଦର୍ଶନ-ଉପନିଷଦର ସିଦ୍ଧାନ୍ତ ସମ୍ବନ୍ଧୀୟ ଜ୍ଞାନ ଅଭାବରୁ ଲୋକେ ଧର୍ମ-ଅଧ୍ୟାତ୍ମ ସମ୍ବନ୍ଧରେ ବହୁତ ଭୁଲ୍, ବୁଦ୍ଧିବିରୁଦ୍ଧ, ଅବୈଜ୍ଞାନିକ କାର୍ଯ୍ୟ କରିଥାନ୍ତି ।

ଅତଏବ ଶନି ଦେବ ଆଦି ଏସବୁ କିଛି ନାହିଁ । ଏସବୁର କାରଣ ହେଉଛି ଭୁଲ୍ କଥା ଉପରେ ଆମ ଜ୍ଞାନ ଆଧାରିତ ହେବା ।

ଅସଲ କଥା ହେଲା ଆମ ଭିତରେ ଭୟ ଅଛି । ତା' ଛଡ଼ା ଅସ୍ଥିରତା ବି ଅଛି । ପୁଣି ଏ ଭାବନା ବି ଅଛି ଯେ, କୋଉ ଦେବତାଙ୍କ ପାଖକୁ ଗଲେ ବେଶି ମାଲ୍ ମିଳିବ ? ତେଣୁ ଏ ବିଚାରରେ କାମ ହେଉଛି – ଇଏ ବ୍ରାଣ୍ଡ ନୂଆ-ନୂଆ ବାହାରିଛି, ନୂଆ ଦେବତା ଆସିଛନ୍ତି, ଇଏ ଏବେ ମଜବୁତ ଅଛନ୍ତି, ଇଏ କିଛି ବିଶେଷ ଦେଇଦେବେ, ପୁରୁଣା ଯେଉଁମାନେ ଥିଲେ ସେମାନେ ଦେଇ-ଦେଇ ଦରିଦ୍ର ହୋଇସାରିଲେଣି, ସେମାନଙ୍କୁ ଧରି ବସିଲେ କିଛି ବିଶେଷ ମିଳିପାରିବନି ।' ତା'ଛଡ଼ା ଆଉ ଗୋଟିଏ ଭ୍ରାନ୍ତି ବି ଥାଏ ଯେ ଜଣେ କ'ଣ ସବୁ ଦେଇପାରିବ ? ତେଣୁ ଲୋକେ ସୋମବାର ଦିନ ଶିବଙ୍କ ପାଖକୁ ଗଲେ, ମଙ୍ଗଳବାର ଦିନ ହନୁମାନ କି ମଙ୍ଗଳାଙ୍କ ପାଖକୁ ଦୌଡ଼ନ୍ତି । କାରଣ ମଙ୍ଗଳବାର ଦିନ ଶିବ ଆଉ ଦେଇପାରିବେ ନାହିଁ !

**ପ୍ର.କ.**— ନା । ମଙ୍ଗଳବାର ଦିନ ହନୁମାନ କି ମଙ୍ଗଳା ଯାହା ଦେବେ, ଦେବେ ।

**ସ୍ୱାମୀଜୀ** — ଗୁରୁବାର ଦିନ ମଙ୍ଗଳା ବି ଦେଇପାରିବେ ନାହିଁ, ଲକ୍ଷ୍ମୀ ଦେବେ ? **ପ୍ର.କ.**— ଗୁରୁବାର ଦିନ ଲକ୍ଷ୍ମୀ ଓ ଶିରିଡ଼ି ସାଇ ।

**ସ୍ୱାମୀଜୀ** — ଆଉ ଶୁକ୍ରବାର ଦିନ ସନ୍ତୋଷୀ ହିଁ ଦେଇପାରିବେ । ଲକ୍ଷ୍ମୀ ଦେଇପାରିବେ ନାହିଁ । ଇଏ ଯେଉଁ ବିଚିତ୍ର ମାନସିକତା ସେଇଥିପାଇଁ ଆମେ ଦୁଆର-ଦୁଆର, ଏ ମନ୍ଦିର-ସେ ମନ୍ଦିର ବୁଲୁଛୁ, ଧକ୍କା-ତଣ୍ଟିଆ ଖାଉଛୁ ।

**ପ୍ର.କ.**— ତା' ମାନେ ଆପଣ କ'ଣ କହିବାକୁ ଚାହୁଁଛନ୍ତି ଯେ ସୋମବାର, ମଙ୍ଗଳବାର, ଗୁରୁବାର ଆଦି ଭିନ୍ନ ବାର ଅନୁସାରେ ଏ ଯେଉଁ ଶିବ, ମଙ୍ଗଳା, ହନୁମାନ, ଲକ୍ଷ୍ମୀ ଆଦି ଭିନ୍ନ-ଭିନ୍ନ ଦେବାଦେବୀ ପୂଜା ହେଉଛି ଏସବୁ ଠିକ୍ ନୁହେଁ ?

**ସ୍ୱାମୀଜୀ** — ମୋ କହିବା କଥା ହେଲା, ଜଣକ ଦ୍ୱାରା କାମ ନ ହେଲେ, ଜଣେ ଅସମର୍ଥ ହେଲେ ଆଉ ଜଣେ ଦରକାର ପଡ଼ିଥାଏ । ଜଣେ ଈଶ୍ୱର ଆମର ସବୁ କାମ କରିବାକୁ, ସବୁ ଦିନେ କାମ କରିବାକୁ ଅସମର୍ଥ କି ?

**ପ୍ର.କ.**— ନା, ନା । ଈଶ୍ୱର ତ ସର୍ବଶକ୍ତିମାନ୍ । ସେ ଅସମର୍ଥ କାହିଁକି ହେବେ ?

**ସ୍ୱାମୀଜୀ** — ତେବେ ହଜାରେ ଈଶ୍ୱର ଉଦ୍‌ଭାବନ କରିବା କ'ଣ ଦରକାର ? ତା' ଛଡ଼ା ଆମେ ଯାହା-ଯାହାକୁ ଈଶ୍ୱର ବୋଲି ଉଦ୍‌ଭାବନ କରିବା, ସେ ସବୁ ବାସ୍ତବରେ ଈଶ୍ୱର ହୋଇପାରିବେ କି ? ତେଣୁ ଏ ସବୁ ଅନାବଶ୍ୟକ ।

**ପ୍ର.କ.**— ଠିକ୍ କଥା । ଆଚ୍ଛା ସ୍ୱାମୀଜୀ! ଆମେ ଈଶ୍ୱରଙ୍କୁ ଭଲପାଇବା ଉଚିତ ନା ଭୟକରିବା ଉଚିତ ?

**ସ୍ୱାମୀଜୀ** — ଆମେ ଈଶ୍ୱରଙ୍କୁ ଭଲପାଇବା ଉଚିତ, ଈଶ୍ୱରଙ୍କୁ ଭୟ ବି କରିବା ଉଚିତ ।

**ପ୍ର.କ.**— ଦୁଇଟି ଯାକ କେମିତି ହେବ ? କାରଣ ଆମେ ଉପକାର କରୁଥିବା ଲୋକକୁ ଭଲ ପାଉ, ଅପକାର କରୁଥିବା ଲୋକକୁ ଭୟ କରୁ । ପ୍ରଥମେ କୁହନ୍ତୁ, ଈଶ୍ୱର ଉପକାରୀ ନା ଅପକାରୀ ? ଯଦି ଉପକାରୀ, ତେବେ ତାଙ୍କୁ ଭଲ ପାଇବା ଉଚିତ, ଭୟ କାହିଁକି କରିବା ? ଆଉ ଯଦି ଅପକାରୀ, ତେବେ ଭୟ କରିବା, ପୁଣି ଭଲ କାହିଁକି ପାଇବା ?

**ସ୍ୱାମୀଜୀ** — ଆପଣ ଯାହା ବୁଝିଛନ୍ତି ଯେ, ଯିଏ ଉପକାରୀ ଆମେ ତାହାକୁ ଭଲ ପାଉ । ଆଉ ଯିଏ ଅପକାରୀ ଆମେ ତାହାକୁ ଭୟ କରୁ । ତାହା ପୂର୍ଣ୍ଣତଃ ଠିକ୍ ନୁହେଁ, ଅର୍ଦ୍ଧ ସତ୍ୟ । ଆମେ କେବଳ ଅପକାରୀକୁ ଭୟ କରୁ- ଏ କଥା ନୁହେଁ । ଏ ସିଦ୍ଧାନ୍ତ ଭୁଲ୍ । ବାସ୍ତବ କଥା ହେଲା- ଆମକୁ ଯେଉଁଠୁ ଦୁଃଖ ମିଳିବାର ସମ୍ଭାବନା ଥାଏ, ଆମେ ତାକୁ ଭୟ କରୁ । ଏ ଯେଉଁ ଦୁଃଖ ମିଳେ, ତାହା ଦୁଇ ପ୍ରକାରର ମିଳିପାରେ – ୧. ଅନ୍ୟାୟ ପୂର୍ବକ ଆମକୁ ଦୁଃଖ ମିଳିପାରେ, ୨. ନ୍ୟାୟପୂର୍ବକ ବି ଦୁଃଖ ମିଳିପାରେ ।

**ପ୍ର.କ.**— ନ୍ୟାୟପୂର୍ବକ-ଅନ୍ୟାୟପୂର୍ବକ ଦୁଃଖ ମିଳିପାରେ ମାନେ ?

**ସ୍ୱାମୀଜୀ** — ଯେମିତିକି ଚୋର-ଡକାୟତଙ୍କଠୁଁ ଆମକୁ ଦୁଃଖ ମିଳେ । ଏଇଟା ହେଲା ଅନ୍ୟାୟପୂର୍ବକ ମିଳୁଥିବା ଦୁଃଖ ।

ପୋଲିସ ଠାରୁ ମଧ୍ୟ ଆମକୁ ଦୁଃଖ ମିଳେ । କେମିତି ? ଆମେ ଭୁଲ୍ କାମ କଲେ ପୋଲିସ ଆମକୁ ବାନ୍ଧି ନିଏ । ଇଏ ହେଲା ନ୍ୟାୟପୂର୍ବକ ଦୁଃଖ ମିଳିବା ।

ଆଉ ଗୋଟିଏ ଉଦାହରଣ । ମନେକର ଆମେ ରାସ୍ତାରେ ଗାଡ଼ିରେ ଯାଉଛେ । ଆମକୁ ଭୟ କେଉଁଠୁ ଥାଏ ? ଯେଉଁ ବିଶୃଙ୍ଖଳିତ ଲୋକମାନେ ଗାଡ଼ି ଚଲାଉଥାନ୍ତି, ସେମାନଙ୍କଠାରୁ । ଆଜିକାଲି କିଶୋର ବୟସ(Teen Age)ର ପିଲାମାନେ ଯେପରି ଗାଡ଼ି ଚଲାଉଛନ୍ତି, ସେ ପୁଅ ହେଉ କି ଝିଅ ହେଉ, ଗାଡ଼ି ଚଲାଇବାକୁ ଭଲ ଲୋକଙ୍କୁ ମଧ୍ୟ ଭୟ ଲାଗେ । ପୂରା ତ ଜେଟ୍ ପ୍ଲେନ୍ ଭଳି ଚଲାଉଛନ୍ତି । ତା'ଛଡ଼ା ବାଁ-ଡାହାଣ ଯୁଆଡ଼ୁ ନୁହେଁ ସିଆଡ଼ୁ ପଶିଯାଉଛନ୍ତି । ସମସ୍ତଙ୍କର ଉଦ୍ଦେଶ୍ୟ – ଫାଷ୍ଟ୍ ଗୋ, ଫାଷ୍ଟ୍ ରିଚ୍(Fast Go, Fast Reach) । କିନ୍ତୁ ସେମାନେ କେଉଁଠି ପହଞ୍ଚିବେ ଇଏ ବଡ଼ ଚିନ୍ତନର ବିଷୟ । ସେମାନଙ୍କର ସଂସାର ପ୍ରତି ବୋଧେ ବୈରାଗ୍ୟ ଜାତ ହୋଇଯାଇଛି । ତାଙ୍କୁ ଦେଖି ନିଜେ ଠିକ୍ ଭାବେ ଗାଡ଼ି ଚଲାଉଥିବା ଲୋକକୁ ବି ଭୟ ଲାଗେ । କାଳେ ଏମାନଙ୍କ ଉଚ୍ଛୃଙ୍ଖଳତାରୁ ନିଜର ହାନି ହେବ ବୋଲି ।

ଆଉ କ'ଣ ? ଛକରେ ଟ୍ରାଫିକ୍ ପୋଲିସ ଠିଆ ହୋଇଥିଲେ ବି ଭୟ ଲାଗେ ଯଦି ଆମେ ଶିରସ୍ତ୍ରାଣ (ହେଲ୍‌ମେଟ୍) ପିନ୍ଧି ନଥିବା । ଅତଏବ ଆପଣ ଯାହା କହୁଥିଲେ ଯେ, ଅପକାରୀକୁ ହିଁ ଆମେ ଭୟ କରୁ, ତା' ନୁହେଁ । ଟ୍ରାଫିକ୍ ପୋଲିସ ତ ଆମର ଉପକାରୀ । ତଥାପି ଆମେ ତାକୁ ଭୟ କରୁ । କାହିଁକି ? କାରଣ ତା'ଠାରୁ ନ୍ୟାୟପୂର୍ବକ ବି ଦୁଃଖ ମିଳିବାର ସମ୍ଭାବନା ଥାଏ । କିନ୍ତୁ ବର୍ତ୍ତମାନର ସ୍ଥିତିରେ ଈଶ୍ୱର ଅନ୍ୟାୟପୂର୍ବକ ଦୁଃଖ ଦିଅନ୍ତି ଭାବି ହିଁ ଆମେ ଈଶ୍ୱରଙ୍କୁ ଭୟ କରୁଛେ । ଯେମିତି କି ଦାଦା ବଟି, ହପ୍ତା ଅସୁଲ ସ୍ୱରୂପ ପ୍ରତି ସପ୍ତାହରେ କି ଓଷା-ବ୍ରତ ଦିନମାନଙ୍କରେ ଏତିକି ପ୍ରକାରର ଭୋଗ-ରାଗ, ଏତିକି ଫୁଲ-ପତ୍ର ନ ଦେଲେ ଆମର କ୍ଷତି କରିବେ ଭାବି ସେସବୁ କରିଥାଉ । ଏ ବିଚାର ବଦଳାଇବାକୁ ପଡ଼ିବ ।

**ପ୍ର.କ.**— କିନ୍ତୁ ସମସ୍ୟା ହେଉଛି ବର୍ତ୍ତମାନ ଆମେ ଈଶ୍ୱରଙ୍କୁ ଭୟକରିବା ଏବଂ ଭଲପାଇବା- ଏ ଦୁଇଟି ଭିତରେ ସନ୍ତୁଳନ କିପରି ରକ୍ଷା କରିବା ?

**ସ୍ୱାମୀଜୀ** — ଏହା କରି ହେବ, ଯେମିତିକି ଆମେ ମା'-ବାପାଙ୍କୁ ଭଲ ବି ପାଉ, ଭୟ ବି କରୁ । ଯେମିତି ଗୋଟିଏ ସଚ୍ଚୋଟ ପୋଲିସ ଅଫିସର, ତାଙ୍କୁ ଆମେ ଭଲ ପାଉ । ମନେକରନ୍ତୁ ଆମ ସହରରେ ଆଗରୁ ଜଣେ ପୋଲିସ

ଅଧିକାରୀ ଥିଲେ । ସେ ବିଶେଷ ଧ୍ୟାନ ଦେଉନଥିଲେ, ଆଇନ-ଶୃଙ୍ଖଳା ବିପର୍ଯ୍ୟସ୍ତ ଥିଲା । ତେଣୁ ସମସ୍ତେ ଆମେ ଦୁଃଖୀ ଥିଲୁ । ଏ ସଚ୍ଚୋଟ, ଦାୟିତ୍ୱବାନ୍ ଅଧିକାରୀ ଆସିବା ପରେ ରାତିରେ ପେଟ୍ରୋଲିଂ ହେଉଛି । କେହି ରାତି ୧୨ଟା ପରେ ବୁଲିଲେ ତାକୁ ଧରା ହେଉଛି । ସମସ୍ତେ ସୁରକ୍ଷିତ ଅନୁଭବ କରୁଛୁ । ତେଣୁ ଆମେ ତାଙ୍କୁ ଭଲ ବି ପାଉଛୁ । ଦେଖିନୁ ଆମେ ସେ ପୋଲିସ ଅଫିସରଙ୍କୁ । ତଥାପି ଭଲ ପାଉ । ତା' ଛଡ଼ା ଭୟ ବି କରୁଛୁ । କାରଣ ଇଏ କାହା ମୁହଁ ଦେଖନ୍ତିନି । ଯିଏ ବି ଭୁଲ୍ କରିବ ତାକୁ ଭିତରେ ଭରିଦେବେ ।

**ପ୍ର.କ.**— ଶିବ ଭଗବାନ ତ ଦୟାଳୁ । ସେ ରାଗିଲେ ତାଣ୍ଡବ କାହିଁକି କରନ୍ତି ? ମୋତେ ଏ କଥା ଭାବିଲେ ଡର ଲାଗେ ।

**ସ୍ୱାମୀଜୀ** — ସଂସ୍କୃତ ଶବ୍ଦର ଅର୍ଥ ନ ବୁଝିବା କାରଣରୁ ଲୋକମାନେ ଈଶ୍ୱରଙ୍କୁ ନେଇ ବିଚିତ୍ର-ବିଚିତ୍ର କଥା ଲେଖିଦେଲେ ଓ ତାଙ୍କର ବିଚିତ୍ର-ବିଚିତ୍ର ଚିତ୍ର ତିଆରି କରିଦେଲେ । 'ଶିବ' ଶବ୍ଦର ବାସ୍ତବରେ ସଂସ୍କୃତରେ ଯେଉଁ ଅର୍ଥ ଅଛି ତାହା ହେଲା— 'କଲ୍ୟାଣକାରୀ' । କାରଣ **'ଶିବୁ କଲ୍ୟାଣେ'** ଧାତୁରୁ 'ଶିବ' ଶବ୍ଦ ନିଷ୍ପନ୍ନ । ପରମାତ୍ମା କଲ୍ୟାଣକାରୀ ହୋଇଥିବାରୁ ତାଙ୍କ ନାମ **ଶିବ** । ତାଙ୍କର ହିଁ ଆଉ ଗୋଟିଏ ନାମ ହେଲା **ରୁଦ୍ର** । ରୁଦ୍ର ଶବ୍ଦର ଅର୍ଥ କ'ଣ ? **'ରୁଦିର୍ ଅଶ୍ରୁବିମୋଚନେ'** ଧାତୁରୁ ରୁଦ୍ର ଶବ୍ଦ ତିଆରି । ଯିଏ ଦୋଷୀମାନଙ୍କୁ, ଅପରାଧୀମାନଙ୍କୁ, ଦୁଷ୍ଟମାନଙ୍କୁ ଦଣ୍ଡ ଦିଅନ୍ତି ସିଏ ରୁଦ୍ର । ପରମେଶ୍ୱର ଜଗତର କଲ୍ୟାଣ ଚାହାନ୍ତି । ତେଣୁ ଭଗବାନଙ୍କ ନାମ ହେଲା 'ଶିବ' । ଜଗତର କଲ୍ୟାଣ କରିବାକୁ ହେଲେ ଏ ସଂସାରର ଅକଲ୍ୟାଣ କରୁଥିବା ବ୍ୟକ୍ତିମାନଙ୍କୁ ରୋଦନ କରାଇବା, ଦଣ୍ଡ ଦେବା ଦରକାର, ଦଣ୍ଡ ଦେବା ଜରୁରୀ । ତେଣୁ ଶିବଙ୍କର ହିଁ ଅପର ନାମ 'ରୁଦ୍ର' । ଶିବ ଗୋଟିଏ ଅଲଗା ଭଗବାନ, ରୁଦ୍ର ଗୋଟିଏ ଅଲଗା ଭଗବାନ, ବିଷ୍ଣୁ ଆଉ ଗୋଟିଏ ଅଲଗା ଭଗବାନ ଏୟା ନୁହେଁ । ଭଗବାନ, ପରମାତ୍ମା ଏକ ଅଟନ୍ତି ।

**ପ୍ର.କ.**— ସେ ରାଗି ଯାଇ ଯେଉଁ ତାଣ୍ଡବ ନୃତ୍ୟ କରନ୍ତି ସେଇଟା ତ ଭୟ ସୃଷ୍ଟି କରେ ।

**ସ୍ୱାମୀଜୀ** — ପ୍ରଥମେ ମନେ ରଖନ୍ତୁ, ପରମେଶ୍ୱର କଦାପି ରାଗନ୍ତି ନାହିଁ । ଯିଏ ରାଗନ୍ତି ସେ ପରମେଶ୍ୱର ନୁହନ୍ତି । ଦ୍ୱିତୀୟ କଥା, ଡିଆଁ-ଡେଇଁ କେଉଁମାନେ କରନ୍ତି ? ଯେଉଁମାନଙ୍କର ହାତ-ଗୋଡ଼ ଅଛି । ମୁଁ ପୂର୍ବରୁ କହିଛି, ଶିବ ବୋଲି ଯାହାକୁ କୁହାଯାଉଛି ସେ ପରମପିତା ପରମାତ୍ମା ହିଁ ଅଟନ୍ତି । ଅନ୍ୟ କୌଣସି ଅଲଗା ଦେବତା ନୁହଁନ୍ତି । ସେ ସର୍ବବ୍ୟାପକ ଅଟନ୍ତି । ଭଗବାନଙ୍କର ହାତ ନାହିଁ କି ଗୋଡ଼ ନାହିଁ । ସିଏ ଡିଆଁ-ଡେଇଁ କରନ୍ତି ନାହିଁ । ପ୍ରକୃତିରେ ଯେଉଁ ବିପର୍ଯ୍ୟୟ ଆସେ ; ଯଥା – ଭୂମିକମ୍ପ ହୁଏ, ସୁନାମୀ ଆସେ, ତୋଫାନ୍ ଆସେ, ଏହାକୁ କେତେକ ଈଶ୍ୱରଙ୍କ ପ୍ରଳୟଙ୍କାରୀ ତାଣ୍ଡବ ବୋଲି କହନ୍ତି ଆଳଙ୍କାରିକ ଭାଷାରେ । କାରଣ ତାହା ଦ୍ୱାରା ବିଶେଷ ଧ୍ୱଂସ ହୁଏ । ବାସ୍ତବରେ ଭଗବାନ କେଉଁଠି ଡିଆଁ-ଡେଇଁ କରନ୍ତି ନାହିଁ । ଈଶ୍ୱରଙ୍କ ବ୍ୟାପକତା ବାହାରେ କେଉଁଠି ଖାଲି ଜାଗା ଥିଲେ ତ ସେ ତାହା ଉପରେ ଡେଇଁବେ । ଶିବ ଯଦି ପୃଥିବୀ ଉପରେ ଡେଉଁଥିବେ, ତେବେ ଏ ପୃଥିବୀ ଶିବଙ୍କଠାରୁ ଅଲଗା ହେବା କଥା । ଯିଏ ଡେଇଁବ ଓ ଯାହା ଉପରେ ଡେଇଁବ ସେ ଦୁଇଟି ଅଲଗା-ଅଲଗା ରହିଲେ ହିଁ ଡିଆଁ-ଡେଇଁ କାମ ହୋଇପାରିବ । କିନ୍ତୁ ଭଗବାନ ଶିବ ତ ସର୍ବବ୍ୟାପକ, ପୃଥିବୀର ପ୍ରତ୍ୟେକ ଅଣୁ-ପରମାଣୁରେ ବ୍ୟାପକ । ତେଣୁ ସେ ଡେଇଁବେ କେମିତି ? ଅତଃ ପରମେଶ୍ୱରଙ୍କ ବିଷୟରେ ଅଜ୍ଞାନ ଲୋକମାନେ ଏମିତି ବିଚିତ୍ର-ବିଚିତ୍ର କାଳ୍ପନିକ କଥା ସବୁ କହନ୍ତି । ହଜାରେ ଭଗବାନ, ହଜାରେ ରୂପ ସ୍ୱ-ମୂର୍ଖତାରୁ କଳ୍ପନା କରିଛନ୍ତି । ସର୍ବବ୍ୟାପକ ଈଶ୍ୱରଙ୍କ ଆକାର ଆଦୌ ସମ୍ଭବ ନୁହେଁ ।

**ପ୍ର.କ.**— ଜଣେ ଦର୍ଶକ ବନ୍ଧୁଙ୍କର ପ୍ରଶ୍ନ ଅଛି ଯେ – 'ମୁଁ ଜଣେ ବାବାଙ୍କ ପାଖକୁ ଯାଏ । ସେ ବିଭିନ୍ନ ସମସ୍ୟାର ପ୍ରତିକାର ମଧ କହନ୍ତି । ମୋତେ ବି କିଛି ପ୍ରତିକାର (ପୂଜା-ପାଠ ଆଦି) କରିବାକୁ ବାରମ୍ବାର କହୁଛନ୍ତି । ତାହା ମୋ ଗ୍ରହଶାନ୍ତି ପାଇଁ ବୋଲି କହୁଛନ୍ତି । ଗ୍ରହ ଶାନ୍ତି ନ କଲେ,

ବହୁତ ହାନି ହେବ ବୋଲି ବି କହୁଛନ୍ତି । ମୁଁ ବହୁତ ଦ୍ୱନ୍ଦ୍ୱରେ ଅଛି । ପ୍ରକୃତରେ କ'ଣ କରିବି ଜାଣିପାରୁନି । ମୋତେ ଠିକ୍ ବାଟ ଦେଖାନ୍ତୁ । ମୋ ମନରେ ପ୍ରଶ୍ନ ଉଠୁଛି ଯେ, ମୋ ପୂର୍ବ ଜନ୍ମର ପାପର ଫଳ ମୁଁ ଭୋଗୁଛି କି ? ମୋତେ ରାସ୍ତା ଦେଖାନ୍ତୁ ।

**ସ୍ୱାମୀଜୀ** — ଏ ବିଷୟରେ ମୋ ସହ ବହୁ ଲୋକଙ୍କର ବହୁ ଆଲୋଚନା ହୁଏ । ସେ ଭିତରୁ ଗୋଟିଏ ଘଟଣା ମୁଁ କହୁଛି ।

ଥରେ ଜଣେ ଅପରିଚିତ ଲୋକ ପ୍ରାତଃଭ୍ରମଣ ସମୟରେ ମୋ ସହ ରାସ୍ତାରେ ଦେଖାହେଲେ । ନମସ୍ତେ କଲେ । ମୁଁ ନମସ୍ତେ କରି ମୋ ସ୍ୱାଭାବିକ ଶୈଳୀରେ ପଚାରିଲି, 'ଭଲ ଅଛନ୍ତି କି ?' ସେ କହିଲେ, 'କ'ଣ ଆଉ ଭଲ ? ବହୁତ ସମସ୍ୟା । କ'ଣ ପ୍ରତିକାର କରିବି ବୁଝିପାରୁନି । ଆପଣ କିଛି ରାସ୍ତା ବତାଇପାରିବେ କି ?' ଅଳ୍ପ କିଛି ଶୁଣିବା ପରେ ସ୍ଥିତିର ଜଟିଳତା ଦେଖି ମୁଁ କହିଲି, 'ଆପଣ ଆଶ୍ରମକୁ ଆସନ୍ତୁ, ଶାନ୍ତିରେ ବସି ସମାଧାନର ରାସ୍ତା ବାହାର କରିବା ।' ସେ ଆସିଲେ । ତାଙ୍କର ବୃତ୍ତିଗତ, ପାରିବାରିକ, ଆର୍ଥିକ ଅନେକ ପ୍ରକାର ସମସ୍ୟା ଥାଏ । ସବୁ କହିଲେ । ଏସବୁର ଯଥାର୍ଥ କାରଣ ଦର୍ଶାଇବା ସହ ବୃତ୍ତିଗତ କ୍ଷେତ୍ରରେ ଯେଉଁ ପଦ୍ଧତିରେ ସମାଧାନ ହୋଇପାରିବ, ପାରିବାରିକ ସମସ୍ୟାର ସମାଧାନ ପାଇଁ କ'ଣ କ'ଣ କରିବାକୁ ହେବ ଓ ଆର୍ଥିକ ସମାଧାନ ପାଇଁ କ'ଣ ଉପାୟ ଅବଲମ୍ବନ ଆବଶ୍ୟକ ସେ ବିଷୟରେ ମୋର ଜ୍ଞାନ ଅନୁସାରେ ପରାମର୍ଶ ଦେଲି । କିନ୍ତୁ ସେ କହିଲେ, 'ମୁଁ ଜଣେ ପୂଜା-ପାଠ କରୁଥିବା, ଜାତକ-ପତ୍ର ଦେଖି ସମସ୍ୟାର ପ୍ରତିକାର ଦେଉଥିବା ଲୋକଙ୍କ ପାଖକୁ ଯାଇଥିଲି । ସେ କହିଲେ ଯେ ମୋର ଗ୍ରହ ଖରାପ ଯୋଗୁଁ ଏ ସବୁ ହେଉଛି । ଗ୍ରହ ଶାନ୍ତି କରାଇଲେ ସବୁ ସମସ୍ୟାର ସମାଧାନ ହୋଇଯିବ । ତା' ପାଇଁ ପୂଜା-ହୋମ କରିବାକୁ ପଡ଼ିବ । ପୂଜାର ତାଲିକା ଦେଇଛନ୍ତି ।' ଗୋଟିଏ ତାଲିକା ବାହାର କରି ମୋତେ ଦେଖାଇଲେ । ମୁଁ ଦେଖିଲି ନଡ଼ିଆ ଏତିକିଟା, ମଣ୍ଡଳ ପାଇଁ ଚାଉଳ ଏତେ, ଯଥା-ଲୁଗା ଏତିକିଟା.... ଇତ୍ୟାଦି ବଡ଼ ତାଲିକାଟି ଅଛି । ମୁଁ ପଚାରିଲି ଖର୍ଚ୍ଚ କେତେ ହୋଇପାରେ ?

ସେ କହିଲେ, 'ପୂଜା ଖର୍ଚ୍ଚ ପ୍ରାୟ ୩-୪ ହଜାର ଟଙ୍କା । କିନ୍ତୁ ଯା' ସହିତ ଗୋଟିଏ ପଥର ମୁଦି କରି ପିନ୍ଧିବାକୁ କହିଛନ୍ତି । ତା'ର ଦାମ୍ ଟିକେ ବେଶୀ । ବାସ୍ତବରେ ମୋ ଉପରେ ଏହି ଗ୍ରହ ପଡ଼ିଛି କି ?' ମୁଁ କହିଲି – 'ଦେଖନ୍ତୁ ଆଜ୍ଞା ! କୌଣସି ଗ୍ରହ କୌଣସି ଲୋକ ଉପରେ ପଡ଼ିପାରିବ ନାହିଁ, କାରଣ ଗ୍ରହ ଗୋଟିଏ ବହୁତ ବଡ଼ ପଦାର୍ଥ, ଆଉ ମଣିଷ ଗୋଟିଏ ଛୋଟ ଜୀବ । ତେଣୁ ଗ୍ରହଟିଏ କାହା ଉପରେ ପଡ଼ିଗଲେ ସେ ମଣିଷ ତ ପୂରା ମାଟିରେ ମିଶିଯିବ । ସିଏ ଆଉ କୋଉ ଜ୍ୟୋତିଷ ପାଖକୁ ଯାଇ ମୋ ଉପରେ ଗ୍ରହ ପଡ଼ିଛି କି ନାହିଁ ବୋଲି କେମିତି ପଚାରିବ ? ତା' ଛଡ଼ା ଆମ ଉପରେ ୧୦୦ ଗ୍ରାମ ଓଜନର ପଥରଟିଏ ପଡ଼ିଲେ ତ ଆମକୁ ଜଣାପଡ଼ିଯାଏ । ଆଉ ଏତେ ବଡ଼ ଗ୍ରହ ଆମ ଉପରେ ପଡିଛି । ଆମକୁ ଜଣାପଡୁନି ଅଥଚ ଜ୍ୟୋତିଷୀକୁ ଜଣାପଡୁଛି ! ପୃଥିବୀ ପାଖକୁ ତ ଆଉ ଗୋଟିଏ ଗ୍ରହ ପଳେଇ ଆସିଲେ ଯା' ଅବସ୍ଥା ଖରାପ ହୋଇଯିବ । ଆଉ ଶନି ତ ଏତେ ବଡ଼ ଗ୍ରହ, ପୃଥିବୀ ଉପରେ ମାଡ଼ି ବସିଲେ ସମସ୍ତେ ମରିଯିବା । ତେଣୁ ଜଣକ ଉପରେ ଗ୍ରହ ପଡ଼ିବା ସମ୍ଭାବନା ନାହିଁ । ଏଇଟା ଗୋଟିଏ ଭୁଲ୍ କଥା । ସିଏ କ'ଣ ବୁଝିଲେ କେଜାଣି ଆଉ ବିଶେଷ କିଛି ନ କହି ଚାଲିଗଲେ ।

ମୁଁ ପୂର୍ବରୁ କହିଛି ଯେ ଲୋକେ ଲୁଣ୍ଠିତ ହେବାକୁ ଚାହାନ୍ତି । ତା'ପରେ କ'ଣ ହେଲା ଶୁଣନ୍ତୁ । ପ୍ରାୟ ତିନି ମାସ ପରେ ପୁଣି ଦେଖା ହେଲା । ମୁଁ ପଚାରିଲି, 'କେମିତି ଅଛନ୍ତି ?' ସେ କହିଲେ, 'ଆପଣ ଆପଣଙ୍କ ଦୃଷ୍ଟିରୁ ଠିକ୍ କଥା କହିଲେ । ହେଲେ ମୁଁ ଅନେକ ଲୋକଙ୍କୁ ଜାତକ ଦେଖାଇଲି । ସମସ୍ତେ କହିଲେ ଗ୍ରହ ପଡ଼ିଛି ବୋଲି । ତେଣୁ ମୋ ମନ ମାନିଲା ନାହିଁ । ବହୁତ ଦ୍ୱନ୍ଦ୍ୱ ପରେ ଗ୍ରହଶାନ୍ତି ପୂଜାଟା କରିଦେବାକୁ ସ୍ଥିର କଲି । ଏଇ ତ ୧୫-୨୦ ଦିନ ହେଲା ସେ ପୂଜା ସରିଛି । ସେ ପଥରଟି ଆଣିନି, ଆଣି ପିନ୍ଧିବି । ମୁଁ ପଚାରିଲି, 'ଏବେ କୋଉ-କୋଉ ସମସ୍ୟାର ସମାଧାନ କେତେ ଦୂର ଗଲାଣି ?' ସେ ଦୁଃଖରେ କହିଲେ, 'କାହିଁ ହେଉଛି କେଉଁଠି ? ସମସ୍ୟାର କୌଣସି ସମାଧାନ ଆରମ୍ଭ ହୋଇନାହିଁ ।' ମୁଁ କହିଲି, ' ଆପଣ

ଗ୍ରହ କବଳରେ ପଡ଼ିଗଲେ । ସେ କହିଲେ, 'ସେଦିନ ତ ଆପଣ ମନା କରୁଥିଲେ, ଆଜି କହୁଛନ୍ତି ମୁଁ ଗ୍ରହ କବଳରେ ପଡ଼ିଗଲି ବୋଲି ।' ମୁଁ କହିଲି, 'ସେଦିନ ପର୍ଯ୍ୟନ୍ତ ଆପଣ ପଡ଼ିନଥିଲେ ।' 'ତା' ପରେ କେମିତି ପଡ଼ିଗଲି ?' ସେ ପଚାରିଲେ । ମୁଁ କହିଲି, 'ଗ୍ରହ ଦ୍ୱାରା କବଳିତ ନ ହୋଇଥିଲେ ଆପଣଙ୍କର ୩-୪ ହଜାର ଟଙ୍କା ଅଯଥା ନଷ୍ଟ ହୋଇନଥାନ୍ତା । ଯୋଉଦିନ ମୁଁ ଆପଣଙ୍କୁ କହିଥିଲି ଆପଣ ସେ ପର୍ଯ୍ୟନ୍ତ ଗ୍ରହ ଦ୍ୱାରା କବଳିତ ହୋଇନଥିଲେ । ଗ୍ରହ କବଳରୁ ଖସି ଯାଉଥିଲେ । ଆପଣ ଯେତେବେଳେ ଗ୍ରହର ଏଜେଣ୍ଟ ସାଜିଥିବା ଲୋକଙ୍କ କଥାରେ ଫସିଗଲେ ସେତେବେଳେ ସେ ଗ୍ରହ ଦ୍ୱାରା କବଳିତ ହୋଇଗଲେ ।

ଏ ଯେଉଁ ଗ୍ରହବିପ୍ର ଶବ୍ଦ ଶୁଣାଯାଏ, ମୁଁ ଭାବେ ଗ୍ରହବିପ୍ର ବୋଧହୁଏ ସେମାନେ, ଯେଉଁମାନେ କଳେ-ବଳେ-କଉଶଳେ ଅନ୍ୟର ଧନ ଗ୍ରହଣ କରିବାରେ ବିଶେଷ ପ୍ରବୀଣ । ଅତଃ ଏହି ଦର୍ଶକ ବନ୍ଧୁଙ୍କୁ ମୋର ପରାମର୍ଶ ଯେ, ଗ୍ରହର ଏଜେଣ୍ଟ ସାଜିଥିବା, ଗ୍ରହ ନାମରେ ଅସୁଲି (collection) କରୁଥିବା ଲୋକଙ୍କଠାରୁ ଦୂରେଇ ରହନ୍ତୁ ।

**ପ୍ର.କ.**— ତା' ମାନେ ଆପଣ କହୁଛନ୍ତି ଯେ ଭଗବାନଙ୍କୁ ଆମେ ଡରିବା ଉଚିତ ।

**ସ୍ୱାମୀଜୀ** — ବେଦରେ ଗୋଟିଏ କଥା କୁହାଯାଇଛି ଯେ ସକାଳୁ ଉଠୁ-ଉଠୁ ଆମେ ଭଗବାନଙ୍କୁ ପ୍ରାର୍ଥନା କରିବା ଉଚିତ । ସେଥିପାଇଁ ୫ଟି ବେଦ ମନ୍ତ୍ରର ବିଧାନ କରାଯାଇଛି । ତନ୍ମଧ୍ୟରୁ ପ୍ରଥମଟି ହେଲା—

**ପ୍ରାତରଗ୍ନିଂ ପ୍ରାତରିନ୍ଦ୍ରଂ ହବାମହେ ପ୍ରାତର୍ମିତ୍ରାବରୁଣା ପ୍ରାତରଶ୍ୱିନା । ପ୍ରାତର୍ଭଗଂ ପୂଷଣଂ ବ୍ରହ୍ମଣସ୍ପତିଂ ପ୍ରାତଃ ସୋମମୁତ ରୁଦ୍ରଂ ହୁବେମ ॥** (ଋକ୍. ୭:୪୧:୧)

ସେଇଠି କୁହାଯାଇଛି ଯେ, ଭଗବାନ ସୋମ ବି ଅଟନ୍ତି, ରୁଦ୍ର ବି ଅଟନ୍ତି । ଅର୍ଥାତ୍ ଭଗବାନ ବହୁତ କଲ୍ୟାଣକାରୀ, ସୌମ୍ୟସ୍ୱରୂପ ଅଟନ୍ତି । କାହା ପାଇଁ ? ଯେଉଁମାନେ ଈଶ୍ୱରଙ୍କ ନିୟମରେ ଚାଲନ୍ତି ସେମାନଙ୍କ ପାଇଁ । ଭଗବାନ ରୁଦ୍ର ବି ଅଟନ୍ତି । କାହା ପାଇଁ ? ଯେଉଁମାନେ ଈଶ୍ୱରଙ୍କ ନିୟମ ଉଲ୍ଲଙ୍ଘନ କରନ୍ତି ସେମାନଙ୍କ ପାଇଁ ।

ମଣିଷ ଭିତରେ କ'ଣ ଥାଏ କି ? ନିୟମକୁ ଉଲ୍ଲଙ୍ଘନ କରିବାର ଗୋଟିଏ ପ୍ରବୃତ୍ତି ଦବି ରହିଥାଏ ଆମ ଭିତରେ । ସମୟ-ସୁଯୋଗ ପାଇଲେ ଫୁଟି ବାହାରେ । ତେଣୁ ଆମେ କ'ଣ କରୁ ? ମା-ବାପାଙ୍କ ସଙ୍ଗେ ଯେତେବେଳେ ବେଶୀ ମିଶି ଗୋଟିଏ ପ୍ରକାର ଡର-ଭୟ ଶୂନ୍ୟ ସ୍ଥିତିରେ ପହଞ୍ଚିଯାଉ ଏବଂ ଗୁରୁଙ୍କ ସଙ୍ଗରେ ବି ବେଶୀ ମିଶି ସେଭଳି ସ୍ଥିତିରେ ପହଞ୍ଚିଯାଉ ସେତେବେଳେ ନିୟମବିରୁଦ୍ଧ କାମ କରିବାକୁ ବି ଚେଷ୍ଟା କରୁ । ଆମେ ଭଲ ପାଇବାକୁ ମଧ୍ୟ ଗୋଟିଏ ପ୍ରକାର ଭାବନାତ୍ମକ ଶୋଷଣ କରିବାକୁ ଚେଷ୍ଟା କରୁ । ମାତା-ପିତା ଆଦି ମୋହ କାରଣରୁ ଅନେକ ସମୟରେ ପ୍ରତିବାଦ କରିପାରନ୍ତିନି । ଯେମିତିକି ଧୃତରାଷ୍ଟ୍ର ଦୃଢ଼ ପ୍ରତିବାଦ କରିପାରିନଥିଲେ ଦୁର୍ଯ୍ୟୋଧନର କାମକୁ ପୁତ୍ର ମୋହ କାରଣରୁ । କିନ୍ତୁ ଭଗବାନ ସବୁ ମୋହ-ମାୟାରୁ ଊର୍ଦ୍ଧ୍ୱରେ । ତେଣୁ ଭଗବାନଙ୍କୁ ତ ଭଲପାଇବା ଉଚିତ । ତାହା ସାଙ୍ଗକୁ ଏ କଥା ବି ମନେରଖିବା ଉଚିତ ଯେ, ଆମେ ତାଙ୍କୁ ଭଲ ପାଉଛେ ବୋଲି ଆମେ ଭୁଲ୍ କଲେ ଭଗବାନ ଦଣ୍ଡ ନଦେଇ ଆମକୁ ଛାଡ଼ିଦେବେ, ସେମିତି ନୁହେଁ । ଭଗବାନ ପିଠି ବି ଆଉଁସନ୍ତି, ଦେବାକୁ ପଡ଼ିଲେ ବିଧାଟିଏ ବି ପକାନ୍ତି ନିର୍ଦ୍ୱନ୍ଦ୍ୱରେ । ଅର୍ଥାତ୍ ଭଗବାନ ସୁଖ ବି ଦିଅନ୍ତି ଏବଂ ଭଗବାନ ଦୁଃଖ ବି ଦିଅନ୍ତି । ଆଉ ଆମ ଭିତରେ ଈଶ୍ୱରଙ୍କୁ ଭୟ କରିବାର ଭାବନା ଥିଲେ ଆମେ କେବେ ବି ଭୁଲ୍ କାମ କରିବାକୁ ଆଗଭର ହେବା ନାହିଁ । କିନ୍ତୁ ଭଗବାନଙ୍କୁ ଅନାବଶ୍ୟକ, ଅହେତୁକ ଭୟ କରିବାର ଆବଶ୍ୟକତା ବି ନାହିଁ । କାରଣ ଭଗବାନ ନ୍ୟାୟପୂର୍ବକ ଦଣ୍ଡ ଦିଅନ୍ତି । ତାଙ୍କ ଦଣ୍ଡ ନ୍ୟାୟ-ବ୍ୟବସ୍ଥାର ଅଧୀନ । ଯେତିକି ପାପ, ସେତିକି ଦଣ୍ଡ । ଟିକିଏ ବି ଅଧିକ ଦିଅନ୍ତି ନାହିଁ କି ଅଯଥାରେ ଦିଅନ୍ତି ନାହିଁ ।

ଆଜିକାଲି ସଂସାରରେ ପାପ ବଢୁଛି କାହିଁକି ? ଲୋକେ ବିଚାର କରୁଛନ୍ତି ଯେ ଆମେ ଯଦି ଭଗବାନଙ୍କୁ ଭଲ ପାଉଛେ, ତୋଷାମଦ କରୁଛେ, ଧୂପ-ଦୀପ-ନୈବେଦ୍ୟ ଦେଉଛେ ତେବେ ସେ ଆମକୁ ପାପର ଦଣ୍ଡ ନ ଦେଇ ଛାଡ଼ିଦେବେ । ସଂସାରରେ ବହୁ ଲୋକ ଚାହାନ୍ତି ଯେ,

ଅଧିକାରୀ ଦୁର୍ନୀତିଗ୍ରସ୍ତ ହୁଅନ୍ତୁ, ମନ୍ତ୍ରୀ ଦୁର୍ନୀତିଗ୍ରସ୍ତ ହୁଅନ୍ତୁ । କାରଣ ଉପରିସ୍ଥ ଲୋକେ ଦୁର୍ନୀତିଗ୍ରସ୍ତ ହେଲେ ତାଙ୍କ ତଳ ଦୁର୍ନୀତିଗ୍ରସ୍ତ ଲୋକଙ୍କ ଫାଇଦା । ସେମାନଙ୍କ ନାମରେ ଲୋକଙ୍କଠାରୁ କିଛି ବଡ଼ ଆକାରରେ ନେଇ ସେଥିରୁ କିଛି ଭୋଗ-ରାଗ ଦେଲେ, କିଛି ପ୍ରସାଦ ନିଜ ପକେଟ୍‌ରେ ପୂରାଇଲେ । ଦ୍ୱିତୀୟରେ ନ୍ୟାୟପଦ୍ଧତିରେ ଯେଉଁମାନଙ୍କର କାର୍ଯ୍ୟ ହେବାର ସମ୍ଭାବନା ନାହିଁ, ଯୋଗ୍ୟତା ନାହିଁ ସେମାନେ ବି ଚାହାନ୍ତି ଯେ, ଅଧିକାରୀ ଦୁର୍ନୀତିଗ୍ରସ୍ତ ହୁଅନ୍ତୁ, ଯଦ୍ୱାରା ସେମାନଙ୍କ କାର୍ଯ୍ୟ ସାଧିତ ହେବ । ଯେମିତିକି ଅଧିକାରୀ ଦୁର୍ନୀତିଗ୍ରସ୍ତ ହେଲେ ତାଙ୍କ ଅଧସ୍ତନ ଦୁର୍ନୀତିଗ୍ରସ୍ତ କର୍ମଚାରୀ, ସେ କାର୍ଯ୍ୟାଳୟକୁ ବିଭିନ୍ନ ଜିନିଷ ଯୋଗାଣ କରୁଥିବା ଅନୈତିକ ଲୋକଙ୍କ ଲାଭ । ଅଧିକାରୀଙ୍କୁ କିଛି ଦେଲେ ଏମାନଙ୍କ ପକେଟ୍‌କୁ ବି କିଛି ଆସିଲା । ଅଧିକାରୀ, ମନ୍ତ୍ରୀ ସଚ୍ଚୋଟ ହେଲେ ଏଭଳି ଲୋକଙ୍କର ବହୁତ ଦୁଃଖ । ଯେମିତି ଏଭଳି ଲୋକ ଚାହାନ୍ତି ଆମ ମନ୍ତ୍ରୀ, ଆମ ଅଧିକାରୀ ଦୁର୍ନୀତିଗ୍ରସ୍ତ ହୁଅନ୍ତୁ ସେମିତି କିଛି ଲୋକେ ଆଜିକାଲି ଭଗବାନଙ୍କୁ ମଧ୍ୟ ଦୁର୍ନୀତିଗ୍ରସ୍ତ କରିବାକୁ ବ୍ୟବସ୍ଥା କରିଛନ୍ତି । ତାଙ୍କୁ ତୋଷାମଦ କରିବା, ଭେଟି ଦେବା, ଲୋକଙ୍କଠାରୁ ଲାଞ୍ଚ ନେଇ ସେଥିରୁ କିଛି ପ୍ରତିଶତ (Percent)ମନ୍ଦିର ତିଆରି ପାଇଁ ବା କୌଣସି କଳ୍ପିତ ଭଗବାନଙ୍କ ପାଇଁ ଦେଇଦେବା । ଭଗବାନଙ୍କୁ ଆମେ ଯେତେବେଳେ ଠିକ୍ ରୂପେ ଭୟ କରିବା, ଜାଣିବା ଓ ମାନିବା ଯେ ଭଗବାନ ତୋଷାମଦ ନୁହେଁ ଶୁଦ୍ଧ କର୍ମ ଚାହାନ୍ତି, ଭଗବାନ କିଛି ନିଅନ୍ତି ନାହିଁ, ତାଙ୍କର କିଛି ଅଭାବ ନାହିଁ, ଭଗବାନଙ୍କ ନାମରେ ଆମେ ଯାହା ନେଉଛୁ ସେଥିପାଇଁ ସେ ଆମକୁ ଭୟଙ୍କର ଦଣ୍ଡ ଦେବେ, ସେତେବେଳେ ସଂସାରର କଲ୍ୟାଣ ହେବ ।

**ପ୍ର.କ.**— ହଁ, ଏହି ମାନସିକତା ଯେତେବେଳେ ଆସିବ ଯେ, ଭଗବାନ ଆମଠାରୁ ଭଲ କାମ ଚାହାଁନ୍ତି, ଭୁଲ୍ କାମ କରି ଆମେ ଭଗବାନଙ୍କ ଆଶୀର୍ବାଦ କେବେ ବି ପାଇପାରିବା ନାହିଁ ଯେତେ ଧାର୍ମିକ ବୋଲି ଦେଖାଇ ହୋଇ ପୂଜା-ପାଠ କଲେ ବି, ସେତେବେଳେ କଲ୍ୟାଣ ।

**ସ୍ୱାମୀଜୀ** — ଧାର୍ମିକ ବୋଲି ଦେଖାଇ ହେବା ପାଇଁ ମାଳା ପକାଇ, ଦାଢ଼ି ରଖି, ଚୁଟି ଲମ୍ବାଇ, ଚିତା-ତିଳକ କାଟି ଯେଉଁମାନେ ସଂସାରକୁ ଚିତା କାଟୁଛନ୍ତି ଭଗବାନଙ୍କଠାରୁ ସେମାନଙ୍କୁ ଭୟଙ୍କର ଦଣ୍ଡ ମିଳିବ । କାରଣ ଧ୍ୟାନ ଦିଅନ୍ତୁ ଭଗବାନଙ୍କ ଦଣ୍ଡ-ବ୍ୟବସ୍ଥା ସାଧାରଣ ବ୍ୟକ୍ତି ପାଇଁ ଅଲଗା ଏବଂ ଧର୍ମର ଉପର ସ୍ତରର ଲୋକଙ୍କ ପାଇଁ ଅଲଗା । କାହିଁକି ?- ଏଇଥି ପାଇଁ ଯେ, ଧର୍ମର ଉପରସ୍ତରରେ ଥିବା ଲୋକଙ୍କ ଦ୍ୱାରା ବହୁତ ସାଧାରଣ ଲୋକ ପରିଚାଳିତ ହୁଅନ୍ତି । ଏଣୁ ଏମାନେ ଜଣେ ଖରାପ କାମ କଲେ, ଭୁଲ ରାସ୍ତା ଦେଖାଇଲେ ତଦ୍ୱାରା ହଜାର-ହଜାର ସାଧାରଣ ଲୋକେ ପଥଭ୍ରଷ୍ଟ ହୁଅନ୍ତି । ଯେହେତୁ ଜଣେ ଲୋକ ଯୋଗୁଁ ହଜାର-ହଜାର ଲୋକ ଭୁଲ୍ ରାସ୍ତାରେ ଗଲେ, ତେଣୁ ଏମାନଙ୍କୁ ଭୟଙ୍କର ଦଣ୍ଡ ମିଳିବ । ବେଦରେ କୁହାଯାଇଛି –**'ଭୀମା ଇନ୍ଦ୍ରସ୍ୟ ହେତବଃ'** – ଈଶ୍ୱରଙ୍କ ଦଣ୍ଡ ମହାଭୟଙ୍କର । ଏମିତି ଜାଗାରେ ବିଧାଟିଏ ଦେଇଥିବେ ଯେ, ନା ଅଜାଗା ଘା' ଦେଖାଇ ପାରୁଥିବେ ନା ଦେଖି ପାରୁଥିବେ । ଖାଲି ମନେ-ମନେ ବୁଝୁଥିବେ –ହଁ, ସେଇ ଭୁଲ୍ କାମ କରିଥିଲି । ତେଣୁ ଏ ଦଣ୍ଡ ମିଳିଛି । କିନ୍ତୁ ଅନ୍ୟ ଆଗରେ ଯେହେତୁ ସତ୍ୟ ପାପ କଥା ପ୍ରକାଶ କରିପାରୁନଥିବେ ତେଣୁ ବାହାରେ କହୁଥିବେ– 'ଦେଖ ! ମୁଁ କିଛି ଭୁଲ୍ କରିନାହିଁ, ମୋତେ କାହିଁକି ଅଯଥା ଦଣ୍ଡ ମିଳିଲା ?' ଈଶ୍ୱର ଜାଣିଛନ୍ତି ଆପଣ କ'ଣ କରିଛନ୍ତି । ତେଣୁ ଠିକଣା ଜାଗାରେ ଦେଇଛନ୍ତି । ଲୋକେ ସିନା ଆପଣଙ୍କର ଉପରର ଧାର୍ମିକ ଖୋଳ ଦେଖି ଆହାଃ, ଚୁ-ଚୁ କରୁଛନ୍ତି ।

**ପ୍ର.କ.**— ଈଶ୍ୱରଙ୍କୁ ଭଲପାଇବା ବି କ'ଣ ଆମ ଉପକାରରେ ଆସେ ?

**ସ୍ୱାମୀଜୀ** — ହଁ, ଯେଉଁ ବ୍ୟକ୍ତି ଭଗବାନଙ୍କୁ ଭଲ ପାଏ, ସେ ଭଗବାନଙ୍କ ସୁନ୍ଦର ବସ୍ତୁକୁ ଅସୁନ୍ଦର କରେ ନାହିଁ ; ଯଥା – ସେ କେବେ ବି ଗଛରୁ ଫୁଲ ତୋଳେ ନାହିଁ । କାହିଁକି ? କାରଣ ତା'ର ଅତି ପ୍ରିୟତମ ଭଗବାନ ଏ ସୃଷ୍ଟିକୁ ସୁନ୍ଦର କରିବା ପାଇଁ ଫୁଲ ସୃଷ୍ଟି କରିଛନ୍ତି । ଯେଉଁମାନେ ବାସ୍ତବରେ ଭଗବାନଙ୍କ ଶତ୍ରୁ, ସେହିମାନେ ଫୁଲ ତୋଳି ସଂସାରକୁ ଶ୍ରୀହୀନ କରିଦିଅନ୍ତି । ଟିକି ଫୁଲଟିକୁ

ବୃନ୍ତଚ୍ୟୁତ କରିବା  ଛୋଟ ଛୁଆଟିର ତଣ୍ଟି ଚିପିବା ଭଳି ନୁହେଁ କି ? ତେଣୁ ଭଗବାନଙ୍କୁ ଭଲ ପାଉଥିବା ଲୋକମାନେ ଭଗବାନଙ୍କ ସୃଷ୍ଟିକୁ ଆଦୌ ନଷ୍ଟ କରନ୍ତି ନାହିଁ । ଆମେ କେବେ ଅଯଥା ଫୁଲ ତୋଳୁନୁ ।  କାରଣ ଆମେ କ'ଣ ଭଗବାନଙ୍କ ଶତ୍ରୁ ଯେ,  ତାଙ୍କ ସୁନ୍ଦର ସୃଷ୍ଟିକୁ ଶ୍ରୀହୀନ କରିବୁ ?

**ପ୍ର.କ.**—  କିନ୍ତୁ ଆପଣ ପ୍ରାତଃଭ୍ରମଣରେ ଗଲେ ଦେଖିବେ ସକାଳୁ ଉଠି ବହୁତ ଲୋକ ବାଡ଼ି ଖଣ୍ଡେ ଓ ଜରିଟିଏ ଧରି ଯା' ବାଡ଼ିରୁ- ତା' ବାଡ଼ିରୁ, ସର୍ବସାଧାରଣଙ୍କ ପାର୍କ କି ରାସ୍ତାରେ ଲଗାଯାଇଥିବା ଗଛମାନଙ୍କରୁ ଫୁଲ ତୋଳିବାରେ  ଲାଗିଥିବେ ।

**ସ୍ୱାମୀଜୀ** — ସେଇଟା ହିଁ ତ ଦୁଃଖର ବିଷୟ । ପ୍ରାତଃ ଭ୍ରମଣରେ ବାହାରିଲେ ସକାଳୁ-ସକାଳୁ ଆପଣ କିଛି ଚୋର-ଡକାୟତ, ସମାଜବିରୋଧୀ ଲୋକଙ୍କ ମୁହଁ ଦେଖିବାକୁ ବାଧ୍ୟ, ଯେଉଁମାନେ କି ଏ ନିକୃଷ୍ଟ କାମରେ ଲାଗିଥାନ୍ତି । ଦଳେ ତ ଲୁଚି-ଛପି ଫୁଲ ଚୋରି କରନ୍ତି, ଆଉ ଦଳେ କେହି କହିଲେ ବି  କାହାରି କଥାକୁ ଭ୍ରୁକ୍ଷେପ ନକରି ଛାତି ଫୁଲାଇ ଫୁଲ ତୋଳି ଚାଲନ୍ତି । ଏମାନେ ଭୁଲି ଯାଉଛନ୍ତି ଯେ, ରାସ୍ତା କଡ଼ର ଫୁଲ ସର୍ବସାଧାରଣଙ୍କ ସମ୍ପତ୍ତି । ସେଥିରୁ ଆନନ୍ଦ ନେବାର ସମସ୍ତଙ୍କର ଅଧିକାର ଅଛି । ଏ କେତେକ ମୁଷ୍ଟିମେୟ ଲୋକ ସର୍ବସାଧାରଣଙ୍କ ସମ୍ପତ୍ତି ଉପରେ ଡକାୟତି କରି ହଜାର-ହଜାର ଲୋକଙ୍କୁ ଆନନ୍ଦ ପ୍ରାପ୍ତିରୁ ବଞ୍ଚିତ କରୁଛନ୍ତି । ଅତ୍ୟନ୍ତ କ୍ଷୋଭର ବିଷୟ ଯେ, ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କ ଭିତରେ  ବଡ଼-ବଡ଼ ତଥାକଥିତ ଶିକ୍ଷାର ଡିଗ୍ରୀଧାରୀ, ଅଧିକାରୀ ବି ଅନ୍ତର୍ଭୁକ୍ତ । ଧନ୍ୟ ତାଙ୍କ ଶିକ୍ଷା, ଧନ୍ୟ ତାଙ୍କ ବିବେକ ।

ଦ୍ୱିତୀୟ କଥା ହେଲା, ସକାଳୁ ଉଠି ଫୁଲ ଚୋରି କରି ନେଇ ଭଗବାନଙ୍କୁ ଦେଲେ ଭଗବାନ ସେ ଚୋରି ଜିନିଷ କେମିତି ଗ୍ରହଣ କରିବେ ? କାରଣ ଭଗବାନ ପରା ଶୁଦ୍ଧ ସ୍ୱରୂପ । ଗୋଟିଏ ପବିତ୍ର ଲୋକ କେବେ କ'ଣ ଅପବିତ୍ର ପଦାର୍ଥ ଗ୍ରହଣ କରେ ? ତୃତୀୟତଃ ଫୁଲ ତାଙ୍କରି ପଦାର୍ଥ । ଯାହାକି ସେ ସର୍ବବ୍ୟାପକ ହେବା କାରଣରୁ ମୂଳରୁ ହିଁ ତାଙ୍କ ନିକଟରେ ଅଛି । ତାହା ପୁଣି ତାଙ୍କୁ ଦେବା ବୋଲି ଭାବିବା ହିଁ ବୁଦ୍ଧିହୀନତା ନୁହେଁ କି ? ବରଂ 'ମୁଁ ଭଗବାନଙ୍କୁ ପୁଷ୍ପ ଅର୍ପଣ କଲି' ଏ ଭାବନା ମନରେ ରହି ତଦ୍ୱାରା ଆମ ମନରେ ଅହଂକାର ଆସେ- 'ମୁଁ ୧୦୦୮ ମନ୍ଦାର ଦେଲି', 'ମୁଁ ଲକ୍ଷେ ଚମ୍ପା ଚଢ଼ାଇଲି', 'ବର୍ଷେ ପର୍ଯ୍ୟନ୍ତ ତୁଳସୀ ଓ ବେଲ ପତ୍ର ଚଢ଼ାଇଲି' ଇତ୍ୟାଦି । ତା' ବଦଳରେ କିଛି ପାଇବାର ଦାବି ମଧ୍ୟ ବଳବତି ହୁଏ । ଯେ ହେତୁ କୌଣସି ମୂର୍ତ୍ତି କିମ୍ବା ପ୍ରତିକୃତିରେ ଏ ସବୁ ଚଢ଼ାଇଲେ ତା' ବଦଳରେ ପଇସାକର ଲାଭ ହେବାର ସମ୍ଭାବନା ନାହିଁ, ତେଣୁ ଏ ସବୁ ପରିବର୍ତ୍ତେ କିଛି ନ ମିଳିବାରୁ ଅଭିମାନ, କ୍ରୋଧ ଓ ଦ୍ୱେଷ ଜାତ ହୁଏ ଭଗବାନଙ୍କ ପ୍ରତି । ଅତଃ ଏ ଫୁଲ-ପତ୍ର ଅଯଥା ନଷ୍ଟ କରିବା କାମ ଦ୍ୱାରା ଲାଭ କିଛି ନାହିଁ, ହାନି ବହୁତ ଭଗବାନଙ୍କଠାରୁ ଆଶୀର୍ବାଦ ତ ମିଳେ ନାହିଁ, ବରଂ ଦଣ୍ଡ ନିଶ୍ଚିତ ମିଳେ । ନିଜ କଲ୍ୟାଣର କାମନା ଥିଲେ ଏ କାମ ତୁରନ୍ତ ଛାଡ଼ିଦେବା ଉଚିତ  ।

**ପ୍ର.କ.**—  ତା' ହେଲେ ସଂକ୍ଷେପରେ ନିଷ୍କର୍ଷ ରୂପେ କ'ଣ କହିବେ ?

**ସ୍ୱାମୀଜୀ** — ଭଗବାନଙ୍କୁ ଭଲପାଇବାର ଆବଶ୍ୟକତା ଅଛି,  ଭଗବାନଙ୍କୁ ଭୟ କରିବାର ବି ଆବଶ୍ୟକତା ଅଛି । ଭଲପାଇବା ଦ୍ୱାରା ଭଗବାନଙ୍କ ସୃଷ୍ଟିକୁ ପବିତ୍ର ରଖିବା, ନିଜର ଗୁଣକୁ ତାଙ୍କ ଅନୁକୂଳ ସୁଧାରିବା, ଯଥା – ଈଶ୍ୱର ନ୍ୟାୟକାରୀ- ଆମେ ନ୍ୟାୟକାରୀ ହେବା, ଆମେ ସବୁବେଳେ ସତ୍ୟ କହିବା ଇତ୍ୟାଦି ଏ ସବୁ ଲାଭ ହେବ । ଭଗବାନଙ୍କୁ ଭୟ କରିବା ଦ୍ୱାରା ଏଇଆ ହେବ ଯେ, ଈଶ୍ୱର ଭୟଙ୍କର ଦଣ୍ଡ ଦିଅନ୍ତି, ଭୁଲ୍ କାମ କଲେ କୌଣସି ତୀର୍ଥରେ ବୁଡ଼ିଲେ ବି ଆମ ପାପ କ୍ଷୟ ହେବ ନାହିଁ,  କୌଣସି ମନ୍ତ୍ର ଜପ କରି ମଧ୍ୟ ଆମ ପାପ ଧୋଇ ହେବ ନାହିଁ, ଆମେ ଗଛରୁ  ଫୁଲ ତୋଳି ତାଙ୍କୁ ଦେଇ ଭଗବାନଙ୍କୁ ଖୁସି କରିପାରିବା ନାହିଁ ବରଂ ଦଣ୍ଡ ପାଇବା – ଏ ବିଚାର ସର୍ବଦା ମୁଣ୍ଡରେ ରହି ତଦନୁସାରେ ଆମ ଆଚାର ଶୁଦ୍ଧ ହେବ ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ଦାସ**

❖❖❖

# ଅଥ ଦ୍ୱିତୀୟସମୁଲ୍ଲାସାରମ୍ଭଃ

## ଅଥ ଶିକ୍ଷାଂ ପ୍ରବକ୍ଷ୍ୟାମଃ

**ମହର୍ଷି ଦୟାନନ୍ଦ ସରସ୍ୱତୀ**

**'ମାତୃମାନ୍ ପିତୃମାନାଚାର୍ୟ୍ୟବାନ୍', 'ଆଚାର୍ୟ୍ୟବାନ୍ ପୁରୁଷୋ ବେଦ।'**

(ଶତପଥ.୧୪:୬:୧୦:୨, ଛାନ୍ଦୋଗ୍ୟ.୬:୧୪:୨)

ଯେତେବେଳେ ତିନି ଜଣ ଯାକ ଶିକ୍ଷକ - ପ୍ରଥମଟି ମାତା, ଦ୍ୱିତୀୟରେ ପିତା ଓ ତୃତୀୟଟି ଆଚାର୍ଯ୍ୟ ଉତ୍ତମ ହୋଇଥାନ୍ତି, ବସ୍ତୁତଃ ସେତେବେଳେ ବ୍ୟକ୍ତି ଜ୍ଞାନବାନ୍ ହୋଇଥାଏ। **ସେ ପରିବାର ଧନ୍ୟ! ସେହି ସନ୍ତାନ ଅତ୍ୟନ୍ତ ଭାଗ୍ୟବାନ୍! ଯାହାରକି ମାତା-ପିତା ଧାର୍ମିକ ଓ ବିଦ୍ୱାନ୍ ଅଟନ୍ତି।** ସନ୍ତାନକୁ ମାଆଠାରୁ ଯେତିକି ଉପଦେଶ ଓ ଉପକାର ମିଳିଥାଏ, ସେତିକି ଅନ୍ୟ କାହାଠାରୁ ମିଳି ନ ଥାଏ। ମାଆ ସନ୍ତାନକୁ ଯେତେ ସ୍ନେହ କରେ ଏବଂ ତା'ର ଯେଭଳି ହିତ କାମନା କରିଥାଏ, ଅନ୍ୟ କେହି ସେପରି କରିପାରନ୍ତି ନାହିଁ। ଅତଃ **(ମାତୃମାନ୍) 'ପ୍ରଶସ୍ତା ଧାର୍ମିକୀ ବିଦୁଷୀ ମାତା ବିଦ୍ୟତେ ଯସ୍ୟ ସ ମାତୃମାନ୍।'** ସେହି ମାତା ଧନ୍ୟା, ଯିଏ କି ଗର୍ଭାଧାନଠାରୁ ଆରମ୍ଭ କରି ପୂର୍ଣ୍ଣ ବିଦ୍ୟା ପ୍ରାପ୍ତି ପର୍ଯ୍ୟନ୍ତ ସନ୍ତାନକୁ ସୁଶୀଳତା ଅର୍ଥାତ୍ ଉତ୍ତମ ଗୁଣ, କର୍ମ, ଆଚରଣର ଶିକ୍ଷା ଦିଏ।

ମାତା-ପିତାଙ୍କର ଏହା ଅତ୍ୟାବଶ୍ୟକ କର୍ତ୍ତବ୍ୟ ଯେ ଗର୍ଭାଧାନ ପୂର୍ବରୁ, ମଧ୍ୟରେ ଓ ପରେ ସେମାନେ ମାଦକ ଦ୍ରବ୍ୟ ତଥା ଦୁର୍ଗନ୍ଧ, ରୁକ୍ଷ, ବୁଦ୍ଧିନାଶକ ପଦାର୍ଥ ସେବନ କରିବେ ନାହିଁ। ଯେଉଁ ପଦାର୍ଥ ସେବନ ଦ୍ୱାରା ଶାନ୍ତି, ଆରୋଗ୍ୟ, ବଳ, ବୁଦ୍ଧି, ପରାକ୍ରମ ଓ ସୁଶୀଳତା ପ୍ରାପ୍ତି ପୂର୍ବକ ସଭ୍ୟତା ପ୍ରାପ୍ତ ହୁଏ ସେପରି ପଦାର୍ଥ; ଯଥା – ଘୃତ, ଦୁଗ୍ଧ, ମିଷ୍ଟାନ୍ନ, ଅନ୍ନ-ପାନୀୟ ଆଦି ଉତ୍ତମ ପଦାର୍ଥ ସେବନ କରିବେ ଯଦ୍ୱାରା ରଜ-ବୀର୍ଯ୍ୟ ବି ଦୋଷରହିତ ହୋଇ ଅତ୍ୟୁତ୍ତମ ଗୁଣଯୁକ୍ତ ହେବ। ଋତୁଗମନର ବିଧି ହେଲା ଯେ ମହିଳାମାନଙ୍କର ସ୍ୱାଭାବିକ ଋତୁକାଳର ସମୟ ୧୬ ଦିନ। ତନ୍ମଧ୍ୟରୁ ପ୍ରଥମ ୪ ଦିନ ତ୍ୟାଜ୍ୟ। ଅବଶିଷ୍ଟ ୧୨ ଦିନ ଅର୍ଥାତ୍ ରଜୋଦର୍ଶନର ପଞ୍ଚମ ଦିନଠାରୁ ଷୋଡ଼ଶ ଦିବସ ପର୍ଯ୍ୟନ୍ତ ଋତୁଦାନର ସମୟ। ଏହି ୧୨ ଦିନ ମଧ୍ୟରୁ ରଜୋଦର୍ଶନର ଏକାଦଶ ଓ ତ୍ରୟୋଦଶ ରାତ୍ରିକୁ ଛାଡ଼ି ଅନ୍ୟ ୧୦ରାତ୍ରି ଗର୍ଭାଧାନର ପ୍ରକୃଷ୍ଟ ସମୟ। ରଜୋଦର୍ଶନର ୧୬ଶ ରାତ୍ରି ପରଠାରୁ ପୁନଃ ଋତୁଦାନର ସମୟ ଆସିବା ପର୍ଯ୍ୟନ୍ତ ସ୍ତ୍ରୀ-ସଙ୍ଗ ନିଷିଦ୍ଧ। ଯଦି ଗର୍ଭଧାରଣ ହୁଏ, ତେବେ ଗର୍ଭଧାରଣ ଦିନଠାରୁ ଏକ ବର୍ଷ ପର୍ଯ୍ୟନ୍ତ ସହବାସ କରିବେ ନାହିଁ। ପୁନଃ ପତି-ପତ୍ନୀ ଉଭୟଙ୍କ ଶରୀର ନୀରୋଗ ଓ ପାରସ୍ପରିକ ପ୍ରସନ୍ନତା ନ ଥାଇ, ଏବଂ କୌଣସି ପ୍ରକାର ଶୋକଗ୍ରସ୍ତ ଥାଇ ଗର୍ଭାଧାନ କରିବେ ନାହିଁ। ପତି-ପତ୍ନୀ ଉଭୟଙ୍କ ଶରୀର ଯେପରି ନୀରୋଗ ରହିବ, ପାରସ୍ପରିକ ପ୍ରସନ୍ନତା ରହିବ ଏବଂ କୌଣସି ପ୍ରକାର ଶୋକ ଉତ୍ପନ୍ନ ନ ହେବ ସେଥିପ୍ରତି ଯତ୍ନବାନ୍ ହେବେ। ଚରକ, ସୁଶ୍ରୁତ ଆଦି ଆୟୁର୍ବେଦ ଶାସ୍ତ୍ରରେ ଆହାର-ବିହାର ଆଦି ସ୍ୱାସ୍ଥ୍ୟରକ୍ଷା ବିଷୟକ ଯେଉଁ ବିଧି-ବିଧାନ ଅଛି ଏବଂ ମନୁସ୍ମୃତିରେ ପତି-ପତ୍ନୀଙ୍କ ପାରସ୍ପରିକ ପ୍ରସନ୍ନତା ନିମନ୍ତେ ଯେଉଁ ନୀତି-ନିୟମ ଉଲ୍ଲେଖ ରହିଛି ସେସବୁ ପାଳନ କରିବେ, ତଦନୁସାରେ ଚଳିବେ। ଗର୍ଭାଧାନ ପରଠାରୁ ସନ୍ତାନ ଜନ୍ମ ହେବା ପର୍ଯ୍ୟନ୍ତ ଗର୍ଭବତୀ ସ୍ତ୍ରୀ ନିଜର ଭୋଜନ-

ଆଚ୍ଛାଦନ ବିଷୟରେ ବହୁତ ସାବଧାନ ରହିବା ଆବଶ୍ୟକ। ଗର୍ଭାଧାନଠାରୁ ଏକ ବର୍ଷ ପର୍ଯ୍ୟନ୍ତ ସ୍ତ୍ରୀ ସ୍ୱାମୀଙ୍କ ସହ ଶାରୀରିକ ସମ୍ବନ୍ଧ ସ୍ଥାପନ କରିବେ ନାହିଁ। ବୁଦ୍ଧି, ବଳ, ରୂପ, ଆରୋଗ୍ୟ, ପରାକ୍ରମ, ଶାନ୍ତି ଆଦି ଗୁଣକାରକ ଦ୍ରବ୍ୟ ହିଁ ସେବନ କରିବେ।

ସନ୍ତାନ ଜନ୍ମ ହେବା ପରେ ତା'ର ନାଡ଼ୀଛେଦନ କରି, ଉତ୍ତମ ସୁଗନ୍ଧିତ ଜଳରେ ଶିଶୁକୁ ସ୍ନାନ କରାଇ, ସୁଗନ୍ଧଯୁକ୍ତ ଘୃତାଦି ପଦାର୍ଥରେ ହୋମ କରିବେ। ମାଆର ବି ସ୍ନାନ, ଭୋଜନ ଆଦିର ଯଥାଯୋଗ୍ୟ ବ୍ୟବସ୍ଥା କରିବେ, ଯେପରିକି ଶିଶୁ ଓ ମାଆ ଉଭୟଙ୍କ ଶରୀର କ୍ରମଶଃ ସୁସ୍ଥ ଓ ପୁଷ୍ଟ ହୋଇଚାଲିବ। ଶିଶୁର ମାଆ ବା ଧାଇ ଏପରି ପଦାର୍ଥ ଖାଇବା ଉଚିତ ଯଦ୍ଦ୍ୱାରା ତାଙ୍କ କ୍ଷୀର ବି ଉତ୍ତମ ଗୁଣଯୁକ୍ତ ହେବ। ଛଅ ଦିନ ପର୍ଯ୍ୟନ୍ତ ଶିଶୁକୁ ପ୍ରସୂତିର କ୍ଷୀର ପିଆଇବେ। ତା' ପରେ ଯଦି ମାଆର ସ୍ତନ୍ୟପାନରେ ଅସୁବିଧା ହୁଏ ତେବେ ଧାଇ ସ୍ତନ୍ୟପାନ କରାଇବେ। ସେପରି ସ୍ଥଳରେ ଶିଶୁର ପିତା-ମାତା ଧାଇ ପାଇଁ ଉତ୍ତମ ଖାଦ୍ୟ-ପେୟର ବ୍ୟବସ୍ଥା କରିବେ। ଆଉ ଯେଉଁମାନେ ନିର୍ଦ୍ଧନ, ଧାଇ ରଖିବାରେ ଅସମର୍ଥ, ସେମାନେ ବୁଦ୍ଧି, ପରାକ୍ରମ, ଆରୋଗ୍ୟଦାୟକ ଉତ୍ତମ ଓଷଧିକୁ ଶୁଦ୍ଧ ଜଳରେ ଭିଜାଇ, ଫୁଟାଇ, ଛାଣି ସେହି ଜଳକୁ ଗାଈ ବା ଛେଳି କ୍ଷୀରରେ ସମପରିମାଣରେ ମିଶାଇ ଶିଶୁକୁ ପିଆଇବେ। ସନ୍ତାନ ଜନ୍ମ ହେବା ପରେ ଶିଶୁ ଓ ମାଆକୁ ଶୁଦ୍ଧ ବାୟୁ ଚଳାଚଳ କରୁଥିବା ସ୍ଥାନରେ ରଖିବେ। ସେଠାରେ ସୁଗନ୍ଧିତ ଓ ଦର୍ଶନୀୟ ପଦାର୍ଥ ବି ରଖିବେ। ଶିଶୁକୁ ଶୁଦ୍ଧ ବାୟୁ ଚଳାଚଳ କରୁଥିବା ସ୍ଥାନରେ ଭ୍ରମଣ କରାଇବା ଉଚିତ। ଯେଉଁଠାରେ ଧାଇ, ଗାଈ କି ଛେଳି କ୍ଷୀର ନ ମିଳିବ, ସେଠାରେ ଯେପରି ଉଚିତ ମନେକରିବେ ସେପରି ବ୍ୟବସ୍ଥା କରିବେ। ପ୍ରସୂତା ସ୍ତ୍ରୀର ଶରୀରାଂଶରୁ ସନ୍ତାନର ଶରୀର ତିଆରି ହୋଇଥାଏ। ତେଣୁ ପ୍ରସବ ପରେ ସ୍ତ୍ରୀ ଦୁର୍ବଳ ହୋଇଯାଏ। କେତେକ କ୍ଷେତ୍ରରେ ପ୍ରସୂତା ଅତ୍ୟନ୍ତ ଦୁର୍ବଳ ବି ହୋଇଯାଏ। ସେ କ୍ଷେତ୍ରରେ ତା' କ୍ଷୀରରେ ଶକ୍ତି ବି କମ୍ ହୋଇଯାଏ। କେତେକ କ୍ଷେତ୍ରରେ ଦୁଗ୍ଧାଭାବ ଓ ରୁଗ୍ଣତା ବି ଥାଏ। ଏଣୁ ଏପରି ସ୍ଥଳେ ପ୍ରସୂତା ସ୍ତ୍ରୀ ଶିଶୁକୁ ସ୍ତନ୍ୟପାନ ନ କରାଇବା ଉଚିତ। ଦୁଗ୍ଧସ୍ରାବ ବନ୍ଦ କରିବାକୁ ଚାହିଁଲେ ସ୍ତନର ଛିଦ୍ର ଉପରେ ସେଭଳି ଔଷଧ ଲେପନ କରିବେ, ଯାହାଦ୍ୱାରା ଦୁଗ୍ଧ ସ୍ରବିତ ହେବ ନାହିଁ। ଏପରି କରିବା ଦ୍ୱାରା ପ୍ରସବର ଦ୍ୱିତୀୟ ମାସ ଆଡ଼କୁ ପ୍ରସୂତା ସ୍ତ୍ରୀ ଶନୈଃ-ଶନୈଃ ସ୍ୱାସ୍ଥ୍ୟବତୀ ହେବାକୁ ଲାଗେ। ସେତେବେଳ ପର୍ଯ୍ୟନ୍ତ ପୁରୁଷ ଇନ୍ଦ୍ରିୟ ସଂଯମ ପୂର୍ବକ ବୀର୍ଯ୍ୟସ୍ତମ୍ଭନ କରିବେ। ସ୍ତ୍ରୀ ଯୋନିସଂକୋଚନ ଓ ଶୋଧନ କରିବେ। ସ୍ତ୍ରୀର ଶାରୀରିକ ଉନ୍ନତି ପରେ ଦ୍ୱିତୀୟ ସନ୍ତାନ ପାଇଁ ଉପକ୍ରମ କରାଯାଇପାରେ। ଯେଉଁ ପତି-ପତ୍ନୀ ଏପରି ସଂଯମପୂର୍ଣ୍ଣ ଆଚରଣ କରିବେ ସେମାନଙ୍କର ଆୟୁ ଦୀର୍ଘ, ବଳ-ପରାକ୍ରମର ବୃଦ୍ଧି ହେବା ସାଙ୍ଗକୁ ସେମାନଙ୍କ ସମସ୍ତ ସନ୍ତାନ ଉତ୍ତମ, ବଳବାନ୍, ବୁଦ୍ଧିମାନ୍, ଦୀର୍ଘାୟୁ ଓ ଧାର୍ମିକ ହେବେ।

ସନ୍ତାନଙ୍କୁ ମାଆ ସର୍ବଦା ଉତ୍ତମ ଶିକ୍ଷା ଦେବେ, ଯେପରିକି ସେମାନେ ସଭ୍ୟ ହେବେ ଓ କୌଣସି ଅଙ୍ଗଦ୍ୱାରା କୌଣସି ଅପଚେଷ୍ଟା କରିବେ ନାହିଁ। ଶିଶୁ କଥା କହିବାକୁ ଆରମ୍ଭ କଲେ ସେ ଯେପରି ସ୍ପଷ୍ଟ ଉଚ୍ଚାରଣ କରିପାରିବ, ମାଆ ସେପରି ଉପାୟ କରିବେ। ଯେଉଁ ବର୍ଣ୍ଣର ସ୍ଥାନ, ପ୍ରଯତ୍ନ ଯାହା ଅର୍ଥାତ୍ କେଉଁ ଅକ୍ଷର କେଉଁ ସ୍ଥାନରୁ କିପରି ସ୍ପଷ୍ଟ ଉଚ୍ଚାରିତ ହୋଇପାରେ ତାହା ଶିଖାଇବେ। ଯଥା – 'ପ' ର ଓଷ୍ଠ ସ୍ଥାନ ଓ ସ୍ପୃଷ୍ଟ ପ୍ରଯତ୍ନ ଅର୍ଥାତ୍ ଦୁଇ ଓଠକୁ ମିଶାଇ ଏହି ଅକ୍ଷର ବୋଲିବାକୁ ହୁଏ। ସେହିପରି ହ୍ରସ୍ୱ, ଦୀର୍ଘ ଓ ପ୍ଲୁତ ଅକ୍ଷରମାନଙ୍କୁ ଯଥା ନିୟମରେ ଉଚ୍ଚାରଣ କରିବାକୁ ଶିକ୍ଷା ଦେବେ। ମଧୁର, ଗମ୍ଭୀର, ସୁସ୍ୱର ସାଙ୍ଗକୁ ଅକ୍ଷର, ମାତ୍ରା, ପଦ, ବାକ୍ୟ, ସନ୍ଧି, ବିରାମ ଯେପରି ସ୍ପଷ୍ଟ ଶୁଣାଯିବ ସେପରି ଶିକ୍ଷା ଦେବେ। ଶିଶୁ କିଛି-କିଛି କହିବାକୁ ଓ ବୁଝିବାକୁ ସମର୍ଥ ହେଲେ ସେମାନଙ୍କୁ ସୁନ୍ଦର ବଚନ ଶିଖାଇବେ

ଏବଂ ବଡ଼, ସାନ, ମାତା, ପିତା, ଗୁରୁଜନ, ରାଜା ଓ ବିଦ୍ୱାନ୍ ଆଦିଙ୍କ ସହ କିପରି କଥାବାର୍ତ୍ତା ଓ ବ୍ୟବହାର କରିବା ଉଚିତ, ସେମାନଙ୍କ ନିକଟରେ କିଭଳି ବସାଉଠା ଆଦି କରିବା ବିଧେୟ ସେ ବିଷୟରେ ବି ଶିକ୍ଷା ଦେବେ, ଯଦ୍ୱାରାକି କେଉଁଠି ବି ସେମାନେ ଅନୁଚିତ ବ୍ୟବହାର କରିବେ ନାହିଁ ଏବଂ ସର୍ବତ୍ର ଗୌରବ ଓ ପ୍ରତିଷ୍ଠା ପାଇବେ। ସନ୍ତାନ ଯେପରି ଜିତେନ୍ଦ୍ରିୟ, ବିଦ୍ୟାପ୍ରିୟ ହେବ ଓ ଉତ୍ତମ ସଙ୍ଗ ପ୍ରତି ରୁଚି ରଖିବ, ସେପରି ପ୍ରଯତ୍ନ ସତତ କରିବେ। ବ୍ୟର୍ଥ କ୍ରୀଡ଼ା, ରୋଦନ, ହାସ୍ୟ, କଳହ, ହର୍ଷ, ଶୋକ, ଲୋଭ, ଈର୍ଷ୍ୟା, ଦ୍ୱେଷାଦି ନ କରିବ ସେଥିପ୍ରତି ଧ୍ୟାନ ଦେବେ। ଉପସ୍ଥେନ୍ଦ୍ରିୟର ସ୍ପର୍ଶ ଓ ମର୍ଦ୍ଦନରେ ବୀର୍ଯ୍ୟର କ୍ଷୀଣତା ଓ ନଂପୁସକତା ହୁଏ। ହାତ ବି ଦୁର୍ଗନ୍ଧ ହୁଏ। ଏଣୁ ବିନା କାରଣରେ ଯେପରି ତାକୁ ସ୍ପର୍ଶ ନ କରନ୍ତି, ତାହା ଶିକ୍ଷା ଦେବେ। ସେମାନେ ଯେପରି ସତ୍ୟବାଦିତା, ଶୌର୍ଯ୍ୟ, ଧୈର୍ଯ୍ୟ, ପ୍ରସନ୍ନତା ଆଦି ସଦ୍‌ଗୁଣରେ ସଦା ବିଭୂଷିତ ହେବେ, ସେଥିପ୍ରତି ଯତ୍ନବାନ୍ ହେବେ।

ପୁତ୍ର-କନ୍ୟା ପାଞ୍ଚ ବର୍ଷ ବୟସର ହେଲେ ତାଙ୍କୁ ଦେବନାଗରୀ ଓ ମାତୃଭାଷାର ଅକ୍ଷର ଶିଖାଇବେ। ଅନ୍ୟ ଭାଷା ବି ଯଥାଯୋଗ୍ୟ ଶିଖାଇ ପାରନ୍ତି। ତା' ପରେ ଉତ୍ତମ ଶିକ୍ଷା, ବିଦ୍ୟା, ଧର୍ମ, ପରମେଶ୍ୱର, ମାତା, ପିତା, ଆଚାର୍ଯ୍ୟ, ବିଦ୍ୱାନ୍, ଅତିଥି, ରାଜା, ପ୍ରଜା, କୁଟୁମ୍ବ, ବନ୍ଧୁ, ଭ୍ରାତା, ଭଗିନୀ, ଭୃତ୍ୟ ଆଦିଙ୍କ ପ୍ରତି କର୍ତ୍ତବ୍ୟ ଓ ବ୍ୟବହାର ସମ୍ବନ୍ଧୀୟ ମନ୍ତ୍ର, ଶ୍ଳୋକ, ସୂତ୍ର, ଗଦ୍ୟ ଓ ପଦ୍ୟ ଆଦି ବି ଅର୍ଥ ସହିତ ମୁଖସ୍ଥ କରାଇବେ। ଫଳରେ ସନ୍ତାନମାନେ କୌଣସି ଧୂର୍ତ୍ତର ପ୍ରରୋଚନାରେ ପଡ଼ିବେ ନାହିଁ। ଯାହା-ଯାହା ବିଦ୍ୟା ଓ ଧର୍ମର ବିରୁଦ୍ଧ ତଥା ଭ୍ରାନ୍ତି, ଅଜ୍ଞାନ, ଅନ୍ଧବିଶ୍ୱାସପୂର୍ଣ୍ଣ କାର୍ଯ୍ୟ ସେସବୁ ବି ଉତ୍ତମ ରୂପେ ବୁଝାଇ ଦେବେ ଯଦ୍ୱାରା ସନ୍ତାନମାନେ ଭୂତ-ପ୍ରେତ ଆଦି ମିଥ୍ୟା କଥାରେ ବିଶ୍ୱାସ କରିବେ ନାହିଁ।

**ଗୁରୋଃ ପ୍ରେତସ୍ୟ ଶିଷ୍ୟସ୍ତୁ ପିତୃମେଧଂ ସମାଚରନ୍।**
**ପ୍ରେତହାରୈଃ ସମଂ ତତ୍ର ଦଶରାତ୍ରେଣ ଶୁଦ୍ଧ୍ୟତି ॥** (ମନୁ. ୫:୬୫)

ଗୁରୁଙ୍କର ମୃତ୍ୟୁ ପରେ ତାଙ୍କ **'ପ୍ରେତ'** ଅର୍ଥାତ୍ 'ମୃତଦେହ'ର ଦାହକାରୀ ଶିଷ୍ୟ **'ପ୍ରେତହାର'** ଅର୍ଥାତ୍ 'ଶବବାହକ'ମାନଙ୍କ ସହ ଦଶମ ଦିବସରେ ଶୁଦ୍ଧ ହୁଏ। ଶବ ଦାହ ପରେ ମୃତ ବ୍ୟକ୍ତିକୁ **'ଭୂତ'** କୁହାଯାଏ ଅର୍ଥାତ୍ ଅମୁକ ନାମରେ ବ୍ୟକ୍ତି ଅତୀତରେ ଥିଲେ। ଯାହାସବୁ ଉତ୍ପନ୍ନ ହୋଇଥିଲା, ଦିନେ ବିଦ୍ୟମାନ ଥିଲା ଓ ବର୍ତ୍ତମାନ ନାହିଁ, ସେସବୁର ନାମ **'ଭୂତ'**। ବ୍ରହ୍ମାଙ୍କଠାରୁ ଆରମ୍ଭ କରି ଆଜିର ବିଦ୍ୱାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏହା ହିଁ ସିଦ୍ଧାନ୍ତ। କିନ୍ତୁ **ଯେଉଁ ବ୍ୟକ୍ତି ଶଙ୍କା, କୁସଙ୍ଗ ଓ କୁସଂସ୍କାର ଗ୍ରସ୍ତ, ତାକୁ ଭୟ ଓ ଶଙ୍କା ରୂପକ ଭୂତ-ପ୍ରେତ, ଡାକିନୀ-ଶାକିନୀ ଆଦି ଅନେକ ଭ୍ରମଜାଲ ଦୁଃଖ ଦେଇଥାନ୍ତି।**

କୌଣସି ପ୍ରାଣୀ ମରିଗଲେ ତା'ର ଆତ୍ମା ନିଜର ପାପ-ପୁଣ୍ୟ ଆଧାରରେ ପରମେଶ୍ୱରଙ୍କ ବ୍ୟବସ୍ଥା ଅନୁସାରେ ଦୁଃଖ-ସୁଖ ରୂପକ ଫଳ ଭୋଗ କରିବା ନିମନ୍ତେ ଅନ୍ୟ ଜନ୍ମ ଗ୍ରହଣ କରେ। ଏହି ଅବିନାଶୀ ଈଶ୍ୱରୀୟ କର୍ମଫଳ ବ୍ୟବସ୍ଥାକୁ କ'ଣ କେହି ଅନ୍ୟଥା କରିପାରେ ? ଅଜ୍ଞାନୀ ଲୋକମାନେ ଆୟୁର୍ବେଦ ଶାସ୍ତ୍ର ବା ପଦାର୍ଥ ବିଦ୍ୟା ନ ପଢ଼ି, ନ ଶୁଣି ଓ ସେ ସମ୍ପର୍କୀୟ ଜ୍ଞାନରୁ ରହିତ ହୋଇ ସନ୍ନିପାତ ଜ୍ୱର ଆଦି ଶାରୀରିକ ରୋଗ ଓ ଉନ୍ମାଦ ଆଦି ମାନସିକ ରୋଗକୁ ଭୂତ-ପ୍ରେତ ଆଦି ବୋଲି କହିଥାନ୍ତି। ସେସବୁ ରୋଗର ଔଷଧ ଓ ପଥ୍ୟ ସେବନ ଆଦି ଉଚିତ ପ୍ରତିକାର କରିବା ପରିବର୍ତ୍ତେ ଧୂର୍ତ୍ତ, ପାଖଣ୍ଡୀ, ମହାମୂର୍ଖ, ଦୁରାଚାରୀ, ସ୍ୱାର୍ଥପର, ପାପିଷ୍ଠ, ପାମର, ନୀଚ, ମ୍ଳେଚ୍ଛ ଆଦିଙ୍କ ନାନାପ୍ରକାର ଛଳ-କପଟ ପୂର୍ଣ୍ଣ କୌଶଳ ଉପରେ ଦୃଢ଼ବିଶ୍ୱାସ ସ୍ଥାପନ କରି ଉଚ୍ଛିଷ୍ଟ ଭୋଜନ କରନ୍ତି ଓ ଡେଉଁରିଆ,

ତାବିଜ, ସୂତା ଆଦି ମିଥ୍ୟା ମନ୍ତ୍ର-ଯନ୍ତ୍ର ଧାରଣ କରି ଓ କରାଇ ଚାଲିଥାନ୍ତି। ଏପରି ଭାବେ ନିଜର ଅର୍ଥନାଶ କରିବା ସାଙ୍ଗକୁ ସନ୍ତାନ ଆଦିଙ୍କ ଦୁର୍ଦ୍ଦଶା କରି ଓ ରୋଗ ବୃଦ୍ଧି କରି ଦୁଃଖ ଦେଇଥାନ୍ତି।

ଯେତେବେଳେ ବୁଦ୍ଧିହୀନ ଲୋକମାନେ କୌଣସି ବ୍ୟକ୍ତିକୁ ନେଇ ସେହି ଦୁର୍ବୁଦ୍ଧି, ପାପୀ, ସ୍ୱାର୍ଥୀମାନଙ୍କ ନିକଟକୁ ଯାଇ ପଚାରନ୍ତି – 'ମହାରାଜ! ଯାକୁ (ଏ ବାଳକ, ବାଳିକା, ସ୍ତ୍ରୀ ବା ପୁରୁଷକୁ) କ'ଣ ହୋଇଛି, କିଛି ଜାଣିହେଉନି।' ସେତେବେଳେ ସେ ଧୂର୍ତ୍ତମାନେ କହନ୍ତି – 'ୟା' ଦେହରେ ବଡ଼ ଭୂତ-ପ୍ରେତ, ଭୈରବ ବା ଶୀତଳା ଆଦି ଦେବୀ ପ୍ରବେଶ କରିଛନ୍ତି। ଏହାର ପ୍ରତିକାର ନ କଲେ ଏମାନେ ଛାଡ଼ିକି ଯିବେନି, ୟା'ର ପ୍ରାଣ ବି ନେଇଯିବେ। ଯଦି ତୁମେ ପୂଜା ପାଇଁ ଅମୁକ-ଅମୁକ ଭୋଗରାଗ ବା ଏତିକି ପୂଜାଖର୍ଚ୍ଚ ଦେବ, ତେବେ ଆମେ ମନ୍ତ୍ର, ଜପ ଓ ପୁରଶ୍ଚରଣ ଦ୍ୱାରା ଝାଡ଼ି-ଫୁଙ୍କି ଏମାନଙ୍କୁ ବାହାର କରିଦେବୁ।' ସେତେବେଳେ ସେ ଅଜ୍ଞାନାନ୍ଧ ଲୋକେ ଓ ତାଙ୍କ ମୂର୍ଖ ସମ୍ପର୍କୀୟମାନେ କହନ୍ତି –'ମହାରାଜ! ଆମର ସର୍ବସ୍ୱ ସରିଯାଉ ପଛକେ, ଏହାକୁ ଭଲ କରିଦିଅନ୍ତୁ।' ସେତେବେଳେ ତ ଏ ପରସ୍ୱହରଣକାରୀଙ୍କ କଚେ ପୁଅ ବା'ର। ସେ ଧୂର୍ତ୍ତମାନେ କହନ୍ତି – 'ଆଚ୍ଛା! ପୂଜା ପାଇଁ ଏତିକି ସାମଗ୍ରୀ, ଏତିକି ଦକ୍ଷିଣା ଓ ଦେବତାଙ୍କ ପାଇଁ ଭେଟି ଆଣ । ଗ୍ରହଦାନ କରାଅ।' ତା'ପରେ ଝାଞ୍ଜ, ମୃଦଙ୍ଗ, ଢୋଲ, ଘଣ୍ଟ ଆଦି ନେଇ ରୋଗୀ ଆଗରେ ଜୋର୍‌ରେ ବଜାନ୍ତି, ନିରର୍ଥକ ଗୀତ ଗାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣେ ପାଖଣ୍ଡି ଉନ୍ମତ୍ତ ହୋଇ ନାଚି-କୁଦି କହେ – 'ମୁଁ ୟାକୁ ଛାଡ଼ିବିନି, ୟା' ପ୍ରାଣ ନେଇଯିବି।' ସେତେବେଳେ ସେ ଅଜ୍ଞାନାନ୍ଧମାନେ ସେ ନୀଚ, ନରାଧମର ଗୋଡ଼ତଳେ ପଡ଼ି କାକୁତି-ମିନତି କରି କହନ୍ତି – 'ଆପଣ ଯାହା ଇଚ୍ଛା ତାହା ନିଅନ୍ତୁ ପଛକେ, ୟାକୁ ବଞ୍ଚାଇ ଦିଅନ୍ତୁ।' ସେତେବେଳେ ସେ ଧୂର୍ତ୍ତ କହେ – 'ମୁଁ ହନୁମାନ୍! ଆଣ ମୋ ପାଇଁ ମିଠେଇ, ତେଲ, ସିନ୍ଦୁର, ସଉଆ ମହଣର ରୁଟି ଓ ଲାଲ ଲେଙ୍ଗୋଟି। ମୁଁ ଦେବୀ! ମୁଁ ଭୈରବ! ଆଣ ମୋ ପାଇଁ ପାଣି-ପଣା, ଧୂପ-ଝୁଣା, ଲିଆ-ମୁଆଁ, ମଣ୍ଡା-କାକରା, କଳାକନା, ନାଲି ବାନା, ପାଞ୍ଚ ବୋତଲ ମଦ, କୋଡ଼ିଏଟି କୁକୁଡ଼ା, ପାଞ୍ଚଟା ଛେଳି' ଇତ୍ୟାଦି। ଯେତେବେଳେ ଏ ଅନ୍ଧବିଶ୍ୱାସୀମାନେ କହନ୍ତି, –'ଯାହା ଚାହୁଁଛନ୍ତି, ନିଅନ୍ତୁ।' ସେତେବେଳେ ତ ସେ ପାଗଳ ଖୁବ୍ ଜୋର୍‌ରେ ନାଚିବାକୁ-ଡେଇଁବାକୁ ଲାଗେ। କିନ୍ତୁ ଏ ସମୟରେ ଯଦି କୌଣସି ବୁଦ୍ଧିମାନ୍ ବ୍ୟକ୍ତି ସେ ଦେବତାଙ୍କୁ ଭୋଗ-ରାଗ-ନୈବେଦ୍ୟ ସ୍ୱରୂପ ଜୋତା କି ଠେଙ୍ଗାରେ ୫-୧୦ ପାହାର କିମ୍ବା ଭଲକରି ଚାପୁଡ଼ା, ବିଧା, ଗୋଇଠା ଗଣ୍ଡାଏ ଦିଏ ତେବେ ତା'ର ହନୁମାନ୍, ଦେବୀ ଓ ଭୈରବ ତତ୍‌କ୍ଷଣାତ୍ ପସନ୍ନ ହୋଇ ପ୍ରସ୍ଥାନ କରନ୍ତି। କାରଣ, ଏ ସବୁ ତ କେବଳ ପରସ୍ୱ ହରଣ ନିମିତ୍ତ ସେ ଧୂର୍ତ୍ତମାନଙ୍କର ଫନ୍ଦି-ଫିକର।

ସେହିପରି ଯେତେବେଳେ କୌଣସି ଗ୍ରହଗ୍ରସ୍ତ ବ୍ୟକ୍ତି, ଗ୍ରହରୂପୀ ଜ୍ୟୋତିଷୀଙ୍କ ନିକଟକୁ ଯାଇ ପଚାରେ – 'ମହାରାଜ! ୟା'ର କ'ଣ ହୋଇଛି ?' ସେତେବେଳେ ସେ କହନ୍ତି – 'ୟା' ଉପରେ ସୂର୍ଯ୍ୟାଦି ଗ୍ରହଙ୍କର କ୍ରୂର ଦୃଷ୍ଟି ପଡ଼ିଛି। ଯଦି ତୁମେ ଗ୍ରହଶାନ୍ତି ପାଇଁ ପୂଜା-ପାଠ, ତିଳ-କାଞ୍ଚନ ଆଦି ଦାନ କରିବ ତେବେ ଇଏ ଭଲ ହୋଇଯିବ। ନଚେତ୍ ବହୁତ କଷ୍ଟ ଭୋଗିବ, ମରିଯିବା ବି କିଛି ଅସମ୍ଭବ ନୁହେଁ।

**ଉତ୍ତର –** କହନ୍ତୁ ଜ୍ୟୋତିଷପ୍ରବର! ଏ ପୃଥିବୀ ଯେମିତି ଜଡ଼ ପଦାର୍ଥ, ସୂର୍ଯ୍ୟାଦି ପିଣ୍ଡ ବି ସେମିତି ଜଡ଼। ସେମାନେ ଉତ୍ତାପ ଓ ଆଲୋକ ଦେବା ବ୍ୟତୀତ ଆଉ କିଛି କରିପାରନ୍ତି ନାହିଁ। ସେମାନେ କ'ଣ ଚେତନ ଯେ କ୍ରୁଦ୍ଧ ହୋଇ ଦୁଃଖ ଓ ପ୍ରସନ୍ନ ହୋଇ ସୁଖ ପ୍ରଦାନ କରିପାରିବେ ?

**ପ୍ରଶ୍ନ –** ଏ ସଂସାରରେ ଲୋକେ ଯେଉଁ ଧନୀ-ଗରିବ, ରାଜା-ପ୍ରଜା, ସୁଖୀ-ଦୁଃଖୀ ହେଉଛନ୍ତି, କ'ଣ ଏସବୁ

ଗ୍ରହମାନଙ୍କ ଫଳ ନୁହେଁ?

**ଉତ୍ତର –** ନା, ଏସବୁ ପାପ-ପୁଣ୍ୟର ଫଳ।

**ପ୍ରଶ୍ନ –** ତେବେ କ'ଣ ଜ୍ୟୋତିଷ ଶାସ୍ତ୍ର ମିଥ୍ୟା?

**ଉତ୍ତର –** ନା, ସେଥିରେ ଯେଉଁ ଅଙ୍କଗଣିତ, ବୀଜଗଣିତ ଓ ରେଖାଗଣିତ ବିଦ୍ୟା ଅଛି, ସେସବୁ ସତ୍ୟ; କିନ୍ତୁ ଫଳାଫଳର ଯେଉଁ ଲୀଳା ଅଛି, ସେସବୁ ମିଥ୍ୟା।

**ପ୍ରଶ୍ନ –** ତା'ହେଲେ ଏ ଯେଉଁ ଜାତକ ବା ଜନ୍ମପତ୍ର, ସେସବୁ କଣ ନିଷ୍ଫଳ?

**ଉତ୍ତର –** ହଁ। ତାହା 'ଜନ୍ମପତ୍ର' ତ ନୁହେଁ, ବରଂ ତା' ନାମ **'ଶୋକପତ୍ର'** ରଖାଯିବା ଉଚିତ। କାରଣ ସନ୍ତାନଟିଏ ଜନ୍ମ ହେଲେ ପରିବାରରେ ସମସ୍ତଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଏ। କିନ୍ତୁ ସେ ଆନନ୍ଦ ସେତେବେଳ ପର୍ଯ୍ୟନ୍ତ ରହେ, ଯେତେବେଳ ଯାଏ ଜନ୍ମପତ୍ରିକା ତିଆରି ହୋଇ ଗ୍ରହଙ୍କ ଫଳାଫଳ ଶୁଣାଯାଇନି। ଯେତେବେଳେ ପୁରୋହିତ ନବଜାତ ଶିଶୁର ଜାତକ ତିଆରି କରିବା କଥା କହନ୍ତି ସେତେବେଳେ ମାତା-ପିତା ପୁରୋହିତଙ୍କୁ କହନ୍ତି – 'ଗୋସେଇଁ! ଆମ ପିଲା ପାଇଁ ଭଲ ଭାବେ ଜାତକଟିଏ କରିଦେବେ।' ଧନୀଲୋକଙ୍କ ଛୁଆ ହୋଇଥିଲେ ତା' ପାଇଁ ଲାଲ-ହଳଦିଆ ନାନାରଙ୍ଗର ରେଖାରେ ଚିତ୍ର-ବିଚିତ୍ର ହୋଇଥିବା ଲମ୍ବା-ଚଉଡ଼ା ଜାତକ ଓ ଗରିବ ଲୋକର ଛୁଆ ହୋଇଥିଲେ ତା' ପାଇଁ ସାଧାରଣ ଭାବେ ତିଆରି ଚାରି ଧାଡ଼ି ଲେଖାବିଶିଷ୍ଟ ଜାତକ ଧରି ଜ୍ୟୋତିଷୀ ପହଞ୍ଚନ୍ତି ଫଳ ଶୁଣାଇବାକୁ। ଛୁଆର ବାପା-ମାଆ ଜ୍ୟୋତିଷୀଙ୍କୁ ବଡ଼ ଆଗ୍ରହର ସହ ପଚାରନ୍ତି – 'ଆମ ଛୁଆର କୋଷ୍ଠୀଟା ଭଲ ଅଛି ତ?' ଜ୍ୟୋତିଷୀ ଉତ୍ତର ଦିଅନ୍ତି – 'ଯା' ଅଛି ତା' ଶୁଣାଇ ଦଉଛି। ଏହାର ଜନ୍ମଗ୍ରହ ବହୁତ ଭଲ ଓ ମିତ୍ର ଗ୍ରହ ବି ଭଲ। ତା' ଫଳରେ ଇଏ ଧନଶାଳୀ ଓ ପ୍ରତିଷ୍ଠାବାନ୍ ହେବ। ଯେଉଁ ସଭା-ସମିତିରେ ବସିବ, ସମସ୍ତଙ୍କ ଉପରେ ପ୍ରଭାବ ବିସ୍ତାର କରିବ। ଶରୀର ଆରୋଗ୍ୟ ରହିବ ଓ ରାଜମାନ୍ୟପ୍ରାପ୍ତି ବି ହେବ' ଇତ୍ୟାଦି। ଏ ସବୁ କଥା ଶୁଣି ପିତାମାତା ପ୍ରଭୃତି ବଡ଼ ଖୁସି ହୋଇ ଜ୍ୟୋତିଷୀଙ୍କ ବହୁତ ପ୍ରଂଶସା କରନ୍ତି – 'ଗୋସେଇଁ! ଆପଣ ଦିବ୍ୟଦ୍ରଷ୍ଟା'। କିନ୍ତୁ ଜ୍ୟୋତିଷୀ ଜାଣନ୍ତି ଯେ ଏ ପ୍ରଶଂସାରେ ତାଙ୍କର ଅସଲ ଉଦ୍ଦେଶ୍ୟ ସାଧିତ ହେବାର ଅର୍ଥାତ୍ ପକେଟ ବିଶେଷ ଗରମ ହେବାର ସମ୍ଭାବନା ନାହିଁ। ତା'ପାଇଁ ଅନ୍ୟ ଉପାୟ ଅବଲମ୍ବନ ଆବଶ୍ୟକ। ତା' ପରେ ସେ କହନ୍ତି – 'ଏ ଗ୍ରାହମାନେ ତ ଅତି ଉତ୍ତମ, କିନ୍ତୁ ଏମାନେ କ୍ରୂର ଅର୍ଥାତ୍ ଅମୁକ-ଅମୁକ ଗ୍ରହ ଯୋଗରେ ୮ବର୍ଷ ବୟସରେ ଏହାର ମୃତ୍ୟୁ ଯୋଗ ଅଛି।' ଏ କଥା ଶୁଣି ମାତା-ପିତା ଆଦିଙ୍କ ସନ୍ତାନ ଜନ୍ମର ଆନନ୍ଦ ନିମିଷେକରେ ଉଭେଇଯାଏ। ଦୁଃଖସାଗରରେ ମଗ୍ନ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇ ବାପା-ମା ଜ୍ୟୋତିଷୀଙ୍କୁ ପଚାରନ୍ତି – 'ଆଜ୍ଞା! ବର୍ତ୍ତମାନ କ'ଣ କରାଯାଇପାରିବ?' ସେତେବେଳେ ଜ୍ୟୋତିଷୀ କହନ୍ତି – 'ପ୍ରତିକାର ପାଇଁ ବ୍ୟବସ୍ଥା କର।' ଯେତେବେଳେ ପ୍ରତିକାର ପାଇଁ ଉପାୟ କ'ଣ ବୋଲି ଜ୍ୟୋତିଷୀଙ୍କୁ ପ୍ରଶ୍ନ କରନ୍ତି, ସେତେବେଳେ ଥୋପ ଠିକ୍ ଲାଗିଥିବା ଅନୁମାନ କରି ଜ୍ୟୋତିଷୀ କହନ୍ତି – 'ଏୟା-ଏୟା ଦାନ କର, ଗ୍ରହର ମନ୍ତ୍ର ଜପ କରାଅ, ଗ୍ରହଶାନ୍ତି ହୋମ କର, ପ୍ରତିଦିନ ବ୍ରାହ୍ମଣ ଭୋଜନ କରାଅ, ତେବେ ହୁଏତ ଇଏ ଗ୍ରହପୀଡ଼ାରୁ ମୁକ୍ତ ହୋଇପାରେ।' ଜ୍ୟୋତିଷୀ 'ହୋଇପାରେ' ଶବ୍ଦ ପ୍ରୟୋଗ କରିବାର କାରଣ ଏଇଆ ଯେ, ଯଦି ଦୈବାତ୍ ସନ୍ତାନଟି ମରିଯାଏ ତେବେ ସେ କହିବେ ଯେ, 'ମୁଁ କ'ଣ କରିପାରିବି, ଈଶ୍ୱରଙ୍କଠୁ ବଡ଼ କେହି ନାହିଁ। ମୁଁ ବହୁତ ଚେଷ୍ଟା କଲି, ଆଉ ତୁମେ ବି କରେଇଲ, ହେଲେ 'ବିଧିର ବିଧାନ କେ କରିବ ଆନ'? ତା' କର୍ମ ଏତିକି ହିଁ ଥିଲା।' ଆଉ ଯଦି ପିଲାଟି ବଞ୍ଚିଯାଏ,

ତେବେ ସେ କହନ୍ତି – 'ଦେଖ, ଆମ ମନ୍ତ୍ରର କରାମତି ଏବଂ ଦେବତା-ବ୍ରାହ୍ମଣଙ୍କ କେମିତି ଶକ୍ତି ! ତୁମ ସନ୍ତାନ ମରଣ ଦୁଆରୁ ଫେରିଆସିଲା ।'

ଏ ସ୍ଥଳରେ ଏପରି ହେବା ଉଚିତ ଯେ ଏମାନଙ୍କ ଗ୍ରହହୋମ, ମନ୍ତ୍ରଜପ, ପୂଜାପାଠ ଦ୍ୱାରା ଯଦି କିଛି ଫଳ ନ ହୁଏ ତେବେ ଏ ଧୂର୍ତ୍ତମାନଙ୍କଠାରୁ ଦୁଇ-ତିନି ଗୁଣ ଅର୍ଥ ଆଦାୟ କରିବା ଉଚିତ । ଆଉ ଯଦି ସନ୍ତାନଟି ବଞ୍ଚିଯାଏ, ତେବେ ବି ଏପରି ଟଙ୍କା ଅସୁଲ କରିବା ଉଚିତ । କାରଣ ଜ୍ୟୋତିଷୀମାନେ ତ କହିଥିଲେ ଯେ – 'ବ୍ୟକ୍ତିର କର୍ମ ଓ ପରମେଶ୍ୱରଙ୍କ ବ୍ୟବସ୍ଥାକୁ ଅନ୍ୟଥା କରିବାର ସାମର୍ଥ୍ୟ କାହାର ନାହିଁ ।' ତେଣୁ ସନ୍ତାନର ମାଆ-ବାପା ବି ତାଙ୍କୁ ସେମିତି କହିବା ଉଚିତ – 'ଆମ ସନ୍ତାନ ନିଜ କର୍ମ ଓ ପରମେଶ୍ୱରଙ୍କ ନିୟମ ଅନୁସାରେ ବଞ୍ଚିରହିଛି, ତୁମ କର୍ମ ଯୋଗୁଁ ନୁହେଁ ।' ତୃତୀୟରେ ସେହିପରି କାନଫୁଙ୍କା ଗୁରୁ ଆଦି ବି ସ୍ୱାର୍ଥବଶତଃ ଗୃହସ୍ଥମାନଙ୍କୁ ଅନେକ ପ୍ରକାର ଦାନ-ପୁଣ୍ୟ କରିବାର ଉପଦେଶ ଦେଇ ନିଜେ ସେ ଦାନ ଗ୍ରହଣ କରି ମାଲାମାଲ୍ ହୋଇଥାନ୍ତି । ତେଣୁ ସେମାନଙ୍କୁ ବି ସେଭଳି ଉତ୍ତର ଦେବା ଉଚିତ, ଯେପରି ଜ୍ୟୋତିଷୀଙ୍କୁ ଦେଇଥିଲେ ।

ବର୍ତ୍ତମାନ ବିଚାର କରିବା ଶୀତଳା ଏବଂ ମନ୍ତ୍ର-ଯନ୍ତ୍ର-ତନ୍ତ୍ର ଆଦି କଥା । ଏସବୁ ବି ଏମିତି ହିଁ ପାଖଣ୍ଡର ପସରା । କେହି କହିଥାନ୍ତି – 'ଆମେ ମନ୍ତ୍ରରେ ସିଦ୍ଧ କରି ଯେଉଁ ଡେଉଁରିଆ, କବଚ, ଯନ୍ତ୍ର, ତାବିଜ ଆଦି ତିଆରି କରିଥାଉ, ତାକୁ ଧାରଣ କଲେ ସେ ମନ୍ତ୍ର-ଯନ୍ତ୍ରର ପ୍ରଭାବ ବଳରେ ତା'ର ଅଧିଷ୍ଠାତା ଦେବତା, ପୀର ଆଦି ସେ ଧାରଣକାରୀ ଉପରେ କୌଣସି ବାଧା-ବିଘ୍ନ, ଆପଦ-ବିପଦ ପଡ଼ିବାକୁ ଦିଅନ୍ତି ନାହିଁ ।' ସେମାନଙ୍କୁ ପଚାରିବା ଉଚିତ – 'କ'ଣ ତୁମେ ପରମେଶ୍ୱରଙ୍କ ନିୟମ, ମୃତ୍ୟୁ ଓ କର୍ମଫଳରୁ ବି କାହାକୁ ରକ୍ଷା କରିପାରିବ ? ତୁମର ଏ ମନ୍ତ୍ର-ଯନ୍ତ୍ର, ଡେଉଁରିଆ-କବଚ ଧାରଣ କରି ବି ତ କେତେ ପିଲା ମରିଯାଇଛନ୍ତି । ଅନ୍ୟ ଘର କଥା ଛାଡ଼, ତୁମ ପରିବାରରେ କ'ଣ କୌଣସି ଛୁଆ କେବେ ମରିନାହାନ୍ତି ? ତୁମ ଛୁଆକୁ ତୁମେ କେମିତି ରକ୍ଷା କରିପାରିଲନି ? ଆଚ୍ଛା, ପିଲା କଥା ତେଣିକି ଥାଉ, ତୁମେ ନିଜେ କ'ଣ ମୃତ୍ୟୁ ମୁଖରୁ ରକ୍ଷା ପାଇଯାଇପାରିବ ?' ସେତେବେଳେ ସେମାନଙ୍କ ପାଖରେ ଆଉ କିଛି ନ ଥାଏ ଉତ୍ତର ଦେବାକୁ ଏବଂ ସେ ଧୂର୍ତ୍ତଦଳ ଜାଣିପାରନ୍ତି ଯେ ଏଇଠି ଆମ ଚାଲବାଜି ଚଳିବ ନାହିଁ । ତେଣୁ ଚୁପ୍‌ଚାପ୍ ପୃଷ୍ଠଭଙ୍ଗ ଦେବା ହିଁ ଶ୍ରେୟଷ୍କର ପନ୍ଥା ମନେକରି ତାକୁଇ ଅବଲମ୍ବନ କରନ୍ତି ।

**ଅତଏବ ଏସବୁ ମିଥ୍ୟା ବ୍ୟବହାର ପରିତ୍ୟାଗ କରି ଧାର୍ମିକ, ସର୍ବୋପକାରୀ, ନିଷ୍କପଟ ଭାବେ ସମସ୍ତଙ୍କୁ ବିଦ୍ୟାଦାତା, ଉତ୍ତମ ବିଦ୍ୱାନଙ୍କ ପ୍ରତ୍ୟୁପକାର କରିବା ଉଚିତ, ଯେପରିକି ସେମାନେ ଜଗତର ଉପକାର କରନ୍ତି । ତଥା ଏପରି କାର୍ଯ୍ୟ କେବେ ବି ଛାଡ଼ିବା ଅନୁଚିତ ।** ଆଉ ଯେଉଁମାନେ ରସାୟନ, ମାରଣ, ମୋହନ, ଉଚ୍ଚାଟନ,ବଶୀକରଣ ଆଦି ବିଷୟରେ ବିଚିତ୍ର ଲୀଳାସବୁ ବର୍ଣ୍ଣନା କରନ୍ତି ସେମାନଙ୍କୁ ମହାପାମର ବୋଲି ବୁଝିବା ଉଚିତ । ଏ ସବୁ ମିଥ୍ୟା କଥାର ବାସ୍ତବିକତା ବିଷୟରେ ବାଲ୍ୟାବସ୍ଥାରୁ ହିଁ ସନ୍ତାନମାନଙ୍କୁ ବୁଝାଇ ସେମାନଙ୍କ ହୃଦୟରେ ଦୃଢ଼ ସଂସ୍କାର ପକେଇ ଦେବା ଦରକାର, ଯଦ୍ଦ୍ୱାରା ସେମାନେ କାହାର ବି ମାୟାଜାଲରେ ପଡ଼ି ଦୁଃଖ ନ ପାଇବେ ।

ପୁନଶ୍ଚ ବୀର୍ଯ୍ୟର ସୁରକ୍ଷା ଦ୍ୱାରା ଆନନ୍ଦ ଲାଭ ହୁଏ ଏବଂ ବୀର୍ଯ୍ୟନାଶ କଲେ ଦୁଃଖ ମିଳେ, ଏ କଥା ବି ସନ୍ତାନଙ୍କୁ ଜଣାଇ ଦେବେ । କହିବେ– "ଦେଖ ! ଯାହାର ଶରୀରରେ ବୀର୍ଯ୍ୟ ସୁରକ୍ଷିତ ରହେ, ତା'ର ଆରୋଗ୍ୟ, ବୁଦ୍ଧି, ବଳ, ପରାକ୍ରମ ଇତ୍ୟାଦି ବୃଦ୍ଧି ପାଇ ତାକୁ ବହୁତ ସୁଖ ପ୍ରାପ୍ତ ହୁଏ । ବୀର୍ଯ୍ୟ ରକ୍ଷାର ଉପାୟ ହେଲା –

ଅଶାଳୀନ ପୁସ୍ତକ ପଠନ, ବିଷୟ-ଭୋଗ ଆଲୋଚନା, ଅସଂଯମୀ-ଦୁଶ୍ଚରିତ୍ରଙ୍କ ସଙ୍ଗ, ବିଷୟ-ବାସନାର ଚିନ୍ତନ ତଥା ସ୍ତ୍ରୀଲୋକ ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ଓ ଏକାନ୍ତ ସେବନ ଆଦି କର୍ମରୁ ବ୍ରହ୍ମଚାରୀମାନେ ଦୂରରେ ରହି ଉତ୍ତମ ଶିକ୍ଷା ଓ ପୂର୍ଣ୍ଣ ବିଦ୍ୟା ପ୍ରାପ୍ତି ପାଇଁ ସଦା ଯତ୍ନବାନ୍ ହେବା। ବ୍ରହ୍ମଚାରୀମାନେ ଏପରି କରିଥାନ୍ତି, ତୁମେ ବି ସେପରି ରହି ଉତ୍ତମ ଶିକ୍ଷା ଓ ପୂର୍ଣ୍ଣ ବିଦ୍ୟା ପ୍ରାପ୍ତ କର। ଯାହାର ଶରୀର ବୀର୍ଯ୍ୟହୀନ ସେ ନପୁଂସକ ଓ ମହା କୁଲକ୍ଷଣ ଯୁକ୍ତ ହୁଏ, ଏବଂ ତାହାକୁ ପ୍ରମେହ ରୋଗ ବି ହୁଏ। ସେ ଦୁର୍ବଳ, ନିସ୍ତେଜ, ବୁଦ୍ଧିହୀନ ତଥା ଉତ୍ସାହ, ସାହସ, ଧୈର୍ଯ୍ୟ, ବଳ, ପରାକ୍ରମ ଆଦି ଗୁଣରୁ ରହିତ ହୋଇ ମହାନ୍ ବିନାଶକୁ ପ୍ରାପ୍ତ ହୋଇଯାଏ। ବିଦ୍ୟା ଅର୍ଜନ ଓ ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ଜୀବନର ପ୍ରଥମ ଭାଗ ହିଁ ଅତ୍ୟନ୍ତ ଉପଯୁକ୍ତ ସମୟ। ଯଦି ତୁମେ ସୁ-ଶିକ୍ଷା ଓ ବିଦ୍ୟା ଅର୍ଜନ ଏବଂ ବୀର୍ଯ୍ୟ ରକ୍ଷା କରିବାରେ ଏ ସମୟରେ ଯତ୍ନବାନ୍ ନ ହେବ, ତେବେ ଏ ଜନ୍ମରେ ତୁମକୁ ଏହି ଅମୂଲ୍ୟ ସମୟ ଆଉ ମିଳିବ ନାହିଁ। ଯେତେଦିନ ଯାଏ ଆମେ ଘର-ସଂସାର ଦାୟିତ୍ୱ ବୁଝୁଥିବା ଲୋକ ବଞ୍ଚୁଛୁ ସେତେଦିନ ପର୍ଯ୍ୟନ୍ତ ବିଦ୍ୟା ଅର୍ଜନ ଓ ଶାରୀରିକ ବଳ ବୃଦ୍ଧି କରିବା ନିମନ୍ତେ ତତ୍ପର ରହିବା ତୁମ କର୍ତ୍ତବ୍ୟ।"

ଏହିପରି ଅନ୍ୟାନ୍ୟ ଶିକ୍ଷା ବି ମାତା-ପିତା ସନ୍ତାନମାନଙ୍କୁ ଦେବେ। ଏଇଥି ପାଇଁ **'ମାତୃମାନ୍ ପିତୃମାନ୍'** ଶବ୍ଦ ଶାସ୍ତ୍ରରେ ଉଲ୍ଲେଖ ଅଛି। ଅର୍ଥାତ୍ ଜନ୍ମଠାରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ମାତା ଓ ୬ ରୁ ୮ବର୍ଷ ବୟସ ପର୍ଯ୍ୟନ୍ତ ପିତା ସନ୍ତାନକୁ ଶିକ୍ଷା ଦେବେ। ୯ମ ବର୍ଷ ଆରମ୍ଭରେ ଦ୍ୱିଜମାନେ ନିଜ ସନ୍ତାନଙ୍କ ଉପନୟନ କରି ଆଚାର୍ଯ୍ୟକୁଳକୁ ଅର୍ଥାତ୍ ଯେଉଁଠାରେ ପୂର୍ଣ୍ଣ ବିଦ୍ୱାନ୍ ପୁରୁଷ ଓ ପୂର୍ଣ୍ଣ ବିଦୁଷୀ ସ୍ତ୍ରୀମାନେ ଶିକ୍ଷା ଓ ବିଦ୍ୟା ଦାନ କରୁଥିବେ ସେଠାକୁ ପୁତ୍ର-କନ୍ୟାଙ୍କୁ ପଠାଇଦେବେ। ଶୂଦ୍ରାଦି ବର୍ଣ୍ଣ ସନ୍ତାନଙ୍କ ଉପନୟନ ନ କରି ବିଦ୍ୟାଭ୍ୟାସ ପାଇଁ ଗୁରୁକୁଳକୁ ପଠାଇବେ।

ଅଧ୍ୟାପନା ସମୟରେ ଯେଉଁମାନେ ସନ୍ତାନମାନଙ୍କୁ ଲାଳନ ନ କରି ତାଡ଼ନ କରନ୍ତି, ସେମାନଙ୍କ ସନ୍ତାନଗଣ ସଭ୍ୟ, ଶିକ୍ଷିତ ଓ ବିଦ୍ୱାନ୍ ହୋଇଥାନ୍ତି। ଏ ସମ୍ବନ୍ଧରେ ବ୍ୟାକରଣ 'ମହାଭାଷ୍ୟ'ରେ କୁହାଯାଇଛି —

**ସାମୃତୈଃ ପାଣିଭିର୍ଘ୍ନନ୍ତି ଗୁରବୋ ନ ବିଷୋକ୍ଷିତୈଃ ।**
**ଲାଳନାଶ୍ରୟିଣୋ ଦୋଷାସ୍ତାଡ଼ନାଶ୍ରୟିଣୋ ଗୁଣାଃ ॥** (ମହାଭାଷ୍ୟ. ୮:୧:୮)

ଯେଉଁ ମାତା-ପିତା ଓ ଆଚାର୍ଯ୍ୟ ନିଜର ସନ୍ତାନ ଓ ଶିଷ୍ୟମାନଙ୍କୁ ତାଡ଼ନ କରନ୍ତି, ବୁଝିବାକୁ ହେବ ଯେ ସେମାନେ ସ୍ୱୀୟ ସନ୍ତାନ ଓ ଶିଷ୍ୟଙ୍କୁ ସ୍ୱହସ୍ତରେ ଅମୃତ ପାନ କରାଉଛନ୍ତି। ଆଉ ଯେଉଁମାନେ ସନ୍ତାନ ବା ଶିଷ୍ୟମାନଙ୍କୁ ଲାଳନ କରନ୍ତି, ସେମାନେ ନିଜ ସନ୍ତାନ ଓ ଶିଷ୍ୟଙ୍କୁ ବିଷ ପିଆଇ ନାଶ କରିଦିଅନ୍ତି। କାରଣ ଲାଳନ ଦ୍ୱାରା ସନ୍ତାନ ଓ ଶିଷ୍ୟ ଦୋଷଯୁକ୍ତ ଏବଂ ତାଡ଼ନ ଦ୍ୱାରା ଗୁଣଯୁକ୍ତ ହୁଅନ୍ତି। ତା' ସହ ସନ୍ତାନ ଓ ଶିଷ୍ୟଗଣଙ୍କ କର୍ତ୍ତବ୍ୟ ଯେ ସେମାନେ ସର୍ବଦା ତାଡ଼ନାରେ ପ୍ରସନ୍ନ ଓ ଲାଳନରେ ଅପ୍ରସନ୍ନ ରହିବେ। କିନ୍ତୁ **ଏଠାରେ ଧ୍ୟାନରଖିବା ଉଚିତ ଯେ ମାତା-ପିତା ଓ ଶିକ୍ଷକମାନେ କଦାପି ଈର୍ଷ୍ୟା-ଦ୍ୱେଷ ବଶତଃ ତାଡ଼ନା କରିବେ ନାହିଁ। ବାହାରେ ଯଦିଓ ଭୟ ପ୍ରଦର୍ଶନ କରୁଥିବେ, ଅନ୍ତରରେ କିନ୍ତୁ ସର୍ବଦା କୃପାଦୃଷ୍ଟି ରଖିଥିବେ।**

ମାତା, ପିତା ଓ ଆଚାର୍ଯ୍ୟ ଅନ୍ୟାନ୍ୟ ଶିକ୍ଷା ଦେଲା ପରି ଚୋରି, ବ୍ୟଭିଚାର, ଆଳସ୍ୟ, ପ୍ରମାଦ, ମାଦକ ଦ୍ରବ୍ୟ ସେବନ, ମିଥ୍ୟାଭାଷଣ, ହିଂସା, କ୍ରୂରତା, ଈର୍ଷ୍ୟା, ଦ୍ୱେଷ, ମୋହ ଇତ୍ୟାଦି ଦୋଷ ଛାଡ଼ିବା ଓ ସଦାଚାର ଗ୍ରହଣ କରିବା ବିଷୟକ ଶିକ୍ଷା ବି ଦେବେ। କାରଣ ଯେଉଁ ବ୍ୟକ୍ତି କାହା ଆଗରେ ଜୀବନରେ ଥରେ ବି ଚୋରି, ଅସଦାଚରଣ ଓ ମିଥ୍ୟାଭାଷଣ ଆଦି କର୍ମ କରେ, ସେହି ବ୍ୟକ୍ତି ତା' ନିକଟରେ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଷ୍ଠା ଲାଭ କରିପାରେ ନାହିଁ। **କଥା**

**ଦେଇ ରଖୁ ନଥିବା ବ୍ୟକ୍ତିର ଯେପରି ହାନି ହୋଇଥାଏ, ସେପରି ଅନ୍ୟର ହୁଏ ନାହିଁ। ଏଣୁ ଯାହାକୁ ଯାହା ପ୍ରତିଶ୍ରୁତି ଦେବ ତାକୁ ସେଭଳି ନିଶ୍ଚୟ ପୂର୍ଣ୍ଣ କରିବା ଆବଶ୍ୟକ।** ଅର୍ଥାତ୍ ଯଦି କେହି କାହାକୁ କହେ – 'ମୁଁ ତୁମକୁ ଏତେଟା ସମୟରେ ସାକ୍ଷାତ୍ କରିବି ବା ତୁମେ ମୋତେ ଏତେଟା ସମୟରେ ଦେଖାକର କିମ୍ବା ଅମୁକ ବସ୍ତୁ ଅମୁକ ସମୟରେ ମୁଁ ତୁମକୁ ଦେବି' ଇତ୍ୟାଦି, ତେବେ ଏସବୁକୁ କହିବା ଅନୁସାରେ ହିଁ ପୂର୍ଣ୍ଣ କରିବା ଉଚିତ। ନଚେତ୍ କେହି ତାକୁ ବିଶ୍ୱାସ କରିବେ ନାହିଁ। ଏଣୁ ସମସ୍ତେ ସଦା ସତ୍ୟଭାଷଣ କରିବା ଉଚିତ ଏବଂ ସତ୍ୟପ୍ରତିଜ୍ଞାଯୁକ୍ତ ହେବା ଅର୍ଥାତ୍ ପ୍ରତିଶ୍ରୁତିକୁ ଠିକ୍-ଠିକ୍ ପାଳନ କରିବା ଆବଶ୍ୟକ।

ଅଭିମାନ କରିବା ଉଚିତ ନୁହେଁ। କାରଣ **'ଅଭିମାନଃ ଶ୍ରିୟଂ ହନ୍ତି'** (ବିଦୁର ନୀତି) – ଅଭିମାନ ବା ଅହଂକାର ସମସ୍ତ ଶୋଭା ଓ ଲକ୍ଷ୍ମୀକୁ ନାଶ କରିଦିଏ। ଛଳ-କପଟ ଓ କୃତଘ୍ନତାଠୁ ସଦା ଦୂରରେ ରହିବା ଆବଶ୍ୟକ। କେହି ଆମ ସହ ଛଳ-କପଟ ବା କୃତଘ୍ନତା କଲେ ଆମ ହୃଦୟ ଯେତେବେଳେ ଦୁଃଖୀ ହୋଇଯାଏ, ସେତେବେଳେ ଆମେ ଏପରି କଲେ ଅନ୍ୟକୁ କେତେ ଦୁଃଖ ହେଉ ନ ଥିବ? **'ଛଳ'** ଓ **'କପଟ'**ର ଅର୍ଥ ହେଲା ଭିତରେ ଗୋଟିଏ ପ୍ରକାର ଭାବନା ଓ ବାହାରେ ଆଉ ଗୋଟିଏ ପ୍ରକାର ଆଚରଣ କରି ଅନ୍ୟକୁ ଭ୍ରମରେ ପକାଇ ଓ ଅନ୍ୟର ହାନିକୁ ଚିନ୍ତା ନ କରି ନିଜ ସ୍ୱାର୍ଥ ସିଦ୍ଧ କରିବା। କେହି ଆମ ପ୍ରତି କରିଥିବା ଉପକାରକୁ ନ ମାନିବାକୁ **'କୃତଘ୍ନତା'** କୁହାଯାଏ। କ୍ରୋଧାଦି ଦୋଷ ଛାଡ଼ି ଶାନ୍ତ ରହିବ ଓ କଟୁ ବଚନ ତ୍ୟାଗ କରି ମଧୁର ବଚନ କହିବ। ଅନାବଶ୍ୟକ ଅଧିକ କଥା କହିବ ନାହିଁ। ଯେତିକି କହିବା ଦରକାର ତା'ଠୁ କମ୍ କହିବ ନାହିଁ କି ବେଶି କହିବ ନାହିଁ। ଗୁରୁଜନଙ୍କୁ ସମ୍ମାନ ଦେବ। ସେମାନେ ଆସିବା ସମୟରେ ବସିଥିଲେ ଉଠିଯାଇ ପ୍ରଥମେ 'ନମସ୍ତେ' କହିବ। ସେମାନଙ୍କୁ ଉଚ୍ଚ ଆସନରେ ବସାଇବ। ସେମାନଙ୍କ ଆଗରେ ତାଙ୍କଠୁ ଉତ୍ତମ ଆସନରେ ବସିବ ନାହିଁ। ସଭାରେ ସେପରି ଆସନ ଗ୍ରହଣ କରିବ, ଯେଉଁଥି ପାଇଁ ନିଜ ଯୋଗ୍ୟତା ଥିବ ଓ କେହି ଉଠାଇ ଦେବାର ଭୟ ନ ଥିବ। କାହାକୁ ଦ୍ୱେଷ-ବିରୋଧ କରିବ ନାହିଁ। **ପ୍ରସନ୍ନ ରହି ଗୁଣ ଗ୍ରହଣ ଓ ଦୋଷ ତ୍ୟାଗ ପାଇଁ ଯତ୍ନବାନ୍ ହେବ। ସଜ୍ଜନଙ୍କ ସଙ୍ଗ କରିବ ଓ କୁସଙ୍ଗରୁ ଦୂରେଇ ରହିବ। କାୟ-ମନୋ-ବାକ୍ୟରେ ପ୍ରୀତିପୂର୍ବକ ମାତା, ପିତା ଓ ଆଚାର୍ଯ୍ୟଙ୍କ ସେବା କରିବ।**

**ୟାନ୍ୟସ୍ମାକଂ ସୁଚରିତାନି ତାନି ତ୍ୱୟୋପାସ୍ୟାନି ନୋ ଇତରାଣି ॥** (ତୈତ୍ତି. ଉପ. ୧:୧୧)

ଏହାର ଅଭିପ୍ରାୟ ହେଲା ଯେ ମାତା, ପିତା ଓ ଆଚାର୍ଯ୍ୟ ନିଜ ସନ୍ତାନ ଓ ଶିଷ୍ୟମାନଙ୍କୁ ସଦା ସତ୍ୟ ଉପଦେଶ ଦେବେ ଏବଂ ଏକଥା ବି କହିବେ ଯେ 'ଆମର ଯାହା-ଯାହା ଧର୍ମାନୁକୂଳ କର୍ମ, ସେସବୁକୁ ଗ୍ରହଣ କର ଏବଂ ଯାହା-ଯାହା ଖରାପ କର୍ମ ସେସବୁକୁ ତ୍ୟାଗ କରିଦିଅ। ଯାହା-ଯାହା ସତ୍ୟ ବୋଲି ଜାଣିବ ସେସବୁକୁ ପ୍ରକାଶ ଓ ପ୍ରଚାର କରିବ। କୌଣସି ପାଖଣ୍ଡି, ଦୁରାଚାରୀକୁ ବିଶ୍ୱାସ କରିବ ନାହିଁ। ଯେଉଁ-ଯେଉଁ ଉତ୍ତମ କର୍ମ କରିବାକୁ ମାତା, ପିତା ଓ ଆଚାର୍ଯ୍ୟ ଆଜ୍ଞା ଦେବେ ସେସବୁକୁ ପାଳନ କରିବ। ମାତା-ପିତା ଧର୍ମ, ବିଦ୍ୟା, ସଦାଚାର ସମ୍ବନ୍ଧୀୟ ଯେଉଁସବୁ ଶ୍ଳୋକ, 'ନିଘଣ୍ଟୁ', 'ନିରୁକ୍ତ', 'ଅଷ୍ଟାଧ୍ୟାୟୀ' କିମ୍ବା ଅନ୍ୟ ଗ୍ରନ୍ଥର ସୂତ୍ର ଅଥବା ବେଦମନ୍ତ୍ର କଣ୍ଠସ୍ଥ କରାଇଥାନ୍ତି, ଆଚାର୍ଯ୍ୟ ସେସବୁର ଅର୍ଥ ବିଦ୍ୟାର୍ଥୀଙ୍କୁ ପୁନଃ-ପୁନଃ ଜଣାଇବେ। ପ୍ରଥମ ସମୁଲ୍ଲାସରେ ପରମେଶ୍ୱରଙ୍କ ନାମ ମାଧ୍ୟମରେ ତାଙ୍କ ସ୍ୱରୂପର ଯେପରି ବର୍ଣ୍ଣନା କରାଯାଇଛି, ଈଶ୍ୱରଙ୍କୁ ସେପରି ମାନି ତାଙ୍କ ଉପାସନା କରିବେ। ଯେପରି କରିବା ଦ୍ୱାରା ଆରୋଗ୍ୟ, ବିଦ୍ୟା ଓ ବଳ ପ୍ରାପ୍ତ ହେବ, ସେପରି ଭୋଜନ, ଆଚ୍ଛାଦନ ଓ ବ୍ୟବହାର କରିବ ଓ କରାଇବ। ଅର୍ଥାତ୍ ଯେତିକି ଭୋକ ଥିବ ତା'ଠୁ କିଛି କମ୍ ଖାଇବ। ମଦ୍ୟ, ମାଂସାଦି ପଦାର୍ଥ ସେବନ କରିବ ନାହିଁ। ଅଜ୍ଞାତ

ଗଭୀର ଜଳରେ ପ୍ରବେଶ କରିବ ନାହିଁ। କାରଣ ଜଳଜନ୍ତୁ ବା ଅନ୍ୟ କୌଣସି ପଦାର୍ଥଠାରୁ ଦୁଃଖ ମିଳିପାରେ ଅଥବା ପହଁରା ଜାଣିନଥିଲେ ବୁଡ଼ିଯିବାର ସମ୍ଭାବନା ଥାଏ। ଏଣୁ ମହର୍ଷି ମନୁ କହନ୍ତି – **'ନାବିଜ୍ଞାତେ ଜଳାଶୟେ'** (ମନୁ. ୪:୧୨୯) – ଅଜ୍ଞାତ ଜଳାଶୟରେ ପଶି ସ୍ନାନାଦି କରିବ ନାହିଁ।

**ଦୃଷ୍ଟିପୂତଂ ନ୍ୟସେତ୍‌ପାଦଂ ବସ୍ତ୍ରପୂତଂ ଜଳଂ ପିବେତ୍।**
**ସତ୍ୟପୂତାଂ ବଦେଦ୍‌ବାଚଂ ମନଃପୂତଂ ସମାଚରେତ୍॥** (ମନୁ. ୬:୪୬)

ତଳକୁ ଦୃଷ୍ଟି ପକାଇ ଉଚ୍ଚ-ନୀଚ ସ୍ଥାନ ଦେଖି ଚାଲିବ, ବସ୍ତ୍ରରେ ଛାଣି ପାଣି ପିଇବ, ସତ୍ୟରେ ପବିତ୍ର କରି କଥା କହିବ, ମନରେ ପ୍ରଥମେ ବିଚାର କରିବା ପରେ କାର୍ଯ୍ୟ କରିବ।

**ମାତା ଶତ୍ରୁଃ ପିତା ବୈରୀ ୟେନ ବାଲୋ ନ ପାଠିତଃ।**
**ନ ଶୋଭତେ ସଭାମଧ୍ୟେ ହଂସମଧ୍ୟେ ବକୋ ୟଥା॥** (ଚାଣକ୍ୟ. ୨:୧୧)

ଯେଉଁ ମାତା-ପିତା ସ୍ୱ ସନ୍ତାନମାନଙ୍କୁ ବିଦ୍ୟା ପ୍ରାପ୍ତି କରାନ୍ତି ନାହିଁ, ସେମାନେ ନିଜ ସନ୍ତାନଙ୍କ ପରମ ଶତ୍ରୁ। ସେ ବିଦ୍ୟାହୀନ ସନ୍ତାନଗଣ ବିଦ୍ୱାନଙ୍କ ସଭାରେ ହଂସଙ୍କ ମଧ୍ୟରେ ବଗ ଭଳି ଅଶୋଭିତ ଓ ତିରସ୍କୃତ ହୋଇଥାନ୍ତି।

**ଅତଏବ ତନୁ, ମନ, ଧନର ଉପଯୋଗ କରି ନିଜ ସନ୍ତାନମାନଙ୍କୁ ବିଦ୍ୱାନ୍, ଧାର୍ମିକ, ସଭ୍ୟ ଓ ସୁଶିକ୍ଷିତ କରିବା ପିତାମାତାଙ୍କର କର୍ତ୍ତବ୍ୟ କର୍ମ, ପରମଧର୍ମ ଓ ଯଶସ୍କର କାର୍ଯ୍ୟ।** ସନ୍ତାନମାନଙ୍କ ଶିକ୍ଷା ବିଷୟରେ ଏଠାରେ ସାମାନ୍ୟ କିଛି ଲେଖାଗଲା। ବୁଦ୍ଧିମାନ୍ ଲୋକେ ଏତିକିରୁ ବି ବହୁତ କିଛି ବୁଝିପାରିବେ।

**ଇତି ଶ୍ରୀମଦ୍‌ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ**
**ସୁଭାଷାବିଭୂଷିତେ ବାଲଶିକ୍ଷାବିଷୟେ**
**ଦ୍ୱିତୀୟଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥୨॥**

ଭାଷାନ୍ତର
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❖❖❖

## କୋରାପୁଟ ଜିଲ୍ଲା

| | | | |
|---|---|---|---|
| ୦୧ | ଶ୍ରୀମାନ୍ ଅଭିମନ୍ୟୁ ମହାରଣା | ୦୭ | ଶ୍ରୀମାନ୍ ନିରଞ୍ଜନ ପଣ୍ଡା |
| ୦୨ | ଶ୍ରୀମାନ୍ ଅନାମ ଚରଣ ନାୟକ | ୦୮ | ଶ୍ରୀମାନ୍ ପ୍ରକାଶ ଚନ୍ଦ୍ର ନାୟକ |
| ୦୩ | ଶ୍ରୀମତୀ ଚନ୍ଦନ କୁମାର ସାହୁ | ୦୯ | ଶ୍ରୀମତୀ ସି.କେ ଗଣେଶ |
| ୦୪ | ଶ୍ରୀମାନ୍ ତ୍ରିନାଥ ଷଡ଼ଙ୍ଗୀ | ୧୦ | ଶ୍ରୀମାନ୍ ଗୁପ୍ତ ନାୟକ |
| ୦୫ | ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | ୧୧ | ଶ୍ରୀମାନ୍ ଜଗଦୀଶ ମହାନ୍ତି |
| ୦୬ | ଶ୍ରୀମତୀ ମମତାମଞ୍ଜରୀ ମହାରଣା | ୧୨ | ଶ୍ରୀମାନ୍ କେ. ନାରାୟଣ ସ୍ୱାମୀ |

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି। ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧ | ଗଞ୍ଜାମ | ୧୩୪ | ୨୫୦ | ୩୮୪ | ୧୭ | ନୟାଗଡ଼ | ୦୯ | ୨୭ | ୩୬ |
| ୦୨ | ଖୋର୍ଦ୍ଧା | ୭୮ | ୧୫୦ | ୨୨୮ | ୧୮ | କନ୍ଧମାଳ | ୦୬ | ୩୫ | ୪୧ |
| ୦୩ | ବରଗଡ଼ | ୬୫ | ୧୧୬ | ୧୮୧ | ୧୯ | ଜଗତସିଂହପୁର | ୦୫ | ୩୪ | ୩୯ |
| ୦୪ | ସୁନ୍ଦରଗଡ଼ | ୫୯ | ୨୬୨ | ୩୨୧ | ୨୦ | ବୌଦ୍ଧ | ୦୫ | ୩୨ | ୩୭ |
| ୦୫ | କଟକ | ୪୪ | ୭୯ | ୧୪୦ | ୨୧ | କଳାହାଣ୍ଡି | ୦୪ | ୦୮ | ୧୨ |
| ୦୬ | କୋରାପୁଟ | ୩୯ | ୬୯ | ୧୦୮ | ୨୨ | ଗଜପତି | ୦୪ | ୦୫ | ୦୯ |
| ୦୭ | ବଲାଙ୍ଗିର | ୩୧ | ୮୮ | ୧୧୯ | ୨୩ | ଢେଙ୍କାନାଳ | ୦୩ | ୦୬ | ୦୯ |
| ୦୮ | ରାୟଗଡ଼ା | ୩୧ | ୫୦ | ୮୧ | ୨୪ | ଯାଜପୁର | ୦୨ | ୩୦ | ୩୨ |
| ୦୯ | ବାଲେଶ୍ୱର | ୨୨ | ୧୫ | ୩୭ | ୨୫ | କେନ୍ଦ୍ରାପଡ଼ା | ୦୨ | ୦୯ | ୧୧ |
| ୧୦ | ସୁବର୍ଣ୍ଣପୁର | ୧୫ | ୪୦ | ୫୫ | ୨୬ | କେନ୍ଦୁଝର | ୦୨ | ୦୬ | ୦୮ |
| ୧୧ | ପୁରୀ | ୧୪ | ୧୯ | ୩୩ | ୨୭ | ଝାରସୁଗୁଡ଼ା | ୦୨ | ୦୪ | ୦୬ |
| ୧୨ | ଭଦ୍ରକ | ୧୪ | ୧୨ | ୨୬ | ୨୮ | ନୂଆପଡ଼ା | ୦୧ | ୦୩ | ୦୪ |
| ୧୩ | ମାଲକାନଗିରି | ୧୩ | ୩୩ | ୪୬ | ୨୯ | ଦେବଗଡ଼ | ୦ | ୧୦ | ୧୦ |
| ୧୪ | ମୟୂରଭଞ୍ଜ | ୧୦ | ୩୫ | ୪୫ | ୩୦ | ନବରଙ୍ଗପୁର | ୦ | ୦୪ | ୦୪ |
| ୧୫ | ଅନୁଗୁଳ | ୧୦ | ୨୭ | ୩୭ | ୩୧ | ଅନ୍ୟାନ୍ୟ | ୨୧ | ୧୭ | ୩୮ |
| ୧୬ | ସମ୍ବଲପୁର | ୦୯ | ୫୯ | ୬୮ | | **ମୋଟ** | **୬୫୪** | **୧୫୫୦** | **୨୨୦୪** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି। ଆମେ ସମସ୍ତ

ସହଯୋଗୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ ତଥା ପ୍ରତ୍ୟେକ ସଦସ୍ୟଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ପ୍ରତ୍ୟେକେ ବେଦ-ପ୍ରଚାର କାର୍ଯ୍ୟକ୍ରମର ଏହି ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ଈଶ୍ୱରୀୟ କାର୍ଯ୍ୟର ଏକ ଦିବ୍ୟ ସୈନିକ ରୂପେ ନିଜକୁ ବିବେଚନା କରି ନିଜେ ଆଜୀବନ ସଦସ୍ୟ ହେବା ସହ ଅନ୍ୟୂନ ଆଉ ୨/୩ଟି ଆଜୀବନ ସଦସ୍ୟ କରିବା ପାଇଁ ପ୍ରଚେଷ୍ଟା କରନ୍ତୁ, ଯଦ୍ୱାରା ପତ୍ରିକାଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ନ ହୋଇ ନିର୍ବାଧ ରୂପେ ପ୍ରକାଶିତ ହୋଇଚାଲିବ ଏବଂ ଈଶ୍ୱରୀୟ ଜ୍ଞାନର ପବିତ୍ର ମନ୍ଦାକିନୀରେ ନିରନ୍ତର ଅବଗାହନ କରି ଅଶାନ୍ତିର ଜ୍ୱାଳାରେ ସନ୍ତପ୍ତ ସାମ୍ପ୍ରତିକ ସମାଜ ଦିବ୍ୟ ଶାନ୍ତି ଲାଭ କରିପାରିବ। ବେଦପ୍ରଚାରର ଏହି ଦିବ୍ୟ କାର୍ଯ୍ୟରେ ନିଜର ସହଯୋଗ ପ୍ରଦାନ କରିବା ପ୍ରତ୍ୟେକ ବ୍ୟକ୍ତି ପରମାତ୍ମାଙ୍କ ଅମୃତ ଆଶିଷ ଲାଭର ଅଧିକାରୀ ଅବଶ୍ୟ ହୋଇପାରିବେ। ବର୍ତ୍ତମାନ ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

## ଖୋର୍ଦ୍ଧା ଜିଲ୍ଲା

| | | | |
|---|---|---|---|
| ୦୧ | ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ୦୭ | ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ |
| ୦୨ | ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ୦୮ | ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ |
| ୦୩ | ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ୦୯ | ଶ୍ରୀମାନ୍ ସଞ୍ଜୟ କୁମାର ପଟ୍ଟନାୟକ |
| ୦୪ | ଶ୍ରୀମାନ୍ ଅନିଲ କୁମାର ମହାପାତ୍ର | ୧୦ | ଶ୍ରୀମାନ୍ ବିବେକାନନ୍ଦ ବେହେରା |
| ୦୫ | ଡକ୍ଟର ନୃପରାଜ ସାହୁ | ୧୧ | ଶ୍ରୀମତୀ ନର୍ମଦା ପାତ୍ର |
| ୦୬ | ଶ୍ରୀମାନ୍ ଅରୁଣ କୁମାର ସେଠୀ | ୧୨ | ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା |

## ବରଗଡ଼ ଜିଲ୍ଲା

| | | | |
|---|---|---|---|
| ୦୧ | ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ୦୭ | ଶ୍ରୀମାନ୍ ଅଶୋକ କୁମାର ମେହେର |
| ୦୨ | ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ୦୮ | ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ |
| ୦୩ | ଶ୍ରୀମାନ୍ ପରୀକ୍ଷିତ ଦାସ | ୦୯ | ଶ୍ରୀମତୀ ସୁଜାତା ମହାପାତ୍ର |
| ୦୪ | ଡାଃ. ଯଦୁମଣି ନାୟକ | ୧୦ | ଶ୍ରୀମାନ୍ ଅନ୍ତର୍ଯାମୀ ଦାସ |
| ୦୫ | ଶ୍ରୀମାନ୍ ମନୋରଞ୍ଜନ ଖମାରୀ | ୧୧ | ଶ୍ରୀମାନ୍ ସନକ ଭୋଇ |
| ୦୬ | ଶ୍ରୀମାନ୍ ଶିବ ପ୍ରସାଦ ଭୋଇ | | |

## କଟକ ଜିଲ୍ଲା

| | | | |
|---|---|---|---|
| ୦୧ | ପ୍ରଫେସର ଶରତ ଚନ୍ଦ୍ର ସେନାପତି | ୦୬ | ଶ୍ରୀମାନ୍ ରମେଶ ଚନ୍ଦ୍ର ନାୟକ |
| ୦୨ | ଶ୍ରୀମାନ୍ କାଳୁଚରଣ ବେହେରା | ୦୭ | ଶ୍ରୀମାନ୍ ରମାକାନ୍ତ ରାଉତ |
| ୦୩ | ଶ୍ରୀମତୀ ପାର୍ବତୀ ଦେଈ | ୦୮ | ଶ୍ରୀମାନ୍ ହରମୋହନ ସାହୁ |
| ୦୪ | ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | ୦୯ | ଶ୍ରୀମତୀ ସୁକାନ୍ତି ସ୍ୱାଇଁ |
| ୦୫ | ଶ୍ରୀମାନ୍ ବିଜୟ କୁମାର ତ୍ରିପାଠୀ | | |

**ଅବଶିଷ୍ଟାଂଶ ୩୨ ପୃଷ୍ଠାରେ**

❖❖❖

# ସମାଚାର ସଂସାର

## ହାଇଦ୍ରାବାଦରେ ବୈଦିକ ପରିବାର ପ୍ରଶିକ୍ଷଣ ଶିବିର

ବେଦ ପ୍ରଚାର ନିମନ୍ତେ ଶ୍ରୁତିନ୍ୟାସ ପକ୍ଷରୁ ଆରମ୍ଭ ହୋଇଥିବା ଅଭିନବ ଯୋଜନା 'ଜୀବନ ନିର୍ମାଣ ଶିବିର'ର ଉପାଦେୟତାକୁ ସମଗ୍ର ଆର୍ଯ୍ୟଜଗତ ସ୍ୱୀକାର କଲାଣି। ୨୦୧୫ର ଭୁବନେଶ୍ୱରରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ପ୍ରଶିକ୍ଷକ ରୂପେ ଯୋଗ ଦେଇଥିବା ଆର୍ଯ୍ୟଜଗତର ମୂର୍ଦ୍ଧନ୍ୟ ବିଦ୍ୱାନ୍ ଡଃ. ସୋମଦେବ ଶାସ୍ତ୍ରୀ ଏଥିରେ ପ୍ରଭାବିତ ହୋଇ ତଥା ବୈଦିକ ସିଦ୍ଧାନ୍ତ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି ଓ ସମର୍ପିତ କାର୍ଯ୍ୟକର୍ତ୍ତା ନିର୍ମାଣରେ ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରି ଆର୍ଯ୍ୟ ପ୍ରତିନିଧି ସଭା, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାକୁ ଶିବିର କରିବା ନିମନ୍ତେ ପ୍ରେରିତ କଲେ । ପ୍ରତିନିଧି ସଭା ପକ୍ଷରୁ ହାଇଦ୍ରାବାଦ୍‌ର ନରେନ୍ଦ୍ର ଭବନ ଠାରେ ଜାନୁଆରୀ ୭ରୁ ୧୦ ପର୍ଯ୍ୟନ୍ତ ବୈଦିକ ପରିବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ସହ ଡଃ. ସୋମଦେବ ଶାସ୍ତ୍ରୀ, ଡଃ. ପବିତ୍ରା ବେଦାଲଙ୍କାର, ଭଜନ ଉପଦେଶକ କୈଳାସ କର୍ମଠ, ଧର୍ମପାଳ ଶାସ୍ତ୍ରୀ(ଦିଲ୍ଲୀ) ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ । ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ପ୍ରାତଃ-ସାୟଂ ଉପାସନା ପ୍ରଶିକ୍ଷଣ, ସିଦ୍ଧାନ୍ତ ଜ୍ଞାନ ପ୍ରଶିକ୍ଷଣ ତଥା ଶଙ୍କା-ସମାଧାନ ଏଭଳି ପ୍ରଭାବଶାଳୀ ଥିଲା ଯେ, ପରିଣାମସ୍ୱରୂପ ଅନେକ ବ୍ୟକ୍ତି ମୂର୍ତ୍ତିପୂଜା, ଅବୈଦିକ ବ୍ରତ-ଉପବାସ ଛାଡ଼ିବାକୁ ସଂକଳ୍ପ ନେଇଥିଲେ। ଏହି ଶିବିରରେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶରୁ ପ୍ରାୟ ୩୦୦ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ । ଏହାର ପ୍ରଭାବରେ ମହାରାଷ୍ଟ୍ର, ତେଲେଙ୍ଗାନା ଓ ରାଜସ୍ଥାନର ବହୁ ସ୍ଥାନରୁ ଏଭଳି ଶିବିର ପାଇଁ ସ୍ୱାମୀଜୀଙ୍କୁ ନିମନ୍ତ୍ରଣ ଆସିଛି । ମଇ ମାସରେ ସତ୍ୟାର୍ଥପ୍ରକାଶର ରଚନାସ୍ଥଳୀ ଉଦୟପୁର ସତ୍ୟାର୍ଥ ପ୍ରକାଶ ନ୍ୟାସ ତଥା ଡଃ. ସୋମଦେବଙ୍କ ଗ୍ରାମ(ନେନୋରା, ମଧ୍ୟପ୍ରଦେଶ)ରେ ଏଭଳି ଶିବିର ଅନୁଷ୍ଠିତ ହେବାକୁ ଯାଉଛି ଯେଉଁଥିରେ ଯୋଗ ଦେବା ପାଇଁ ସ୍ୱାମୀଜୀ ସ୍ୱୀକୃତି ପ୍ରଦାନ କରିଛନ୍ତି । ❖

## ବାରିପଦାରେ ମାନବ ଧର୍ମ ସମ୍ମିଳନୀ

ବାରିପଦାର ସଦ୍‌ଭାବନା ସମିତି ଆନୁକୂଲ୍ୟରେ ମହାରାଣୀ ଧର୍ମଶାଳାସ୍ଥିତ ସଦ୍‌ଭାବନା ମଣ୍ଡପଠାରେ ଅନୁଷ୍ଠିତ ୩୭ତମ ମାନବ ଧର୍ମ ସମ୍ମିଳନୀରେ ଜାନୁଆରୀ ୧ରୁ ୩ ପର୍ଯ୍ୟନ୍ତ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ 'ସର୍ବ ଧର୍ମଶାସ୍ତ୍ରରେ ଆଚାର ସଂହିତା ଓ ମଣିଷ ହେବାର ରାସ୍ତା' ବିଷୟକ ପ୍ରବଚନ ଦେଇଥିଲେ । ସ୍ୱାମୀଜୀ କହିଲେ ଯେ ସବୁ ଧର୍ମଶାସ୍ତ୍ରରେ ଭଲ କଥା ରହିଛି। କିନ୍ତୁ ସ୍ୱାର୍ଥୀ ଲୋକମାନେ କେତେକ ଧର୍ମଶାସ୍ତ୍ରରେ କେବଳ ଠିକ୍ କଥା ନ ଲେଖି ସେମାନଙ୍କ ନିଜ ଦୋକାନ ଚଲାଇବା ପାଇଁ ସେମାନଙ୍କୁ ସୁହାଇବା ଭଳି ଅନେକ ଭୁଲ୍ କଥା ବି ଲେଖି ଦେଇଛନ୍ତି। ଆମକୁ ଏ କ୍ଷେତ୍ରରେ ସଜାଗ ରହିବାକୁ ପଡ଼ିବ। ଅପମିଶ୍ରିତ ଖାଦ୍ୟ ଶରୀରର ହାନି କଲା ଭଳି ଅପମିଶ୍ରିତ ଧର୍ମାଚରଣ ଆମ ଆତ୍ମାର ହାନି କରିବ। ଏଣୁ କାଠି-କୁଟା-ଗୋଡ଼ି ବାଛି ଚାଉଳ ରୋଷେଇ କଲା ଭଳି ଆମକୁ ଅପମିଶ୍ରିତ ଜିନିଷ ବାଛି ଧର୍ମର ଆଚରଣ କରିବାକୁ ହେବ। ଅଥବା ଅପମିଶ୍ରଣ ରହିତ ଶୁଦ୍ଧ ପଦାର୍ଥ ଆଣିଲା ଭଳି ଶୁଦ୍ଧ ଜ୍ଞାନ 'ବେଦ'ର ଅବଲମ୍ବନ କରିବାକୁ ହେବ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ଡଃ. ପ୍ରଫୁଲ୍ଲ କୁମାର ମିଶ୍ର ମଧ୍ୟ ବେଦର ବୈଜ୍ଞାନିକତା ଓ ଜୀବନରେ ବେଦର ଅପରିହାର୍ଯ୍ୟତା ବିଷୟରେ ବକ୍ତବ୍ୟ ରଖିଥିଲେ। ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ସଂପାଦକ ପୂର୍ଣ୍ଣଚନ୍ଦ୍ର ବୁଡୁଢ଼େଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସଭାର ପୂର୍ବତନ ସାଂସଦ ବୀରଭଦ୍ର ସିଂ, ଡଃ. ବିଜୟ କୁମାର ଅଗ୍ରୱାଲ, ଡା. ଆଦିତ୍ୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ❖

## ବାଲେଶ୍ୱରରେ ବେଦ ପ୍ରବଚନ

ବେଦ ପ୍ରଚାର ସମିତି, ବାଲେଶ୍ୱର ଶାଖା ତରଫରୁ ବାଲେଶ୍ୱରର ନୃତ୍ୟ ଓ ସଂଗୀତ କଳାମନ୍ଦିରଠାରେ ଜାନୁଆରୀ ୧୮ ଓ ୨୦ ଦୁଇ ଦିନିଆ ବେଦ ପ୍ରବଚନ ଅନୁଷ୍ଠିତ

ହୋଇଯାଇଛି । ସ୍ୱାମୀଜୀ ପ୍ରବଚନରେ କହିଲେ ଯେ ବେଦ ହେଉଛି ମାନବିକତାର ପଥ ପ୍ରଦର୍ଶକ । ବେଦର ସାର କଥା ହେଉଛି ମଣିଷ ହୁଅ । ଆଜି ମଣିଷ ନିଜକୁ ଭିନ୍ନ-ଭିନ୍ନ ସଂପ୍ରଦାୟର ସଂକୀର୍ଣ୍ଣ ଗଣ୍ଡି ଭିତରେ ବାନ୍ଧିଦେବାରୁ ତା'ର ମାନବିକତା ଲୋପ ପାଇଚାଲିଛି । ଏଇଥି ପାଇଁ ହିଁ ସମାଜରେ ଘୃଣା, ଦ୍ୱେଷ, ହିଂସା, ଆତଙ୍କବାଦ ଆଦି ବଢ଼ିଚାଲିଛି । ବ୍ୟଷ୍ଟି ଓ ସମଷ୍ଟିର ସାମଗ୍ରିକ କଲ୍ୟାଣ ସାଧନ କରିବାକୁ ହେଲେ ପରମପିତା ପରମାତ୍ମାଙ୍କ ଦ୍ୱାରା ସୃଷ୍ଟି ପ୍ରାରମ୍ଭରେ ପ୍ରଦତ୍ତ ବେଦର ରାଜପଥକୁ ଆମକୁ ଫେରିଯିବାକୁ ହେବ । ଡାକ୍ତର ସୁକାନ୍ତି ଦାସ, ଆଇନଜୀବୀ ନିରଞ୍ଜନ ମହାନ୍ତି, ଶୁଭଶ୍ରୀ ମହାପାତ୍ର, ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଶୁଚିସ୍ମିତା ଦାସ, ମମତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

୨୦.୦୧.୨୦୧୬ରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ବେଦ ପ୍ରବଚନ ଅନୁଷ୍ଠିତ ହୋଇଥିଲା । କୁଳପତି ପ୍ରଫେସର୍ ଶିବ ପ୍ରସାଦ ଅଧିକାରୀ ସ୍ୱାଗତ ଭାଷଣରେ କହିଲେ ଯେ, ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଭୌତିକ ଜ୍ଞାନ ସାଙ୍ଗକୁ ପ୍ରାଚୀନ ଭାରତୀୟ ଆଧ୍ୟାତ୍ମିକ ଜ୍ଞାନ ଏକାନ୍ତ ଆବଶ୍ୟକ । ଶ୍ରୁତିନ୍ୟାସ ପକ୍ଷରୁ ସମାଜରେ ନୈତିକ ମୂଲ୍ୟବୋଧର ସୁରକ୍ଷା ଓ ସମ୍ବର୍ଦ୍ଧନ ପାଇଁ ବେଦାଧାରିତ ଯେଉଁ ଶିକ୍ଷା ପ୍ରଦାନ କରାଯାଉଛି ତାହା ସ୍ତୁତ୍ୟ । ସ୍ୱାମୀଜୀ ଛାତ୍ର ଓ ଅଧ୍ୟାପକଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ – **'ସା ବିଦ୍ୟା ଯା ବିମୁକ୍ତୟେ'** – ବିଦ୍ୟା ତାହା, ଯାହା ମନୁଷ୍ୟକୁ ଅଜ୍ଞାନ, ଅନ୍ଧବିଶ୍ୱାସ, କୁସଂସ୍କାର, ଶୋଷଣ, ଅନୀତି-ଦୁର୍ନୀତି ଆଦିରୁ ମୁକ୍ତି ଦିଏ । କିନ୍ତୁ ଦୁଃଖର ବିଷୟ ଯେ ବିଜ୍ଞାନର ଅଗ୍ରଗତି ସହ ସମାଜରେ ଅନ୍ଧବିଶ୍ୱାସ, ଶୋଷଣ, ଦୁର୍ନୀତି ବଢ଼ିଚାଲିଛି । ଏଣୁ ଆଜିର ଆବଶ୍ୟକତା ହେଲା ଛାତ୍ର-ଯୁବକମାନେ ବୈଦିକ ଶିକ୍ଷା ପ୍ରତି ଆଗ୍ରହୀ ହୋଇ ଏହି ଯଥାର୍ଥ ଜ୍ଞାନ ଆଧାରରେ ନିଜ ଜୀବନକୁ ପରିମାର୍ଜିତ କରିବା ସଂଗେ-ସଂଗେ ଏକ ସୁନ୍ଦର ସମାଜ ରଚନା କରିବେ ।❖

**ସମ୍ବଲପୁରରେ ବେଦ ପ୍ରବଚନ**

ଆର୍ଯ୍ୟସମାଜ ସମ୍ବଲପୁର ଆନୁକୂଲ୍ୟରେ ସାଲିହା ବଗିଚା ସ୍ଥିତ ଲାୟନ୍ସ କ୍ଲବ୍‌ଠାରେ ଫେବ୍ରୁଆରୀ ୫ ରୁ ୭ ପର୍ଯ୍ୟନ୍ତ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ବେଦ ପ୍ରବଚନ ଅନୁଷ୍ଠିତ ହୋଇ ଯାଇଛି । ବ୍ୟାଖ୍ୟାନରେ ସ୍ୱାମୀଜୀ କହିଲେ ଯେ, ଜ୍ଞାନପ୍ରାପ୍ତି ପାଇଁ ଦୁଇଟିର ଆବଶ୍ୟକତା ଥାଏ– ପୁସ୍ତକ ଓ ଶିକ୍ଷକ । ଉଭୟ ଭଲ ହେଲେ ଶିକ୍ଷା ବି ଉତ୍ତମ ହୁଏ ଏବଂ ଭୁଲ ହେଲେ ଶିକ୍ଷା ବି ଭୁଲ ହୋଇ ଶିକ୍ଷାର୍ଥୀର ହାନି ହୁଏ । ଲୌକିକ କ୍ଷେତ୍ର ଭଳି ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ସମୁଚିତ ଉନ୍ନତି ନିମନ୍ତେ ଯଥାର୍ଥ ଆଧ୍ୟାତ୍ମିକ ପୁସ୍ତକ ଓ ଯଥାର୍ଥ ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କ ଅନୁସରଣ ଆବଶ୍ୟକ । ତେବେ ବିଡ଼ମ୍ବନାର ବିଷୟ ହେଲା ଯେ ଅଯୋଗ୍ୟ ଓ ଅଧାର୍ମିକ ବ୍ୟକ୍ତିମାନେ ଆଜି ବହୁଳ ସଂଖ୍ୟାରେ ଆଧ୍ୟାତ୍ମିକ ମାର୍ଗଦର୍ଶକର କାର୍ଯ୍ୟ ତୁଲାଉଛନ୍ତି । ଧର୍ମ-ଅଧ୍ୟାତ୍ମ କ୍ଷେତ୍ରରେ ଏକ ବିରାଟ ଅରାଜକତା । ଆଜି ବିନା ପୁଞ୍ଜିରେ ଧନ ରୋଜଗାରର ବଳିଷ୍ଠ ମାଧ୍ୟମ ହେଉଛି ବାବାଗିରି । ଯେଉଁମାନେ ଯଥାର୍ଥରେ ନିଜ ଆତ୍ମାର କଲ୍ୟାଣ ଚାହୁଁଛନ୍ତି ସେମାନେ ସର୍ବଜ୍ଞ ପରମେଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ଶୁଦ୍ଧ ଜ୍ଞାନ 'ବେଦ' ଏବଂ ବେଦଜ୍ଞ ଆଧ୍ୟାତ୍ମିକ ଆଚାର୍ଯ୍ୟଙ୍କ ପ୍ରଦର୍ଶିତ ପଥରେ ଚାଲିଲେ ହିଁ ଅଭ୍ୟୁଦୟ ଓ ନିଃଶ୍ରେୟସ ପ୍ରାପ୍ତ କରିପାରିବେ । ଆଚାର୍ଯ୍ୟ ସୋମଦତ୍ତ ଶାସ୍ତ୍ରୀ, ଗୋପାଳ ଦାସ ରାଓ୍ୱଲ, ନବୀନ ପଟେଲ, ମନୋରଂଜନ ବାବୁ, ଲକ୍ଷ୍ମଣ ପ୍ରଧାନ, ଶ୍ରୀ ବଡ଼ଗଇଁଆ, ସୁରଭି ସାହୁ, ସିଦ୍ଧେଶ୍ୱର ପ୍ରମୁଖଙ୍କ ସଦୁଦ୍ୟମରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ।

ବିଭିନ୍ନ ଦିବସରେ ସ୍ୱାମୀଜୀ ସମ୍ବଲପୁରର ବିଭିନ୍ନ ଶିକ୍ଷଣାଳୟ, ଯଥା– ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ 'ବୃତ୍ତିଗତ ସଫଳତାରେ ଆଧ୍ୟାତ୍ମିକତାର ଭୂମିକା', ସରକାରୀ ମହିଳା ମହାବିଦ୍ୟାଳୟରେ 'ବର୍ତ୍ତମାନ ସମୟରେ ନାରୀର ଉତ୍ତରଦାୟିତ୍ୱ', କେନ୍ଦ୍ରୀୟ ବିଦ୍ୟାଳୟରେ 'ଏକାଗ୍ରତା ଓ ମାନସିକ ଶକ୍ତି', ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ 'ଛାତ୍ରର ଲକ୍ଷ୍ୟ ଓ ସଫଳତା ପ୍ରାପ୍ତି', ଧନୁପାଳି ସରସ୍ୱତୀ ବିଦ୍ୟାମନ୍ଦିରରେ 'ସଫଳତା ଓ ଆତ୍ମବିଶ୍ୱାସ' ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହ ସେମାନଙ୍କ ବିବିଧ ଶଙ୍କାର ସମାଧାନ କରିଥିଲେ ।

*ଅବଶିଂଷାଂଶ ୩ ପୃଷ୍ଠାରେ*

❖❖❖






ବାଲେଶ୍ୱରର ନୃତ୍ୟ ଓ ସଂଗୀତ କଳା ମନ୍ଦିରଠାରେ ସ୍ୱାମୀ ସୁଧାନନ୍ଦଙ୍କ ବେଦ ପ୍ରବଚନ



ବାରିପଦାର ସଦ୍ଭାବନା ମଣ୍ଡପରେ ମଞ୍ଚାସୀନ ସ୍ୱାମୀ ସୁଧାନନ୍ଦ, ଡଃ. ପ୍ରଫୁଲ୍ଲ କୁମାର ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ




ଖାଲଗାଁରେ ସ୍ୱାମୀଜୀ ପ୍ରବଚନ ଦେଉଛନ୍ତି




ଜଗତ୍‌ସିଂହପୁରର ଖାଲଗାଁରେ ସ୍ୱାମୀଜୀଙ୍କ ପ୍ରବଚନ



ସାହିତ୍ୟ ପ୍ରଚାରରେ ରତ ଇ. କୁମାର ସ୍ୱାମୀ ଓ ଦୁଷ୍ମନ୍ତ ସ୍ୱାଇଁ





ଜଗତ୍‌ସିଂହପୁର ଖାଲଗାଁରେ ବେଦ ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରୋତୃମଣ୍ଡଳୀ

**RNI Regn. No. : ODIODI/2015/65938**

₹ 20/- Shruti Sourabha Vol. 1 Issue 3 Mar.-Apr. 2016



ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ପ୍ରତିନିଧି ସଭାର ସଭାପତି ବିଟ୍‌ଠଲ ରାଓ ଓ ସଂପାଦକ ହରିକୃଷ୍ଣ ବେଦାଳଙ୍କାର



ଶିବିରରେ ଭଜନ ପରିବେଷଣ



ଈଶ୍ୱର ସ୍ତୁତି-ପ୍ରାର୍ଥନା ସହ ଶିବିର ଉଦ୍‌ଘାଟନ



ଶିବିର ସମାପନ ଉତ୍ସବର ଏକ ଦୃଶ୍ୟ






ଫକୀର ମୋହନ ବିଶ୍ୱବିଦ୍ୟାଳୟ(ବାଲେଶ୍ୱର)ରେ ସ୍ୱାମୀଜୀଙ୍କ ବେଦ ପ୍ରବଚନ । କାର୍ଯ୍ୟକ୍ରମରେ ଉପସ୍ଥିତ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ଅଧ୍ୟାପକ ଓ ଛାତ୍ରବୃନ୍ଦ

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, Sailashree Vihar, PO - Chandrasekharpur, BBSR - 21
**Editor : Padmanabha Swain**